

୨୦୨୭ରେ
ଆନିମଲ୍ ପାର୍କ
▶ପୃଷ୍ଠା ୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-138 •BHUBANESWAR •THURSDAY •14 NOVEMBER 2024 •PAGE-14 •₹ 6.00

•ବର୍ଷ-୪୨ •ସଂଖ୍ୟା-୧୩୮ •ଭୁବନେଶ୍ୱର •ଗୁରୁବାର •୧୪ ନଭେମ୍ବର ୨୦୨୪ •ପୃଷ୍ଠା-୧୪ •ଟ.୬.୦୦

# ବୁଲ୍‌ଡୋଜରକୁ ସୁପ୍ରିମ ଛାଟ

## କାର୍ଯ୍ୟାନୁଷ୍ଠାନକୁ ବେଆଇନ ଘୋଷଣା କଲେ

■ ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି): ସୁପ୍ରିମକୋର୍ଟ ଆଜି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ବିଭିନ୍ନ ରାଜ୍ୟରେ ଅଭିଯୁକ୍ତର ଘର ଭାଙ୍ଗିବା ଲାଗି ଚାଲିଥିବା ଆଖିବୁଜା ବୁଲଡୋଜର କାର୍ଯ୍ୟାନୁଷ୍ଠାନକୁ ବେଆଇନ ଘୋଷଣା କରିଛନ୍ତି। ଘର ଭାଙ୍ଗିପାରିବେ ନାହିଁ। କୌଣସି ଅଧିକାରୀ ଏଭଳି କାମ କଲେ କିମ୍ବା କୋର୍ଟ ଦ୍ୱାରା ପ୍ରସ୍ତୁତ ଗାଇଡଲାଇନ୍ସର ଉଲ୍ଲଂଘନ କଲେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତାଙ୍କ ବିରୋଧରେ ଅଦାଲତ

### ଜାରି କଲେ କଠୋର ମାର୍ଗଦର୍ଶିକା
### ଉଲ୍ଲଂଘନ ହେଲେ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ
### ବେତନରୁ ଆଦାୟ ହେବ କ୍ଷତିପୂରଣ



ଏ ସଂପର୍କରେ କଠୋର ଗାଇଡଲାଇନ୍ସ ଜାରି କରି ସ୍ପଷ୍ଟ କରିଦେଇଛନ୍ତି ଯେ କାର୍ଯ୍ୟପାଳିକା ନିଜ ସୀମା ଅତିକ୍ରମ କରି ନ୍ୟାୟପାଳିକାର ଭୂମିକା ଗ୍ରହଣ କରିପାରିବ ନାହିଁ। ଜଣେ ଅଧିକାରୀ କୌଣସି ଅଭିଯୁକ୍ତକୁ ଦୋଷୀ ଘୋଷଣା କରି ତାର ଅବମାନନା ମାମଲା ରୁଜୁ କରାଯିବ ସହିତ ସେମାନଙ୍କ ବେତନରୁ କ୍ଷତିପୂରଣ ପ୍ରଦାନ କରାଯିବ। ଜଷ୍ଟିସ ବି.ଆର. ଗଭାଇ ଏବଂ ଜଷ୍ଟିସ କେ.ଭି.ବିଶ୍ୱନାଥନଙ୍କୁ ନେଇ ଗଠିତ ବେଞ୍ଚ ଆଜି ଏହି ରାୟ ଶୁଣାଇ କହିଛନ୍ତି ଯେ ▶ପୃଷ୍ଠା-୭

### ଘର କା ସପ୍‌ନା ...

ଅପ୍‌ନା ଘର୍ ହୋ, ଅପ୍‌ନା ଆଙ୍ଗନ୍ ହୋ
ଇସ୍ ଖ୍ୱାବ ମେଁ ହର୍ କୋଇ ଜିତା ହୈ
ଇନ୍‌ସାନ କେ ଦିଲ୍ କି ଚାହତ୍ ହୈ
ଏକ ଘର୍‌କା ସପନା କଭି ନ ଟୁଟେ..

ବୁଲଡୋଜର କାର୍ଯ୍ୟାନୁଷ୍ଠାନକୁ ବେଆଇନ ଘୋଷଣା କରିବା ସମୟରେ ସୁପ୍ରିମକୋର୍ଟଙ୍କ ମାନ୍ୟବର ବେଞ୍ଚ ଆଜି ସୁପ୍ରସିଦ୍ଧ ହିନ୍ଦୀ କବି ପ୍ରଦୀପଙ୍କ ଉପେରୋକ୍ତ କବିତା ପଢ଼ି ଶୁଣାଇଥିଲେ। ଏହି କବିତାର ଅର୍ଥ ହେଉଛି, ସବୁ ମଣିଷର ସ୍ୱପ୍ନ ଥାଏ ନିଜର ଗୋଟିଏ ଘର ହେଉ, ଗୋଟିଏ ଅଗଣା ହେଉ। ଘର ପାଇଁ ଏହି ସ୍ୱପ୍ନ ଭାଙ୍ଗିବା ଠିକ୍ ନୁହେଁ। ମାନ୍ୟବର ବେଞ୍ଚ କହିଲେ ଯେ ବ୍ୟକ୍ତି ହେଉ କି ପରିବାର ସମସ୍ତଙ୍କର ସ୍ୱପ୍ନ ଘରଟିଏ ପାଇଁ ଥାଏ। ଏହା ହେଉଛି ସ୍ଥିରତା ଏବଂ ସୁରକ୍ଷାର ପ୍ରତୀକ। ଏହି ସ୍ୱପ୍ନକୁ ଅକ୍ଷୁଣ୍ଣ ରଖାଯାଉ।



# ଦିଲ୍ଲୀ ସ୍ଥିତି ଗମ୍ଭୀର

## ପ୍ରଦୂଷଣ ଏକ୍ୟୁଆଇ ସ୍ତର ୪୦୦ ପାର୍

■ ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି): ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରଦୂଷଣର ମାତ୍ରା ଭୟଙ୍କର ସ୍ଥିତିରେ ପହଞ୍ଚିଛି। ଏହାକୁ ନେଇ ଦିଲ୍ଲୀ ସମେତ ଫରିଦାବାଦ , ନୋଏଡା, ଗାଜିଆବାଦ ଏବଂ ଗୁରୁଗ୍ରାମ ଆଦି ସହରାଞ୍ଚଳ ବାୟୁମଣ୍ଡଳ କଳାବାଦଲ ଚଦର ଢାଙ୍କି ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ କୌଣସି ବସ୍ତୁ ନିକଟରୁ ଦୃଶ୍ୟମାନ ହେବା କଠିନ ହୋଇପଡ଼ିଛି। ଚାରିଆଡେ କେବଳ ଧୂଆଁର ▶ପୃଷ୍ଠା-୭

# ଝାଡ଼ଖଣ୍ଡରେ ୬୫ ପ୍ରତିଶତ ମତଦାନ

■ ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି): ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ବୁଧବାର ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୪୩ଟି ବିଧାନସଭା ଆସନ ପାଇଁ ମତଦାନ କରାଯାଇଥିଲା। ୧୭ଟି ଅଣସଂରକ୍ଷିତ ଆସନ ସମେତ ୨୦ଟି ସଂରକ୍ଷିତ ଆସନ ପାଇଁ ଭୋଟ ଗ୍ରହଣ କରାଯାଇଥିଲା ବେଳେ ବିଭିନ୍ନ ଜିଲ୍ଲାରେ ମତଦାନ ପାଇଁ ଲୋକଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ୫ଟା ସୁଦ୍ଧା ହାରାହାରି ମତଦାନ ହାର ୬୫ପ୍ରତିଶତ ରହିଥିବା ନିର୍ବାଚନ କମିସନଙ୍କ ପକ୍ଷରୁ ଦିଆଯାଇଥିବା ସୂଚନାରୁ ଜଣାପଡ଼ିଛି। ପାଗ ଅନୁକୂଳ ରହିଥିବାରୁ ପ୍ରତ୍ୟେକ ନିର୍ବାଚନୀ ମଣ୍ଡଳୀରେ ଭୋଟରଙ୍କ ଉତ୍ସାହ ଦେଖିବାକୁ ମିଳିଥିବା କୁହାଯାଇଛି। ଏପରିକି ୨୦୧୯ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନରେ ଭୋଟ ପ୍ରତିଶତ ଯଥେଷ୍ଟ ବଢ଼ିଛି ବୋଲି କୁହାଯାଇଛି। କେତେକ ସ୍ଥାନରେ ଭୋଟ ପ୍ରତିଶତ ୭୦ ପ୍ରତିଶତରୁ ଅଧିକ ▶ପୃଷ୍ଠା-୭

# ଯୋଗାଣମନ୍ତ୍ରୀଙ୍କ ବାତୁଳା ବୟାନ



## ଜାନୁଆରୀରେ ନୂଆ ରାସନ କାର୍ଡ: ଦ୍ୱନ୍ଦ୍ୱରେ ହିତାଧିକାରୀ

■ ଭୁବନେଶ୍ୱର, ୧୩।୧୧ (ସମିସ): ଥରେ ନୁହେଁ କି ଦୁଇଥର ନୁହେଁ; ତିନି ତିନିଥର ନୂଆ ହିତାଧିକାରୀଙ୍କୁ ରେସନ କାର୍ଡ ମିଳିବ ବୋଲି ଘୋଷଣା କରି ବି ଫେଲ୍ ମାରିଛନ୍ତି ଯୋଗାଣମନ୍ତ୍ରୀ। ଅକ୍ଟୋବରରେ ରାସନ କାର୍ଡ ନ ମିଳିବା ପରେ ଏବେ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆସନ୍ତା ଜାନୁଆରୀ ମାସରେ ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାସନ କାର୍ଡ ପାଇବେ ବୋଲି କହିଛନ୍ତି। ତିନିଥର କଥା ଫେଲ୍ ମାରିବା ପରେ ଯୋଗାଣମନ୍ତ୍ରୀଙ୍କ କଥା ଜାନୁଆରୀରେ କାର୍ଯ୍ୟକାରୀ ହେବ କି ନାହିଁ, ତାକୁ ନେଇ ହିତାଧିକାରୀଙ୍କ ମନରେ ସଂଶୟ ବଢ଼ୁଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅଯୁତ ଅଯୁତ ଯୋଗ୍ୟ ହିତାଧିକାରୀ ନୂଆ କାର୍ଡ ପାଇବା ପାଇଁ ଅପେକ୍ଷାରତ ଅଛନ୍ତି। ରାସନ କାର୍ଡ ମିଳିଲେ 'ବିଏସ୍‌କେୱାଇ' ଜରିଆରେ ଗୁରୁତର ସ୍ୱାସ୍ଥ୍ୟ ସେବାର ଚିକିତ୍ସା କରାଇବେ ବୋଲି ମଧ୍ୟ ଗରିବ ରୋଗୀ ଆଶା ବାନ୍ଧିଛନ୍ତି। ହେଲେ ରାଜ୍ୟ ସରକାର ଓ ଯୋଗାଣ ମନ୍ତ୍ରୀ ଲୋକଙ୍କର ବିଶ୍ୱାସ ସହ ଖେଳ ଖେଳୁଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି।

ଆଧାର କାର୍ଡରେ ଥିବା ତ୍ରୁଟି, ସଚେତନତା ଅଭାବ ଓ ଅନ୍ୟାନ୍ୟ କାରଣ ପାଇଁ ରାଜ୍ୟରେ ହଜାର ହଜାର ଯୋଗ୍ୟ ହିତାଧିକାରୀ ରାସନ କାର୍ଡ କରି ପାରିନାହାନ୍ତି। ଗତ ତିନି ବର୍ଷ ହେଲା 'ବିଏସ୍‌କେୱାଇ' ସମେତ ବିଭିନ୍ନ ▶ପୃଷ୍ଠା-୭

# ୭ ବର୍ଷରେ ଏସ୍‌ଆଇରୁ ଇନ୍ସପେକ୍ଟର୍ ପଦୋନ୍ନତି

■ ଭୁବନେଶ୍ୱର, ୧୩।୧୧ (ସମିସ): ସବ୍-ଇନ୍ସପେକ୍ଟର(ଏସ୍‌ଆଇ) ରୁ ଇନ୍ସପେକ୍ଟର ପଦୋନ୍ନତି ପାଇଁ ଥିବା ନିୟମରେ ଚଳିତ ବର୍ଷ ପାଇଁ କୋହଳ କରିଛନ୍ତି ରାଜ୍ୟ ସରକାର। ଚଳିତ ବର୍ଷ ପାଇଁ ଏସ୍‌ଆଇମାନଙ୍କ ପଦୋନ୍ନତିକୁ ୧୦ ବର୍ଷରୁ ୭ ବର୍ଷକୁ ହ୍ରାସ କରାଯାଇଛି। ଏନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏସ୍‌ଆଇମାନଙ୍କ ପଦୋନ୍ନତି ନେଇ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ସମୀକ୍ଷା କରିବା ପରେ ରାଜ୍ୟ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ବିଜ୍ଞପ୍ତି ଅନୁଯାୟୀ ୨୦୨୪ ଜାନୁଆରୀ ୧ ତାରିଖ ସୁଦ୍ଧା ଯେଉଁମାନେ ୭ ବର୍ଷ ଏସ୍‌ଆଇ ଭାବେ କାର୍ଯ୍ୟ କରିସାରିଥିବେ ସେମାନଙ୍କୁ ଇନ୍ସପେକ୍ଟର ପଦବୀକୁ ପଦୋନ୍ନତି ଦେବା ପାଇଁ ବିଚାର କରାଯିବ।

**ଚଳିତ ବର୍ଷ ପାଇଁ ନିୟମରେ କୋହଳ**

## ପରୀକ୍ଷାର୍ଥୀଙ୍କ ଚାପରେ ନଇଁଲେ ସରକାର

# ପାରଦର୍ଶୀ ହେବ ନିଯୁକ୍ତି ପରୀକ୍ଷା

■ ଭୁବନେଶ୍ୱର, ୧୩।୧୧ (ସମିସ): ନିଯୁକ୍ତି ଭିତ୍ତିକ ପରୀକ୍ଷାରେ ବ୍ୟାପକ ଅନିୟମିତତାକୁ ନେଇ ସାରା ରାଜ୍ୟରେ ବିକ୍ଷୋଭ ଓ ପ୍ରତିବାଦ ଚାଲିଥିବାବେଳେ ପରୀକ୍ଷାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ପାଇଁ ଆଇନ ଆଣିବେ ସରକାର। ଏ ସଂକ୍ରାନ୍ତ ଏକ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଆସନ୍ତା ବିଧାନସଭା ଅଧିବେଶନରେ ସରକାର ଏ ସଂକ୍ରାନ୍ତରେ ବିଧେୟକ ସରକାର ଆଗତ କରିବେ। ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଗୃହୀତ ପ୍ରସ୍ତାବ ଅନୁସାରେ ନିଯୁକ୍ତି ପରୀକ୍ଷା ସମୟରେ ଅନିୟମିତତା, ଅନୁଚିତ ଉପାୟ ଓ ଅପରାଧର ଆଶ୍ରୟ ନେଲେ ପରୀକ୍ଷାର୍ଥୀଙ୍କୁ ତାଙ୍କୁ ୩ରୁ ୫ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଦିଆଯିବ। ସେହିପରି ଦଶଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦଣ୍ଡରେ ମଧ୍ୟ ଦଣ୍ଡିତ କରାଯିବ। ସେହିପରି ▶ପୃଷ୍ଠା-୭

**ଅନିୟମିତତା ପାଇଁ ୫ ବର୍ଷ ଜେଲ, ୧୦ ଲକ୍ଷ ଯାଏ ଜରିମାନା**

**ସେବା ପ୍ରଦାନକାରୀ ସଂସ୍ଥା ଉପରେ ହେବ କୋଟିଏ ଟଙ୍କା ପର୍ଯ୍ୟନ୍ତ ଜରିମାନା**

**ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ, ସରକାର ଆଣିବେ ବିଧେୟକ**

**ରାଜ୍ୟ କ୍ୟାବିନେଟ୍‌ରେ ମୋଟ ୮ଟି ପ୍ରସ୍ତାବକୁ ମିଳିଲା ଅନୁମୋଦନ**

# ଆସିକାରେ ଡବଲ୍ ମର୍ଡର୍

■ ଆସିକା, ୧୩।୧୧ (ସମିସ): ଆସିକା ଥାନା ଅନ୍ତର୍ଗତ ଖଣ୍ଡଦେଉଳି ପଞ୍ଚାୟତର ସମେଇଗୁଡ଼ା ନିକଟସ୍ଥ ଭରତପଲ୍ଲୀ ଗ୍ରାମ ନିକଟ ପଦରମାଳରେ ବଡ଼ ଭାଇ ଓ ଭାଉଜ ନିଜ ଜମିରେ ଚାଷକାମ କରୁଥିବାବେଳେ ସାନଭାଇ, ତା'ସ୍ତ୍ରୀ ଓ ପୁଅ ସେମାନଙ୍କୁ ନୃଶଂସ ହତ୍ୟା କରିବା ଭଳି ଅଭାବନୀୟ ଘଟଣା ଘଟିଛି। ଏହି ଘଟଣାରେ ପୁଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଖବର ନେବାରୁ ଜଣାପଡ଼ିଛି ଯେ, ବୁଧବାର ପୂର୍ବାହ୍ଣରେ ରାଜୁ ପାତ୍ର(୬୦) ପତ୍ନୀ ମଳା ପାତ୍ରଙ୍କ ସହ ମିଶି ବିଲରେ କାମ କରୁଥିବା ବେଳେ ସାନଭାଇ ଭବାନୀ ପାତ୍ର, ସ୍ତ୍ରୀ ରଞ୍ଜିତା ଓ ପୁଅ ପପୁନୁ ସେଠାରେ ପହଞ୍ଚିଥିଲେ। ପୂର୍ବ ଯୋଜନା ଅନୁଯାୟୀ ୩ ଜଣ ମିଶି ମଳାଙ୍କୁ ମାରଧର କରିବା ସହ ବଳପୂର୍ବକ ବିଷ ଖୁଆଇ ଦେଇଥିଲେ। ବଡ଼ଭାଇ ରାଜୁ ପାତ୍ର ଏହାର ପ୍ରତିବାଦ କରିବାରୁ ସାନଭାଇ ଭବାନୀ ତାଙ୍କ ସ୍ତ୍ରୀ ଓ ପୁଅ ମଶି ବଡ଼ଭାଇ ରାଜୁଙ୍କ ତଣ୍ଟିକୁ ଧାରୁଆ ଅସ୍ତ୍ରରେ କାଟିଦେଇ ଥିଲେ। ଘଟଣାସ୍ଥଳରେ ହିଁ ବଡ଼ଭାଇ ରାଜୁଙ୍କ ମୃତ୍ୟୁ ହୋଇଥିବାବେଳେ ରାଜୁ ସ୍ତ୍ରୀ ମଳାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଆସିକା ଉପଖଣ୍ଡ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଆକ୍ରମଣକାରୀ ସାନଭାଇ ଓ ତା ପରିବାର ସଦସ୍ୟମାନେ ଘଟଣାସ୍ଥଳରୁ ଫେରାର ▶ପୃଷ୍ଠା-୭

**ସାନଭାଇର ଆକ୍ରମଣରେ ଭାଇ-ଭାଉଜ ମୃତ**

# ବିଜେଡି ନେତାଙ୍କୁ ବୀଭତ୍ସ ହତ୍ୟା



## ୨୪ ଘଣ୍ଟାରେ ଗିରଫ ନ ହେଲେ ଆନ୍ଦୋଳନ ଚେତାବନୀ

■ ଭଦ୍ରକ, ୧୩।୧୧ (ସମିସ): ଭଦ୍ରକ ଜିଲ୍ଲାରର ଜଣେ ପୂର୍ବତନ ସରପଞ୍ଚ, ବିଜେଡିର ଯୁବନେତା ତଥା ଆମ୍ବରୋଳି ସେବା ସମବାୟ ସମିତି ଚିତ୍ତରଞ୍ଜନ ରାଉତ (ନାଲୁ) ଙ୍କୁ ହତ୍ୟା କରାଯାଇଛି। ଗତକାଲି ରାତିରେ ସେ ଏକ ଅଷ୍ଟପ୍ରହରୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇ ଘରକୁ ଫେରି ନ ଥିଲେ। ରାତି ସାରା ତାଙ୍କ ମୋବାଇଲ୍ ବନ୍ଦ ରହିଥିଲା। ବୁଧବାର ସକାଳେ ତାଙ୍କର ରକ୍ତ ଜୁଡୁବୁଡୁ ଶରୀର ବନ୍ଧଗାଁ ନିକଟସ୍ଥ ରାସ୍ତା ପାର୍ଶ୍ୱରୁ ଉଦ୍ଧାର କରାଯାଇଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ତାଙ୍କୁ ମିଳିତ ଭାବରେ କିଛି ଦୁର୍ବୃତ୍ତ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଚିତ୍ତରଞ୍ଜନ ବିଜୁ ଜନତା ଦଳର ଜଣେ ସକ୍ରିୟ ସଦସ୍ୟ ସହ ମିଷ୍ଟଭାଷୀ ଓ ପରୋପକାରୀ ଯୁବନେତା ଥିଲେ। ସକାଳୁ ଘରଠାରୁ କିଛି ଦୂରରେ ଥିବା ଏକ ନାଳରୁ ଚିତ୍ତରଞ୍ଜନଙ୍କ ରକ୍ତ ଜୁଡୁବୁଡୁ ମରଶରୀର ମିଳିବା ପରେ ତାଙ୍କ ପରିବାର ଲୋକମାନେ ହତ୍ୟା ଅଭିଯୋଗ ଆଣିଛନ୍ତି। ଘଟଣାସ୍ଥଳରେ ଗ୍ରାମାଞ୍ଚଳ ପୁଲିସ ଓ ସାଇଣ୍ଟିଫିକ ଟିମ ପ୍ରାଥମିକ ତଦନ୍ତ ▶ପୃଷ୍ଠା-୭






## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ । ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବ । ଅଚାନକ ଖୁସି ଖବର ପାଇବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି । ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ଧନପ୍ରାପ୍ତି ଯୋଗ ରହିଛି । ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ । ବିଦ୍ୟାର୍ଥୀମାନେ ଖେଳକୁଦରେ ସମୟ ବିତାଇବେ ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ଘରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ ।

**ତୁଳା:** ଅକସ୍ମାତ ଖୁସି ଖବର ପାଇପାରନ୍ତି । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ । ଗୁରୁଜନଙ୍କ ପରାମର୍ଶରେ ବ୍ୟବସାୟ ଆରମ୍ଭ କରନ୍ତୁ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ଯାନବାହନ ଚଳାଚଳ ସମୟରେ ସତର୍କ ରୁହନ୍ତୁ ।

**ଧନୁ:** ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ । ପଡ଼ୋଶୀଙ୍କ ମଧ୍ୟରେ ବାଦ ବିବାଦ ବଢ଼ିପାରେ ।

**ମକର:** ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ ।

**କୁମ୍ଭ:** ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ । ଅଯଥା କଥାରେ ମୁଣ୍ଡ ପୁରାନ୍ତୁନି ।

**ମୀନ:** ଅନ୍ୟମାନଙ୍କୁ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ । ଦାନ ଧର୍ମରେ ସମୟ ବିତିବ ।

## ଆଜିର ଇତିହାସ

- ୧୯୨୨- ବିବିସି, ବ୍ରିଟେନ୍‌ରେ ରେଡିଓ ସେବା ଆରମ୍ଭ କଲା ।
- ୧୯୭୦- ଚେକ୍ ଗଣରାଜ୍ୟର ଦୁଇଟି ଟ୍ରେନ୍ ମୁହାଁମୁହିଁ ହେବାରୁ ୧୧୦ ଯାତ୍ରୀଙ୍କ ମୃତ୍ୟୁ ।
- ୧୯୬୯ - ଆପୋଲୋ-୧୨କୁ ଅନ୍ତରୀକ୍ଷକୁ ପ୍ରକ୍ଷେପଣ କରାଗଲା ।
- ୨୦୦୨- ଚୀନ୍‌ର ରାଷ୍ଟ୍ରପତି ଜିଆଙ୍ଗ୍ ଜେମିନ୍ ନିଜ ପଦରୁ ଇସ୍ତଫା ଦେଲେ ।




# ନିରବ ଘାତକ ମଧୁମେହ

ମଧୁମେହ ରୋଗ ବିଷୟରେ ସଚେତନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ 'ବିଶ୍ୱ ମଧୁମେହ ଦିବସ' ଭାବେ ପାଳନ କରାଯାଏ । ଏହି ଦିବସର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ୱାସ୍ଥ୍ୟ ଶିବିର, ସ୍ୱାସ୍ଥ୍ୟ ସମ୍ବନ୍ଧିତ ବାର୍ତ୍ତା ତଥା ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମଧୁମେହ ରୋଗ ପ୍ରତି ଜନସଚେତନା ସୃଷ୍ଟି କରିବା । ସାରା ବିଶ୍ୱରେ ମଧୁମେହ ରୋଗ ଏକ ମହାମାରୀର ରୂପ ନେବାକୁ ବସିଲାଣି । ଏହାକୁ ସ୍ଲୋ ପଏଜନ୍(ନିରବ ଘାତକ) ବୋଲି ମଧ୍ୟ କୁହାଯାଏ । କେବଳ ବୟସ୍କ ନୁହଁନ୍ତି, ଯୁବପିଢ଼ି ଏପରିକି କମ୍ ବୟସର ପିଲା ବି ଏହି ରୋଗରେ କବଳିତ ହେଉଛନ୍ତି ।

ସେହିପରି ୧୮୯୧ ଆଜିର ଦିନ ହେଉଛି ଇନ୍‌ସୁଲିନ୍‌ର ସହ ଆବିଷ୍କାରକ ସାର୍ ଫ୍ରେଡରିକ୍ ବାଣ୍ଟିଙ୍ଗଙ୍କ ଜନ୍ମଦିନ । ୧୯୯୧ରେ ଅନ୍ତର୍ଜାତୀୟ ମଧୁମେହ ସଂଘ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମିଶି ଏହି ଦିବସ ପାଳନ ଆରମ୍ଭ କରିଥିଲେ । ମଧୁମେହ ରୋଗ ହେଲେ ରକ୍ତରେ ଶର୍କରା ପରିମାଣ ବୃଦ୍ଧିପାଏ । ମଧୁମେହ ସାଧାରଣତଃ ୨ ପ୍ରକାରର । ଟାଇପ୍ -୧ ଓ ଟାଇପ୍-୨ ଡାଇବେଟିସ୍ । ମଧୁମେହ ଦ୍ୱାରା ପୀଡ଼ିତ ଲୋକମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମିବାକୁ ଲାଗିଥାଏ, କେବଳ ସେତିକି ନୁହେଁ, ଶର୍କରାର ମାତ୍ରା ଅତ୍ୟଧିକ ବଢ଼ିଗଲେ ଏହା ମଣିଷକୁ ମୃତ୍ୟୁମୁଖକୁ ଟାଣି ନେଇଥାଏ । ମଧୁମେହ ଶରୀରର ବିଭିନ୍ନ ଅଙ୍ଗ ଉପରେ ମଧ୍ୟ ପ୍ରଭାବ ପକାଇ ଥାଏ । ଯାହାଦ୍ୱାରା ଶରୀର ଧୀରେ ଧୀରେ ଦୁର୍ବଳ ହୋଇଯାଏ । ମଧୁମେହ ରୋଗ ପାଇଁ ସର୍ତକତା ଅବଲମ୍ବନ କରିବା ନିତାନ୍ତ ଆବଶ୍ୟକ । ବିଶ୍ୱ ମଧୁମେହ ଦିବସ ପାଳନ ଦ୍ୱାରା ଲୋକମାନଙ୍କୁ ମଧୁମେହ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ବାର୍ତ୍ତା ଦିଆଯାଇଥାଏ । ମଧୁମେହ ରୋଗର ନିରାକରଣ ପାଇଁ ସାମୂହିକ ତଥା ବ୍ୟକ୍ତିଗତ ଭାବରେ କ'ଣ କରିବା ଆବଶ୍ୟକ, ଏହି ଦିବସ ସାରା ବିଶ୍ୱକୁ ସଚେତନତାର ବାର୍ତ୍ତା ଦେଇଥାଏ । ନିୟମିତ ଡାକ୍ତରଙ୍କ ପରାମର୍ଶ ନେବା ସହ ଉପଯୁକ୍ତ ଚିକିତ୍ସା ମଧୁମେହ ନିୟନ୍ତ୍ରଣରେ ସହାୟକ ହୋଇଥାଏ । ସେହିପରି ମଧୁମେହ ରୋଗୀ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଆବଶ୍ୟକ । ମଧୁମେହକୁ ନିୟନ୍ତ୍ରଣରେ ନ ରଖିଲେ ଏହାଦ୍ୱାରା ଶରୀରରେ ଅନ୍ୟ ଗୁରୁତର ରୋଗ ଦେଖାଦିଏ । ତେବେ ସନ୍ତୁଳିତ ଆହାର ସହ ନିୟମିତ ବ୍ୟାୟାମ, ଯୋଗ, ଚଲାବୁଲା ଆଦି ଉପରେ ଦୃଷ୍ଟି ଦେଲେ, ଏହାକୁ ନିୟନ୍ତ୍ରଣରେ ରଖାଯାଇପାରିବ । ଚଳିତ ବର୍ଷ ବିଶ୍ୱ ମଧୁମେହ ଦିବସର ବିଷୟବସ୍ତୁ ହେଉଛି "Breaking Barriers, Bridging Gaps" ।

# ଶିଶୁଙ୍କ ପାଇଁ ଦିନଟିଏ



ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ ଆମ ଦେଶରେ ଶିଶୁ ଦିବସ ଭାବେ ପାଳନ କରାଯାଏ । ଏହି ଦିନଟି ଖାସ୍ କରି କୁନି କୁନି ପିଲାଙ୍କ ପାଇଁ ଉଦ୍ଦିଷ୍ଟ । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହରୁଙ୍କ ଏହା ଜନ୍ମ ଜୟନ୍ତୀ । ସେ ପିଲାଙ୍କୁ ଭଲ ପାଇବା ସହ ସେମାନଙ୍କ ଅଧିକାର ଏବଂ ଶିକ୍ଷା ନେଇ ସର୍ବଦା ଚେଷ୍ଟା କରିଥିଲେ । ଦେଶର ଉନ୍ନତି, ପ୍ରଗତି ଦିଗରେ ଶିଶୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ନେହରୁ ମତ ରଖିଥିଲେ । ଏହି ଦିନର ଉଦ୍ଦେଶ୍ୟ ହେଉଛି ଶିଶୁଙ୍କର ସୁରକ୍ଷିତ ଓ ସୁନ୍ଦର ଭବିଷ୍ୟତ ଗଠନ ସହ ସେମାନଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା । ଆଜିର ଶିଶୁ, ଆସନ୍ତାକାଲିର ନାଗରିକ । ଦେଶ ନିର୍ମାଣରେ ଶିଶୁମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତା'ର ସରଳ ନିଷ୍ପାପ ହସ ଓ ଛନ୍ଦକପଟ ହୀନତାର ସମାହାର ତାକୁ ବାଟ କଢ଼ାଇନିଏ ଆଗକୁ ଆଗକୁ । ପରିବାର ଭିତରୁ ହିଁ ସେ ଜୀବନର ମଧୁରତା ସଂଗ୍ରହ କରିଥାଏ । ଏକ ଶାନ୍ତ, ସୁସଂପନ୍ନ, ସେହ୍ନସିକ୍ତ ପରିବାରରେ ବଢ଼ିଥିବା ଶିଶୁଟିଏ ଭବିଷ୍ୟତର ସୁନାଗରିକ ଓ ସୁସଂହତ ସମାଜ ସଂଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏହି କଥାକୁ ମର୍ମେ ମର୍ମେ ହୃଦୟଙ୍ଗମ କରିଥିଲେ ପଣ୍ଡିତ ନେହରୁ । କୁନି କୁନି ପିଲାଙ୍କୁ ସେ ଅଜସ୍ର ସ୍ନେହ କରୁଥିଲେ । ସେଥିପାଇଁ ପିଲାମାନେ ତାଙ୍କୁ ସ୍ନେହରେ 'ଚାଚା ନେହରୁ' ବୋଲି ଡାକୁଥିଲେ । ତାଙ୍କ ମତରେ 'ଶିକ୍ଷା ହିଁ ପ୍ରଗତିର ମୂଳପିଣ୍ଡ' । ତେଣୁ ଭବିଷ୍ୟତର ନାଗରିକମାନଙ୍କ ଶିକ୍ଷା ଉପରେ ସେ ବିଶେଷ ଧ୍ୟାନ ଦେଇଥିଲେ । ସେହି ମହାନ ରାଷ୍ଟ୍ରନେତାଙ୍କର ଜନ୍ମଦିନକୁ ଦେଶର କୋଣ ଅନୁକୋଣରେ, ପଲ୍ଲୀଠୁ ଦିଲ୍ଲୀ ସବୁଠି ଶିଶୁ ଦିବସକୁ ବେଶ୍ ଆନନ୍ଦ ଉତ୍ସାହର ସହ ପାଳନ କରାଯାଏ । ଶିଶୁ ଦିବସ ଅବସରରେ ସ୍କୁଲଗୁଡ଼ିକରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା ଏବଂ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ । ଏହି ଦିନ ସ୍କୁଲ୍ ଏବଂ ବିଭିନ୍ନ ଅନୁଷ୍ଠାନରେ ପିଲାମାନଙ୍କୁ ଚକଲେଟ୍, ମିଠା ଆଦି ବଣ୍ଟା ଯାଇଥାଏ । ଜବାହରଲାଲ ନେହରୁ ଉତ୍ତର ପ୍ରଦେଶର ଆହ୍ଲାବାଦ ସହରରେ ଏକ କଶ୍ମୀର ପଣ୍ଡିତ ପରିବାରରେ ୧୮୮୯ ମସିହା ନଭେମ୍ବର ୧୪ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ମୋତିଲାଲ ନେହରୁ ଓ ମାତାଙ୍କ ନାମ ସ୍ୱରୂପାରାଣୀ ଥିଲା । ୧୯୬୪ ମସିହା ମଇ ମାସ ୨୭ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା । ନେହରୁଙ୍କ ଦେହାନ୍ତ ପରେ ପିଲାଙ୍କ ପ୍ରତି ତାଙ୍କ ଭଲ ପାଇବାକୁ ସମ୍ମାନ ଜଣାଇ ତାଙ୍କ ଜନ୍ମଦିବସକୁ ଶିଶୁ ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏ ସମ୍ପର୍କରେ ସଂସଦରେ ଏକ ପ୍ରସ୍ତାବ ପାରିତ କରାଯାଇଥିଲା । ଏହାପରେ ପ୍ରଥମ ଥର ପାଇଁ ୧୯୬୫ରେ ଶିଶୁ ଦିବସ ପାଳନ କରାଯାଇଥିଲା । ୧୯୬୪ ପୂର୍ବରୁ ୨୦ ନଭେମ୍ବରକୁ ଶିଶୁ ଦିବସ ଭାବେ ପାଳନ କରାଯାଉଥିଲା । କାରଣ ମିଳିତ ଜାତିସଂଘ ଦ୍ୱାରା ୧୯୫୪ ମସିହାରେ ୨୦ ନଭେମ୍ବରକୁ ଶିଶୁ ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା ।

# ୨୦୨୭ରେ ଆନିମଲ ପାର୍କ



ବଲିଉଡ୍ ଅଭିନେତା ରଣବୀର କପୁର 'ଆନିମଲ' ଫିଲ୍ମରେ ରଣବିଜୟ ସିଂହ ଭୂମିକାରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଁଟିଥିଲେ । ଏହାର ନିର୍ଦ୍ଦେଶନା ଦେଇଥିଲେ ସନ୍ଦୀପ ରେଡ୍ଡି ଭାଙ୍ଗା । ଫିଲ୍ମଟି ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା । ଫିଲ୍ମର ଶେଷ ସମୟରେ ଏହାର ସିକ୍ୱେଲ ବିଷୟରେ ସୂଚନା ଦିଆଯାଇଥିଲା । ଇତିମଧ୍ୟରେ ଟି-ସିରିଜ୍‌ର ମାଲିକ ଭୂଷଣ କୁମାର 'ଆନିମଲ ପାର୍କ' ବିଷୟରେ ସୂଚନା ଦେଇଛନ୍ତି । ପ୍ରଭାସଙ୍କ ଫିଲ୍ମ 'ସ୍ପିରିଟ୍' ପରେ 'ଆନିମଲ୍ ପାର୍କ'ର ସୁଟିଂ ଆରମ୍ଭ ହେବ ବୋଲି ସେ କହିଛନ୍ତି । 'ଆନିମଲ ପାର୍କ' ୨୦୨୭ରେ ରିଲିଜ୍ ହେବ । ତେବେ ପ୍ରଭାସଙ୍କ ଫିଲ୍ମ 'ସ୍ପିରିଟ୍'ର ସୁଟିଂ ଡିସେମ୍ବର ମାସରୁ ଆରମ୍ଭ ହେବ । ସୁଟିଂ ଆରମ୍ଭ ହେବାର ଛଅମାସ ପରେ 'ଆନିମଲ ପାର୍କ'ର ସୁଟିଂ ଆରମ୍ଭ ହେବ ବୋଲି ଭୂଷଣ କହିଛନ୍ତି । ତେବେ 'ଆନିମଲ'ଠାରୁ ଏହାର ସିକ୍ୱେଲରେ ଆହୁରି ଅଧିକ ଭୟଙ୍କର ଓ ହିଂସାତ୍ମକ ସିନ୍ ଦେଖିବାକୁ ମିଳିବ ବୋଲି ସନ୍ଦୀପ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି । ଏଥିରେ ରଣବୀର ଡବଲ ରୋଲରେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ରଣବୀରଙ୍କ କାମ କଥା କହିବାକୁ ଗଲେ, ସେ ନୀତେଶ ତିୱାରୀଙ୍କ 'ରାମାୟଣ'ରେ ନଜର ଆସିବେ । ଏହାଛଡ଼ା ସେ ସଞ୍ଜୟ ଲୀଲା ଭଁସାଲୀଙ୍କ 'ଲଭ୍ ଆଣ୍ଡ ୱାର'ରେ ମଧ୍ୟ ଦେଖାଯିବେ ।

## ସୁଶ୍ରୀ

# ପ୍ରଦୂଷଣରୁ ତ୍ୱଚାର ସୁରକ୍ଷା



**ପ୍ରଦୂଷଣର ପ୍ରଭାବ କେବଳ ସ୍ୱାସ୍ଥ୍ୟ ଉପରେ ପଡ଼େ ନାହିଁ, ଏହାର ପ୍ରଭାବ ତ୍ୱଚାରେ ମଧ୍ୟ ଦେଖିବାକୁ ମିଳିଥାଏ । ଫଳରେ ତ୍ୱଚାର ଚମକ କମିଯାଏ । ତେଣୁ ପ୍ରଦୂଷଣରୁ ତ୍ୱଚାକୁ କିପରି ସୁରକ୍ଷା ଦେବେ ଜାଣିବା ସେ ବିଷୟରେ...**

- ପ୍ରଦୂଷଣରେ ବାହାରକୁ ଯିବା ସମୟରେ ଫୁଲ୍ ହାତଥିବା ଢିଲା ପୋଷାକ ପିନ୍ଧନ୍ତୁ ।
- ଶରୀରରକୁ ସୁସ୍ଥ ରଖିବା ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ, ଏଥି ସହ ଆବଶ୍ୟକତା ଅନୁଯାୟୀ ପାଣି ପିଅନ୍ତୁ ।
- ବଢୁଥିବା ପ୍ରଦୂଷଣକୁ ଧ୍ୟାନରେ ରଖି ସନ୍‌ସ୍କ୍ରିନ୍, ଟୋନର୍ ଏବଂ ମଏଶ୍ଚରାଇଜର ନିୟମିତ ବ୍ୟବହାର କରନ୍ତୁ । ଏଥି ସହିତ ବାହାରକୁ ଯାଇଥିଲେ, ଘରେ ପହଞ୍ଚି କିଛି ସମୟ ପରେ ମୁହଁ ଫେସ୍‌ୱାସ୍ କରନ୍ତୁ ।
- ସେହିପରି ତ୍ୱଚା ଅନୁଯାୟୀ ଭିଟାମିନ୍- ସି ଏବଂ ହ୍ୟାଲୁରୋନିକ୍ ଏସିଡ୍ ଥିବା ସିରମ୍ ବ୍ୟବହାର କରନ୍ତୁ ।

# ସ୍ୱାବଲମ୍ବୀ କରିଛି ନଖିବଳିତା

**ଆଜିକାଲି ମହିଳାମାନେ ଘରୋଇ କାର୍ଯ୍ୟ ସହ ରୋଜଗାରକ୍ଷମ ହୋଇ ଆର୍ଥିକ ସ୍ତରରେ ଆତ୍ମନିର୍ଭର ହୋଇଛନ୍ତି । ବ୍ୟବସାୟ ଠାରୁ ଆରମ୍ଭ କରି କୁଟୀର ଶିଳ୍ପ ମାଧ୍ୟମରେ ନିଜର ଖର୍ଚ୍ଚ ତୁଲାଇବା ସହ ପରିବାର ପ୍ରତିପୋଷଣରେ ଭାଗିଦାରୀ ହୋଇପାରୁଛନ୍ତି । ଏହି ପରିପ୍ରେକ୍ଷୀରେ ତୁଳାରୁ ନଖିବଳିତା ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି, ପୁରୀ ସହର ବାଙ୍କିମୁହାଣ ଅଞ୍ଚଳର କେତେଜଣ ମହିଳା ।**



## ହାତଖର୍ଚ୍ଚ ଉଠୁଛି

ସଳିତା ବୋଳା କାମ ପିଲାଦିନୁ ଶିଖିଥିଲି । ସେତେବେଳେ ଘରେ ଠାକୁର ପୂଜା ପାଇଁ ସଳିତା ତିଆରି କରୁଥିଲି । ହେଲେ ବିବାହ ପରେ, ସଳିତା ବୋଳି କିପରି ଦୁଇପଇସା ରୋଜଗାର କରିହେବ, ସେ ବିଷୟରେ ଚିନ୍ତାକଲି । ପୁରୀ ଆସୁଥିବା ହଜାର ହଜାର ଭକ୍ତ ଜଗନ୍ନାଥଙ୍କ ଦର୍ଶନ କରିବା ପରେ ଫେରିଲା ବେଳକୁ ସାଙ୍ଗରେ ନଖିବଳିତା ନେଇ ଯାଆନ୍ତି । ତେଣୁ, ତୁଳା କିଣି ବଳିତା ବୋଳି ଦୋକାନରେ ଦେବାକୁ ଭାବିଲି । ସେବେଠୁ ଦୀର୍ଘ ୮ ବର୍ଷ ଧରି ଏହି ବଳିତା ବୋଳୁଛି । ଯଦିଓ ପ୍ରଥମେ ବିଡ଼ାକୁ ଦୁଇ ଟଙ୍କା ଭାବେ ବିକ୍ରି କରାଯାଉଥିଲା । କିନ୍ତୁ, ସବୁ ଜିନିଷର ଦର ବଢ଼ୁଥିବାରୁ ଏବେ ଗୋଟିଏ ବଳିତା ବିଡ଼ା ପାଞ୍ଚ ଟଙ୍କାରେ ବିକ୍ରି କରାଯାଉଛି । ଘରର ଯାବତୀୟ କାମ ସାରିବା ପରେ ଏହି କାର୍ଯ୍ୟ କରେ । ଏହା ଦ୍ୱାରା ଯାହା ଯେମିତି କରି ହାତଖର୍ଚ୍ଚ ଉଠିଯାଏ । ପିଲାଙ୍କ ନିତିଦିନିଆ ଖର୍ଚ୍ଚ ଚଳିଯାଏ ।



## ପଡ଼ିଶା ଘରୁ ଶିଖିଲି

ଖାଲିରେ ବସିବା ଅପେକ୍ଷା କାର୍ଯ୍ୟ କରି କିଛି ଟଙ୍କା ରୋଜଗାର କରିବା ଭଲ । ସକାଳୁ ଉଠି ଘରର ସବୁ କାମ ସାରିଲା ପରେ ସଳିତା ବୋଳାରେ ବସେ । ଏଥିପାଇଁ ଦିନକୁ ୨ - ୩ ଘଣ୍ଟା ସମୟ ଦେବାକୁ ପଡ଼ିଥାଏ । ସାହି ପଡ଼ିଶାଙ୍କୁ ଏହି ସଳିତା ମୋଡ଼ା କାର୍ଯ୍ୟ କରୁଥିବା ଦେଖି ଏବେ ମୁଁ ନିଜେ ଏହା କରୁଛି । ଏହାଦ୍ୱାରା ଏକ ପ୍ରକାର ସମୟ ସରିଯାଉଛି । ଏହା ସବୁଦିନିଆ କାମ କହିଲେ ଚଳେ ।

## ପରିବାର ଚଳୁଛି

ଆଗରୁ ବୋଉ, ଉଭଣୀମାନଙ୍କ ସାଙ୍ଗରେ ଏହି ସଳିତା ବୋଳୁଥିଲି । ଆମ ଘରେ ସମସ୍ତେ ଏହି କାର୍ଯ୍ୟ କରନ୍ତି । କିନ୍ତୁ ବିବାହ ପରେ ଏହି କାମ କିଛିଦିନ ପାଇଁ ବନ୍ଦ କରିଥିଲି । କିନ୍ତୁ ସ୍ୱାମୀଙ୍କୁ ହରାଇବା ପରେ ଏବେ ଏହି ସଳିତା ବୋଳି ପରିବାର ଚଳାଉଛି । ଯଦିଓ ସେତେବେଳେ ତୁଳା କିଲୋ କମ୍ ଥିଲା ସେହି ଅନୁସାରେ ଗୋଟିଏ ବିଡ଼ାରେ ୧୦୦ ଟି ସଳିତା ରହୁଥିଲା । କିନ୍ତୁ ଦିନକୁ ଦିନ ଦରଦାମ୍ ବୃଦ୍ଧି ହେବାରୁ ବିଡ଼ାରେ ସଳିତା ମାତ୍ରା କମ୍ ହେବାରେ ଲାଗିଛି । ପ୍ରଥମେ ସଳିତା ବୋଳି ଦୋକାନରେ ଦେଉଥିଲି । କିନ୍ତୁ ଘରର ଆର୍ଥିକ ପରିସ୍ଥିତି ଖରାପ ଥିବାରୁ ବଡ଼ଦାଣ୍ଡରେ ଏବେ ନିଜେ ଏହି ସଳିତ ବିକ୍ରି କରୁଛି । ସଳିତା, ସାଙ୍ଗକୁ ନଖି ବଳିତା, ଆଳତି ବଳିତା ଆଦି ତିଆରି କରି ବିକ୍ରି କରୁଛି ।



## ମୋ ହାଣ୍ଡିଶାଳରୁ...

# ଲଚ୍ଛା ପିଆଜ ପରଟା



**ଆବଶ୍ୟକ ସାମଗ୍ରୀ**

ଅଟା -୨୫୦ ଗ୍ରାମ୍, କଟା ପିଆଜ – ଏକ କପ୍, କଞ୍ଚା ଲଙ୍କା- ୨ ଟି, ଧନିଆ ପତ୍ର – ଅଧା କପ୍, ଲଙ୍କା ଗୁଣ୍ଡ –ଅଧା ଚାମଚ, ହଳଦୀ ଗୁଣ୍ଡ – ଅଧା ଚାମଚ, ଜୀରା ଗୁଣ୍ଡ – ଅଧା ଚାମଚ, ଧନିଆ ଗୁଣ୍ଡ – ଅଧା ଚାମଚ, ଜୁଆଣି – ଅଳ୍ପ, ଗରମ ମସଲା – ଅଧା ଚାମଚ, ଲୁଣ – ସ୍ୱାଦ ଅନୁସାରେ, ଘିଅ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଅଟାରେ ପାଣି ଓ ଆବଶ୍ୟକତା ଅନୁସାରେ ଲୁଣ ପକାଇ ଚକଟି ରଖନ୍ତୁ । ଏହା ପରେ ଗୋଟିଏ ପାତ୍ର ନେଇ ସେଥିରେ କଟା ପିଆଜ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଧନିଆ ଗୁଣ୍ଡ, ଜୀରା ଗୁଣ୍ଡ, ଗରମ ମସଲା, ଧନିଆପତ୍ର, କଞ୍ଚାଲଙ୍କା ସହ ଲୁଣ ଓ ଜୁଆଣି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହା ପରେ ଚକଟି ରଖିଥିବା ଅଟାକୁ ହାତରେ ଗୋଲ କରି ରୁଟି ଭଳି ବେଲି ଦିଅନ୍ତୁ । ଏହା ଉପରେ ଘିଅ ଲଗାଇ ଗୋଳାଇ ରଖିଥିବା ପିଆଜ ଷ୍ଟଫିଂକୁ ଦେଇ ରୁଟିକୁ ରୋଲ୍ କରି ଦିଅନ୍ତୁ । ଏହାକୁ ମଝିରେ ଛୁରିରେ ଦାଗ ଦେଇ ଗୋଲ କରି ବେଲି ଦିଅନ୍ତୁ । ଏହିପରି ଭାବେ ସମସ୍ତ ଅଟାଗୁଳାରୁ ଏପରି ଲାଛା ପରଟା ପ୍ରସ୍ତୁତ କରନ୍ତୁ । ଏହାପରେ ଗ୍ୟାସ୍ ଲଗାଇ ପ୍ୟାନ୍ ବସାନ୍ତୁ । ପ୍ୟାନ୍ ଗରମ ହୋଇଯିବା ପରେ ସେଥିରେ ପରଟାକୁ ପକାନ୍ତୁ । ଦୁଇ ପାଖ ହାଲୁକା ସେକି ହୋଇଗଲେ ଏହା ଉପରେ ଦେଶୀ ଘିଅ ଲଗାଇ ଦିଅନ୍ତୁ । ଏହା ସୁନେଲି ରଙ୍ଗର ହୋଇଗଲେ ପ୍ଲେଟ୍‌କୁ କାଢ଼ି ପରଷି ଦିଅନ୍ତୁ 'ଲଚ୍ଛା ପିଆଜ ପରଟା' ।

## ୨୯ ରୁ ତିନିଦିନିଆ ସର୍ବଭାରତୀୟ ଡିଜିପି ସମ୍ମିଳନୀ

# ମାଓ ମୁକାବିଲା, ଅନୁପ୍ରବେଶ, ନିଶା କାରବାର ଓଡ଼ିଶାର ମୁଖ୍ୟ ପ୍ରସଙ୍ଗ

■ ଦୁଇଦିନ ଉପସ୍ଥିତ ରହିପାରନ୍ତି ପ୍ରଧାନମନ୍ତ୍ରୀ
■ ଆସିବେ ଗୃହମନ୍ତ୍ରୀ ଅମିତ୍ ଶାହ ଓ ଅଜିତ ଡୋଭାଲ୍
■ ୨୫ରୁ ୩୦ଟି ପ୍ରସଙ୍ଗରେ ହେବ ବିସ୍ତୃତ ଆଲୋଚନା
■ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ହେବ ବୈଠକ

**ଭୁବନେଶ୍ୱର, ୧୩।୧୧ (ସମିସ):** ଆସନ୍ତା ୨୯ ତାରିଖରେ ଓଡ଼ିଶାରେ ପ୍ରଥମ ଥର ଲାଗି ହେବାକୁ ଥିବା ଡିଜିପି ସମ୍ମିଳନୀ ଲାଗି ଓଡ଼ିଶା ପୁଲିସ ତତ୍ପରତା ଦେଖାଇଛି। ୨୯ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା ଓ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଡିଜିପି ସମ୍ମିଳନୀ ୩ଦିନ ହେବାକୁ ଧାର୍ଯ୍ୟ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଦୁଇ ଦିନ ଉପସ୍ଥିତ ରହିପାରନ୍ତି ବୋଲି ବିଶେଷସୂତ୍ରରୁ ଜଣାପଡ଼ିଛି। ଅନୁରୂପ ଭାବେ ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଡିଜିପିମାନେ ଯୋଗଦେବେ। ଏହି ୩ଦିନିଆ ବୈଠକ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି।

ଏହି ସମ୍ମିଳନୀରେ ଦେଶ ସୁରକ୍ଷା ସମ୍ପର୍କିତ ୨୫ରୁ ୩୦ଟି ପ୍ରସଙ୍ଗ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯିବ। ଆତଙ୍କବାଦ, ଅନୁପ୍ରବେଶ, ସାଇବର ସିକ୍ୟୁରିଟି, ଆଇନଶୃଙ୍ଖଳା, ମାଓ ମୁକାବିଲା, ପୁଲିସିଂ ଟେକ୍ନୋଲୋଜି, ଜେଲ୍ ସଂସ୍କାର, ନିଶା କାରବାର ଓ ଆଭ୍ୟନ୍ତରୀଣ ନିରାପତ୍ତା ପ୍ରସଙ୍ଗରେ ବିଚାରବିମର୍ଶ ହେବ। ଏହା ବ୍ୟତୀତ ଏହି ସମ୍ମିଳନୀରେ ପୁଲିସ ଓ ନିରାପତ୍ତା କ୍ଷେତ୍ରରେ ଏଆଇ ଓ ଡିପ୍‌ଫେକ ସହ ନୂତନ ଜ୍ଞାନକୌଶଳ ଦ୍ୱାରା ସୃଷ୍ଟି ହେଉଥିବା ଆହ୍ୱାନ ଓ ଏହାର ମୁକାବିଲା ଉପରେ ବିସ୍ତୃତ ଆଲୋଚନା କରାଯିବ। ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଗୁରୁମନ୍ତ୍ର ଦେବେ। ସମସ୍ତ ରାଜ୍ୟର ଡିଜିପିମାନେ ରାଜ୍ୟଗୁଡିକର ସମସ୍ୟା ଓ ସମାଧାନ ଦିଗରେ ନିଆଯିବାକୁ ଥିବା ପଦକ୍ଷେପ ବିଷୟରେ ମତ ଦେବେ ବୋଲି ସୂଚନା ମିଳିଛି।

ସେହିପରି ଏହି ବୈଠକରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ଡିଜିଙ୍କ ସମେତ ବିଏସ୍‌ଏଫ୍ ଡିଜି, ସିଆର୍‌ପିଏଫ୍ ଓ ସିଆଇଏସ୍‌ଏଫ୍ ଡିଜି, ଏନ୍‌ଆଇଏ ମୁଖ୍ୟ, ର' ମୁଖ୍ୟ, ଆଇବି, ଏନ୍‌ଏସ୍‌ଜି, ଏସ୍‌ପିଜି, ବିପିଆର୍‌ଡି, ଆଇଟିବିପି, ଏନ୍‌ସିବି ଡିଜିଙ୍କ ସହ ଗୃହ ମନ୍ତ୍ରାଳୟ ଅଧୀନରେ ଥିବା ସମସ୍ତ ଏଜେନ୍ସିର ମୁଖିଆମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏଥିସହ ସମସ୍ତ ରାଜ୍ୟର ଆଇଜି ମାନେ ଭର୍ଚୁଆଲ୍‌ରେ ଯୋଗଦେବେ।

ଅନୁରୂପ ଭାବେ ୩ଦିନ ଧରି ଚାଲିବାକୁ ଥିବା ଏହି ବୈଠକ ଦୁଇଟି ପର୍ଯ୍ୟାୟରେ ଆଲୋଚନା ଲାଗି ରୂପରେଖ ପ୍ରସ୍ତୁତ କରାଯିବ। ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ପ୍ରସଙ୍ଗ ଉପରେ ଡିଜିପିମାନେ ପ୍ରସ୍ତାବ ଦେବା ପରେ ଏ ସଂକ୍ରାନ୍ତରେ ଆଲୋଚନା କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରସ୍ତାବଗୁଡିକ କାର୍ଯ୍ୟାନ୍ୱୟନ ସମ୍ପର୍କରେ ରୂପରେଖ ପ୍ରସ୍ତୁତ କରାଯିବ। କେନ୍ଦ୍ରୀୟ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ହେବାକୁ ଯାଉଛି। ସେହିପରି ଓଡିଶାରେ ଥିବା ସମସ୍ୟାଗୁଡିକୁ ବି ଆଲୋଚନା କରାଯିବ। ଓଡ଼ିଶାରେ ମାଓବାଦୀ ଦମନ, ସାଇବର ଅପରାଧ, ବାଂଲାଦେଶୀ ଅନୁପ୍ରବେଶ ଓ ନିଶା କାରବାର ଭଳି ପ୍ରସଙ୍ଗକୁ ନେଇ ମାନସମନ୍ଥନ କରାଯିବ।

ପ୍ରଥମଥର ପାଇଁ ବୈଠକ ହେଉଥିବାରୁ ସବୁ ଦିଗକୁ ଗୁରୁତ୍ୱ ଦେଇଛି ଓଡିଶା ପୁଲିସ। ଭୁବନେଶ୍ୱରରେ ଏହି ସମ୍ମିଳନୀ ହେବାକୁ ଯାଉଥିବାରୁ ସୁରକ୍ଷାଦୃଷ୍ଟି କୋଣରୁ ପର୍ଯ୍ୟାପ୍ତ ପରିମାଣ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ରାଜଧାନୀକୁ ହାଇଆଲର୍ଟ ରଖାଯିବା ସହ ସୁରୁଖୁରରେ ଏହି ସମ୍ମିଳନୀ ଶେଷ କରିବା ଲାଗି ଡିଜି ୱାଇ.ବି ଖୁରାନିଆ ଆଶା ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ ଯେ, ୫୯ ତମ ସର୍ବଭାରତୀୟ ଡିଜିପି ଓ ଆଇଜି ସମ୍ମିଳନୀ ପ୍ରଥମ ଥର ଲାଗି ଓଡ଼ିଶାରେ ହେବାକୁ ଯାଉଛି। ଚଳିତବର୍ଷ ଦ୍ୱିତୀୟ ଥର ଲାଗି ଏହି ସମ୍ମିଳନୀ ହେବ। ଚଳିତବର୍ଷ ଜାନୁଆରୀ ମାସରେ ୩ଦିନ ଧରି ରାଜସ୍ଥାନ ଜୟପୁରରେ ଅନୁଷ୍ଠିତ ହୋଇଥିଲା।

# ଓଡ଼ିଶା ମୁହାଁ ଛତିଶଗଡ଼ୀ ମାଓବାଦୀ

■ ମଙ୍ଗୁଆଳ ସାଜିଛନ୍ତି ଆନ୍ଧ୍ରପ୍ରଦେଶର କ୍ୟାଡର ମାଓନେତା
■ ସକ୍ରିୟ ଓଡ଼ିଆ ମାଓବାଦୀଙ୍କ ସଂଖ୍ୟା ୧୦ ମଧ୍ୟରେ ସୀମିତ

**ଭୁବନେଶ୍ୱର,୧୩।୧୧(ସମିସ):** ଓଡ଼ିଶା ଲାଗି ବିପଦ ସାଜିଛନ୍ତି ଛତିଶଗଡୀ ମାଓବାଦୀ। ଛତିଶଗଡରେ ମାଓ ବିରୋଧୀ ଅପରେସନ୍ ଜାରି ରହିଥିବାରୁ ଓଡ଼ିଶାକୁ ଛତିଶଗଡର ମାଓବାଦୀମାନେ ଅନୁପ୍ରବେଶ କରୁଛନ୍ତି। ଓଡ଼ିଶାରେ ଏବେ ଛତିଶଗଡୀ ମାଓବାଦୀ ସକ୍ରିୟ ରହିଥିବା ବେଳେ ଆନ୍ଧ୍ରପ୍ରଦେଶର କ୍ୟାଡର ମାଓବାଦୀ ଏହାର ନେତୃତ୍ୱ ନେଉଛନ୍ତି। ସେମାନେ ଆନ୍ଧ୍ରପ୍ରଦେଶରେ ଏହି ଏହାକୁ ଅପରେଟ୍ କରିବା ସହ ଓଡ଼ିଶାରେ ମାଓହିଂସା ଘଟାଇବା ଲାଗି ଯୋଜନା କରୁଛନ୍ତି। କିନ୍ତୁ ମାଓଦମନ କ୍ଷେତ୍ରରେ ଓଡ଼ିଶା ପୁଲିସ ପକ୍ଷରୁ ଲାଗି ବିଭିନ୍ନ ସ୍ତରରେ ଏକାଧିକ ବୈଠକ କରାଯାଇ ରଣନୀତି ପ୍ରସ୍ତୁତ କରାଯାଉଛି। ରାଜ୍ୟରେ ସକ୍ରିୟ ଓଡ଼ିଆ କ୍ୟାଡର ମାଓବାଦୀଙ୍କ ସଂଖ୍ୟା ୧୦ ମଧ୍ୟରେ ସୀମିତ। ମାଓ ବିରୋଧୀ ଅପରେସନ୍‌କୁ ଜୋରଦାର କରାଯାଉଥିବାରୁ ମାଓବାଦୀମାନେ ହିଂସା ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି। ଏପରିକି ମାଓବାଦୀଙ୍କ ଲାଗି ବିଭିନ୍ନ ଜନକଲ୍ୟାଣ ଯୋଜନା କରାଯିବା ସହ ଓଡ଼ିଶା ଲୋକେ ସେମାନଙ୍କୁ ସହଯୋଗ କରୁନାହାନ୍ତି। ତେଣୁ ଓଡ଼ିଆ ମାଓବାଦୀମାନେ ସକ୍ରିୟ ହୋଇପାରୁନାହାନ୍ତି।

ବିଶେଷକରି ଛତିଶଗଡ ସୀମାନ୍ତ ନୂଆପଡାରେ ଏକାଧିକ କ୍ୟାମ୍ପ କରାଯାଇ ସେଠାରେ ପର୍ଯ୍ୟାପ୍ତ ପରିମାଣ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ବିଏସ୍‌ଏଫ୍, ସିଆର୍‌ପିଏଫ୍, ଡିଭିଏଫ୍, ଏସ୍‌ଓଜି ଓ ଜିଲ୍ଲା ପୁଲିସର ମିଳିତ ଟିମ୍ କୁମ୍ବିଂ ଅପରେସନ୍ କରି ମାଓବାଦୀଙ୍କ କ୍ୟାମ୍ପକୁ ନଷ୍ଟ କରିଛନ୍ତି। ମାଓବାଦୀ ଅନୁପ୍ରବେଶ କରୁଥିବା ରାସ୍ତାଗୁଡିକୁ ସିଲ୍ କରାଯିବା ସହ ପଡୋଶୀ ରାଜ୍ୟ ସମନ୍ୱୟରେ ଅପରେସନ୍ ଜାରି ରହିଛି। ମାଓପ୍ରବଣ ଜିଲ୍ଲାଗୁଡିକରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ବୈଠକ କରାଯାଇ ମାଓ ଦମନ ଲାଗି ରୂପରେଖ ସହ ରଣନୀତି ପ୍ରସ୍ତୁତ କରାଯାଉଛି। ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟରୁ ନକ୍ସଲ ମୂଳପୋଛ ଲାଗି ଲକ୍ଷ୍ୟ ରଖାଯାଇଛି। ଅତୀତରେ ମାଓବାଦୀ ମୁକାବିଲା କ୍ଷେତ୍ରରେ ରାଜ୍ୟ ପୁଲିସ ସକ୍ରିୟ ଭୂମିକା ଗ୍ରହଣ କରି ଆସିଛି। ଆଗାମୀ ଦିନରେ ଏହାକୁ ଆହୁରି ଅଧିକ ଗତିଶୀଳ କରାଯିବ ବୋଲି ଡିଜିପି ୱାଇ.ବି ଖୁରାନିଆ ସୂଚନା ଦେଇଛନ୍ତି।

## ମାଥିଭାଥନନ୍‌ଙ୍କୁ ସହରାଞ୍ଚଳ ମନ୍ତ୍ରଣାଳୟର 'ସଂସ୍କାର ଥିଙ୍କ୍‌ଟ୍ୟାଙ୍କ' ମୁଖ୍ୟ ଦାୟିତ୍ୱ

**ଭୁବନେଶ୍ୱର,୧୩।୧୧(ସମିସ):** ରାଜ୍ୟର ପୂର୍ବତନ ନଗର ଉନ୍ନୟନ ସଚିବ ତଥା ବର୍ତ୍ତମାନ ରାଜ୍ୟ ପ୍ରଶାସନିକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଡିଜି ଜି ମାଥିଭାଥନନ୍‌ଙ୍କୁ ସହରାଞ୍ଚଳ ମନ୍ତ୍ରଣାଳୟର 'ସଂସ୍କାର ଥିଙ୍କଟ୍ୟାଙ୍କ'ର ମୁଖ୍ୟ ଭାବେ ମନୋନୀତ କରାଯାଇଛି। ଦେଶର ସହରାଞ୍ଚଳ ସ୍ଥାନୀୟ ସଂସ୍ଥାପାଇଁ ସ୍ଥାନୀୟ ସ୍ତରରେ ଦକ୍ଷତା ବୃଦ୍ଧି ଉପରେ କାର୍ଯ୍ୟକାରୀ ଗୋଷ୍ଠୀର ନେତୃତ୍ୱ ନେବାକୁ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ସହରାଞ୍ଚଳ ଶାସନକୁ ସୁଦୃଢ଼ ଓ ଶକ୍ତିଶାଳୀ କରିବା ପାଇଁ କେନ୍ଦ୍ର ସରକାର ରାଜନୈତିକ ସ୍ତରରେ ବ୍ୟାପକ ସଂସ୍କାର, ପ୍ରଶାସନିକ ସ୍ତରରେ ସଂସ୍କାର, ପାରାଷ୍ଟେଟାଲର ପୁନଃନିର୍ଦ୍ଧାରଣ ଭୂମିକା, ଗ୍ରାମୀଣ ସହରାଞ୍ଚଳ ନିରନ୍ତରତା ପାଇଁ ପରିବର୍ତ୍ତନ ବ୍ୟବସ୍ଥା ଏବଂ ସ୍ଥାନୀୟ ସ୍ତରରେ ଦକ୍ଷତା ବୃଦ୍ଧି କ୍ଷେତ୍ରରେ କାର୍ଯ୍ୟାକାରୀ ଗୋଷ୍ଠୀ ଗଠନ କରିଛନ୍ତି। କାର୍ଯ୍ୟକାରୀ ଗୋଷ୍ଠୀ ଗଠନର ତିନି ମାସ ମଧ୍ୟରେ ଏହାର ବିତରଣ/ ଚୂଡ଼ାନ୍ତ ରିପୋର୍ଟ ଏହି ମନ୍ତ୍ରଣାଳୟକୁ ପ୍ରଦାନ କରିବେ। ରାଜ୍ୟରେ ସରକାର ବଦଳିବା ପରେ ପ୍ରଶିକ୍ଷଣ ଅନୁଷ୍ଠାନକୁ ବଦଳି ହେବା ପୂର୍ବରୁ ଶ୍ରୀ ମାଥିଭାଥନନ ବିଭାଗୀୟ ସଚିବ ଭାବେ ଦୀର୍ଘ ଦିନ ଧରି ନଗର ଉନ୍ନୟନରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ। ନଗର ଉନ୍ନୟନ ସଚିବ ଭାବରେ ତାଙ୍କର କାର୍ଯ୍ୟଦକ୍ଷତାକୁ କେନ୍ଦ୍ର ସରକାର ସ୍ୱୀକୃତି ଦେଇଛନ୍ତି ଏବଂ ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରୀ ଗୋଷ୍ଠୀର ଅଧ୍ୟକ୍ଷ ଭାବରେ ମନୋନୀତ କରିଛନ୍ତି।

■ ସୋରଓ ସୁକିନ୍ଦା ବିଧାନସଭା ନିର୍ବାଚନୀ ମାମଲା

## ଷ୍ଟ୍ରଙ୍ଗରୁମ୍ ଖୋଲି ଇଭିଏମ୍ ସ୍ଥାନାନ୍ତର ପାଇଁ ହାଇକୋର୍ଟଙ୍କ ଅନୁମତି

**କଟକ,୧୩।୧୧(ସମିସ):** ସୋର ଓ ସୁକିନ୍ଦା ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଉଭୟ ମାମଲାରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଷ୍ଟ୍ରଙ୍ଗରୁମ ଖୋଲିବା ସହ ଇଭିଏମ ସ୍ଥାନାନ୍ତର ପାଇଁ ହୋଇଥିବା ଅନ୍ତରୀଣ ଆବେଦନକୁ ଗ୍ରହଣ କରି ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି। ସୋର ବିଧାୟକ ମାଧବ ଧଡ଼ାଙ୍କ ପକ୍ଷରୁ ଲିଖିତ ଜବାବ ଦାଖଲ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୪କୁ ଧାର୍ଯ୍ୟ ହୋଇଛି। ସେହିଭଳି ସୁକିନ୍ଦା ନିର୍ବାଚନୀ ଅନିୟମିତତା ମାମଲାରେ ପ୍ରତିପକ୍ଷ ବିଧାୟକ ପ୍ରଦୀପ ବଳସାମନ୍ତ ଲିଖିତ ଜବାବ ଦାଖଲ ପାଇଁ ଅତିରିକ୍ତ ସମୟ ଲୋଡିଥିଲେ। ହାଇକୋର୍ଟ ତାଙ୍କୁ ଜବାବ ଦାଖଲ ପାଇଁ ଦୁଇ ସପ୍ତାହ ସମୟ ପ୍ରଦାନ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୩ତାରିଖକୁ ଧାର୍ଯ୍ୟ ହୋଇଛି। ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି ମିଥ୍ୟା ତଥା ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ ଅଭିଯୋଗରେ ସୋର ବିଧାୟକଙ୍କ ନିର୍ବାଚନ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେପି ପ୍ରାର୍ଥୀ ପର୍ଶୁରାମ ଧଡ଼ା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିଭଳି ସୁକିନ୍ଦା ବିଧାନସଭା ଆସନରୁ ନିର୍ବାଚିତ ବିଜେପି ବିଧାୟକ ପ୍ରଦୀପ ବଳସାମନ୍ତଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେଡି ପ୍ରାର୍ଥୀ ପ୍ରୀତିରଂଜନ ଘଡେଇ ମାମଲା ରୁଜୁ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମିୟୋ କ୍ଲିନିକର ପ୍ରତିନିଧି

# କ୍ୟାନ୍ସର ନିରୂପଣ ଓ ଚିକିତ୍ସା ଉପରେ ଆଲୋଚନା

**ଭୁବନେଶ୍ୱର,୧୩।୧୧(ସମିସ):** ଆମେରିକାର ମିୟୋ କ୍ଲିନିକ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ଗବେଷଣା ସଂସ୍ଥାର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ବୁଧବାର ଲୋକସେବା ଭବନଠାରେ ଏହି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଓଡ଼ିଶାରେ କ୍ୟାନ୍ସର ଚିକିତ୍ସା କ୍ଷେତ୍ରରେ ସବୁଠାରୁ ଆଧୁନିକ ରୋଗ ନିରୂପଣ ଓ ଚିକିତ୍ସା ପଦ୍ଧତିର ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନାରୁ ଜଣା ଯାଇଛି ଯେ, କ୍ୟାନ୍ସର ଚିକିତ୍ସା ଅତ୍ୟଧିକ ବ୍ୟୟ ସାପେକ୍ଷ ଓ ଅନିଶ୍ଚିତ। ଡିଏନ୍‌ଏ ଟେଷ୍ଟ ଜରିଆରେ ତୁରନ୍ତ ରୋଗ ନିରୂପଣ ସହିତ କୌଣସି ଏକ ନିର୍ଦ୍ଦିଷ୍ଟ ଚିକିତ୍ସା ପ୍ରଣାଳୀ ଫଳପ୍ରଦ ହେଉଛି ବା ନାହିଁ ତାହା ଶୀଘ୍ର ଜଣାପଡ଼ିଥାଏ। ତେଣୁ ଓଡିଶାରେ ଏହି ନୂତନ ପଦ୍ଧତିର ପ୍ରୟୋଗ ସପକ୍ଷରେ ପ୍ରତିନିଧିମାନେ ମତ ରଖିଥିଲେ। ଏହା ଦ୍ୱାରା ରୋଗ ନିରୂପଣ ଖୁବ୍ ଶୀଘ୍ର ସୂଚନା ମିଳିବା ସହିତ ଫଳପ୍ରଦ ଚିକିତ୍ସା ପ୍ରଦାନ କରାଯାଇ ପାରିବ। କ୍ୟାନ୍ସର ଚିକିତ୍ସାକୁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ମତ ଦେଇ ଏ ସମ୍ପର୍କରେ ବିଧିବଦ୍ଧ ପ୍ରସ୍ତାବ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍. ଉପସ୍ଥିତ ଥିଲେ। ମିୟୋ କ୍ଲିନିକ ପକ୍ଷରୁ ପ୍ରଫେସର ଦେବ ମୁଖାର୍ଜୀ, ଆମେରିକାସ୍ଥିତ ଏଲିଫାସ୍ ବାୟୋ ସାଇନ୍ସେସ୍ ପକ୍ଷରୁ ମିଷ୍ଟର ଚାର୍ଲସ୍ ମିଲର, ଇନ-ଡିଏନ୍‌ଏ ଲାଇଫ୍ ସାଇନ୍ସର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଡଃ ବିରେନ୍ ବାନାର୍ଜୀ ଓ ଏହାର ପ୍ରତିନିଧି ଦେବୀ ପ୍ରସାଦ ରଥ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଥିଲେ।



## ସାନି ଜାରିହେବ ପଦାର୍ଥ ବିଜ୍ଞାନ ଅଧ୍ୟାପକ ନିଯୁକ୍ତି ବିଜ୍ଞପ୍ତି

**କଟକ,୧୩।୧୧(ସମିସ):** ଏସଏସବି (ଷ୍ଟେଟ୍ ସିଲେକ୍ସନ ବୋର୍ଡ) ପକ୍ଷରୁ ବିଭିନ୍ନ କଲେଜରେ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ନିଯୁକ୍ତି ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏଥିସହ ସାନି ନିଯୁକ୍ତି ବିଜ୍ଞପ୍ତି କମିସନ ଜାରି କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଡ.ଅମୀୟ ରଂଜନ ବାରିକଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୨୪ମାର୍ଚ୍ଚ ୯ରେ ଏସଏସବି ପକ୍ଷରୁ ରାଜ୍ୟର ବିଭିନ୍ନ ଡିଗ୍ରୀ କଲେଜରେ ୭୮୬ଟି ଅଧ୍ୟାପକ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରୁ ପଦାର୍ଥ ବିଜ୍ଞାନ ବିଭାଗରେ ମୋଟ ୩୧ଟି ପଦରେ ମଧ୍ୟ ନିଯୁକ୍ତି ପାଇଁ ଉଲ୍ଲେଖ ଥିଲା। ଯେଉଁମାନେ କେବଳ ସ୍ନାତକୋତ୍ତରରେ ୫୫ପ୍ରତିଶତ ମାର୍କ ରଖିଥିବେ ସେମାନେ ଆବେଦନ କରିବାକୁ ଯୋଗ୍ୟ ହେବେ ବୋଲି ନିଯୁକ୍ତି ବିଜ୍ଞପ୍ତିରେ କୁହାଯାଇଥିଲା।

## ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ



**ପୁରୀ,୧୩।୧୧(ସମିସ):** କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତଥା ପଞ୍ଚୁକର ଦ୍ୱିତୀୟ ଦିବସରେ ବୁଧବାର ରତ୍ନ ସିଂହାସନରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ବେଶ୍ ଭିଡ଼ ହୋଇଥିଲା। ଅବକାଶ ନୀତି ଶେଷ ହେବା ପରେ ଠାକୁରମାନଙ୍କ ବାଙ୍କଚୂଡ଼ା ବେଶ କରାଯାଇଥିଲା। ଏହି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀମସ୍ତକରେ ଚନ୍ଦ୍ରିକା ଚୁଳ ସହିତ ଦକ୍ଷିଣ ଦିଗକୁ ଆଡ଼ଖୋସା ପକାଯାଇଥିଲା। ଏହି ଖୋସାର ଅଗ୍ର ଗଣ୍ଠିରେ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥିଲା। ଏକ ଛୋଟ ସ୍ୱର୍ଣ୍ଣ କିରୀଟ ମହାପ୍ରଭୁଙ୍କ କପାଳର ଶୀର୍ଷ ଭାଗରେ ଶୋଭା ପାଇଥିଲା। ଲକ୍ଷ୍ମୀ ନାରାୟଣ ବେଶରେ ବ୍ୟବହୃତ ହେଉଥିବା ଅଧିକାଂଶ ଅଳଙ୍କାର ଏହି ବେଶରେ ଠାକୁର ଲାଗି ହୋଇଥିଲେ। ଗବେଷକଙ୍କ ମତରେ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଆଣିବା ପାଇଁ ଯେତେବେଳେ ଅକ୍ରୁର ମଥୁରାକୁ ଯାଇଥିଲେ ସେ ସମୟରେ ବ୍ରଜଦାଣ୍ଡରେ ଏହି ରୂପରେ ଦର୍ଶନ କରିଥିଲେ। ସେହି ସ୍ମୃତିରେ ଏହି ବେଶ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଛି। ଏହି ବେଶରେ ଠାକୁରମାନେ ସୁବର୍ଣ୍ଣର ଅଳଙ୍କାରରେ ବିଭୂଷିତ ହୋଇଥାନ୍ତି। ଚୂଡା ମଧ୍ୟ ଧାରଣ କରିଥାନ୍ତି। ମସ୍ତକରେ ଏହି ଚୂଡ଼ା ବା ଚୁଳ ଦକ୍ଷିଣ ଦିଗକୁ ଢଳି ରହିଥାଏ। ଏଣୁ ଏହି ବେଶକୁ ବାଙ୍କଚୂଡା ବେଶ କୁହାଯାଏ। ଏଥିସହ ଶ୍ରୀମନ୍ଦିରରେ ଗରୁଡ଼ ଉତ୍‌ଥାପନ ନୀତି ସମ୍ପନ୍ନ ହୋଇଛି। ଏକାଦଶୀରେ ମହାପ୍ରଭୁ ନିଦରୁ ଉଠିଥିବା ବେଳେ ବୁଧବାର ଦ୍ୱାଦଶୀରେ ଗରୁଡ଼ ନିଦ୍ରା ତ୍ୟାଗ କରିଛନ୍ତି। ଗୁରୁବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଅନୁଷ୍ଠିତ ହେବ।

**ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ଭିଡ଼**

## ବିଜନେସ୍ କ୍ଲାସରେ ଯାତ୍ରା କରିବେ ମନ୍ତ୍ରୀ

**ଭୁବନେଶ୍ୱର,୧୩।୧୧(ସମିସ):** ଏଣିକି ରାଜ୍ୟର ମନ୍ତ୍ରୀମାନେ ବିଜନେସ୍ କ୍ଲାସରେ ବିମାନ ଯାତ୍ରା କରିପାରିବେ। ରାଜ୍ୟର ଉଭୟ କ୍ୟାବିନେଟ୍ ଓ ରାଷ୍ଟ୍ର ପାହ୍ୟାର ମନ୍ତ୍ରୀମାନେ ଏକ୍‌ଜକ୍ୟୁଟିଭ୍/ବିଜିନେସ୍ ଓ କ୍ଲବ କ୍ଲାସ ଆଦିରେ ଯାତ୍ରା କରିପାରିବେ। ସରକାରୀ କାର୍ଯ୍ୟରେ ଯାତ୍ରା ପାଇଁ ମନ୍ତ୍ରୀମାନଙ୍କୁ ଏହି ସୁବିଧା ମିଳିବ। ଏନେଇ ରାଜ୍ୟ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନା ଥାଉ କି ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ, ମୁଖ୍ୟ ସଚିବ ରାଜ୍ୟ ଭିତରେ କୌଣସି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିଲେ ବିମାନରେ ଯାଇପାରୁଥିଲେ। କିଛି ଦିନ ତଳେ ଏହି ତାଲିକାରେ ଗ୍ରୁପ୍-ଏ ଶ୍ରେଣୀର (ଲେଭେଲ୍-୧୨ ଏବଂ ଏହାଠାରୁ ଅଧିକ) ଅଧିକାରୀମାନଙ୍କୁ ମଧ୍ୟ ସାମିଲ କରାଯାଇଛି।

■ ଟାଟା ଷ୍ଟିଲ୍‌ରେ ଚାକିରି କରାଇ ଦେବାକୁ କହି ଠକେଇ

## ନକଲି ଜେନେରାଲ ମ୍ୟାନେଜର ଗିରଫ

**ଦାନଗଦି,୧୩।୧୧(ସମିସ):** କଳିଙ୍ଗନଗରସ୍ଥ ଟାଟା ଷ୍ଟିଲ୍ କାରଖାନାରେ ନିଜକୁ ଜେନେରାଲ ମ୍ୟାନେଜର ପରିଚୟ ଦେଇ ଚାକିରି କରାଇ ଦେବାକୁ କହି ଠକେଇ କରିଥିବା ଅଭିଯୋଗରେ କଳିଙ୍ଗନଗର ଥାନା ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ପୁରୁଷୋତ୍ତମପୁର ଗ୍ରାମର ଶାନ୍ତନୁ କୁମାର ସ୍ୱାଇଁ (୩୬)।



ସୂଚନା ମୁତାବକ, ଗତ ୨ ତାରିଖରେ ଟାଟା ଷ୍ଟିଲ୍ କାରଖାନାରେ ନିଯୁକ୍ତି ପାଇଁ ଅନଲାଇନରେ ପୋଷ୍ଟ ବାହାରି ଥିବାବେଳେ ଏଥିରେ ଉଲ୍ଲେଖ ଥିବା ଫୋନ ନମ୍ବରରେ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଅଞ୍ଚଳର ଅଭିନନ୍ଦନ ରାଉତ (୩୩) ଶାନ୍ତନୁଙ୍କୁ ଫୋନରେ ଯୋଗାଯୋଗ କରିଥିଲେ। ଶାନ୍ତନୁ ନିଜକୁ ଟାଟା ଷ୍ଟିଲ୍‌ର ଜେନେରାଲ ମ୍ୟାନେଜର ପରିଚୟ ଦେଇଥିଲେ ଓ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କଳିଙ୍ଗନଗର ଟାଟା କାରଖାନାର ୧ ନମ୍ବର ଗେଟ ପାଖକୁ ଟଙ୍କା ଧରି ଆସିବାକୁ କହିଥିଲେ। ପରେ ଅଭିନନ୍ଦନ ୧ ନମ୍ବର ଗେଟ୍ ପାଖରେ ପହଞ୍ଚି ଶାନ୍ତନୁଙ୍କୁ ଦେଖା କରିଥିଲେ। ତାଙ୍କଠାରୁ ୧,୪୦,୦୦୦ ଟଙ୍କା ଓ ତାଙ୍କ ସାଙ୍ଗ କଟକ ସିଡିଏର ସବ୍ୟସାଚୀ ସାହୁ (୩୪)ଙ୍କଠାରୁ ୧,୧୦,୦୦୦ ଟଙ୍କା ସମୁଦାୟ ୨,୫୦,୦୦୦ ଟଙ୍କା ଦେଇଥିଲେ। ପରେ ଶାନ୍ତନୁଙ୍କୁ ଫୋନ କଲେ ମଧ୍ୟ ସେ ରିସିଭ କରି ନ ଥିଲେ। ପରେ ସେମାନେ କୌଣସି ପ୍ରକାର ଠକେଇରେ ପଡିଥିବା ଜାଣି ଅଭିନନ୍ଦନ କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ। କଳିଙ୍ଗନଗର ପୁଲିସ ୨୧୮/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି ତାଙ୍କ ନିକଟରୁ ୨,୫୦,୦୦୦ ଟଙ୍କା ଜବତ କରିବା ସହ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଢୁଢ଼ୁଁନି ଓଲିଉଡ୍ କଳି

■ ନିର୍ମାତା, ନିର୍ଦ୍ଦେଶକଙ୍କ ଉପରେ ପୁଣି ବର୍ଷିଲେ ମନୋଜ
■ ଅଯଥା ମନ୍ତବ୍ୟରୁ ଦୂରେଇ ରୁହନ୍ତୁ ମନୋଜ: ନିର୍ଦ୍ଦେଶକ ସଂଘ

**ଭୁବନେଶ୍ୱର,୧୩।୧୧(ସମିସ):** ଅଭିନେତା ମନୋଜ ମିଶ୍ରଙ୍କ ମନ୍ତବ୍ୟକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ତାଙ୍କ ବିରୋଧରେ ଫିଲ୍ମ ନିର୍ଦ୍ଦେଶକ ସଂଘ ପକ୍ଷରୁ କଟକ ସାଇବର ଥାନାରେ ଅଭିଯୋଗ କରାଯାଇଥିବା ବେଳେ ମନୋଜ ଆଜି ନିର୍ଦ୍ଦେଶକମାନଙ୍କ ଉପରେ ପୁଣି ବର୍ଷିଛନ୍ତି। ଖରାପ ସିନେମା ବିରୋଧରେ ସେ ସ୍ୱର ଉତ୍ତୋଳନ ଜାରି ରଖିବେ ବୋଲି ଘୋଷଣା କରିଛନ୍ତି।

ଭୁବନେଶ୍ୱରରେ ଆଜି ସାମ୍ବାଦିକ ସମ୍ମିଳନୀ କରି ମନୋଜ ମିଶ୍ର କହିଛନ୍ତି ଯେ ଓଡ଼ିଆ ସିନେମାର ମାନ ଅନ୍ୟ ସିନେମା ତୁଳନାରେ ଭଲ ହେଉନାହିଁ। ଫଳରେ କଳାକାର ଠାରୁ ଆରମ୍ଭ କରି ଟେକନିସିଆନ୍ ସଂଘର୍ଷ କରୁଛନ୍ତି। ସେମାନେ ଋଣ କରି ଚଳୁଛନ୍ତି। ତେଣୁ ଏସଂପର୍କରେ ସ୍ୱର ଉଠାଇବାକୁ ସେ ବାଧ୍ୟ ହେଉଛନ୍ତି। ସିନେମା ହେଉଛି ଆମ ଓଡ଼ିଶାର ଅସ୍ମିତା, ସଂସ୍କୃତିର ପରିଚୟ। ଆଗକୁ ଖରାପ ସିନେମା ଆସିାଲେ ମୁଁ ବିରୋଧ କରିବି। ମୁଁ ମୋ ପାଇଁ ନୁହେଁ ବରଂ ଆଗାମୀ ପିଢ଼ି ପାଇଁ କହୁଛି। ଆଗକୁ ମୁଁ ଭଲ ସିନେମା ଏବଂ ଭଲ ବ୍ୟବସାୟ କରିବି। ଆମ ସିନେମାରେ ଭଲ ବ୍ୟବସାୟ ହେଉନାହି। ଏଥିପାଇଁ କିଛି ଲୋକଙ୍କୁ ସେ ଦାୟୀ କରିଛନ୍ତି। ଦଶହରା ଓ ରଜ ସମୟରେ ଯେଉଁ ଚଳଚ୍ଚିତ୍ର ରିଲିଜ ହେଉଛି, ସେହି ସମୟରେ ସିନେମା ହଲ୍‌ରେ ଦର୍ଶକଙ୍କର ଭିଡ଼ ହେଉଥିବା ବେଳେ ଅନ୍ୟ ସମୟରେ ଭିଡ଼ ରହୁନାହିଁ। ଚଳଚ୍ଚିତ୍ର "ଦମନ" ଓ "କର୍ମ" ଭଳି ସିନେମା ପ୍ରସ୍ତୁତ କରିବାକୁ ହେବ। ଏହାପରେ ଯାଇ ଓଡ଼ିଆ ସିନେମା ପ୍ରତି ଦର୍ଶକଙ୍କର ଆକର୍ଷଣ ବଢ଼ିବ ଏବଂ ଭଲ ରୋଜଗାର ହେବ ବୋଲି ମନୋଜ କହିଛନ୍ତି।





ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର କହିଛନ୍ତି ଯେ ଓଡ଼ିଶା ଫିଲ୍ମ ଇଣ୍ଡଷ୍ଟ୍ରିକୁ ୮୮ ବର୍ଷ ହେଲାଣି। ଓଡ଼ିଶାରେ କେତେ ବଡ଼ବଡ଼ ନିର୍ଦ୍ଦେଶକ ଥିଲେ। ନିତେଇ ପାଲିତ୍‌ଙ୍କ ଠାରୁ ଆରମ୍ଭ କରି ହେମନ୍ତ ଦାସ, ହର ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ, ମନମୋହନ ମହାପାତ୍ରଙ୍କ ଅନେକ ଫିଲ୍ମ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନାଁ କରିଛି। ଏହା ପରେ ମଧ୍ୟ ମନୋଜ ମିଶ୍ର ବିଭିନ୍ନ ସମୟରେ କହି ଚାଲିଛନ୍ତି ଯେ ଓଡ଼ିଶାରେ ଭଲ ନିର୍ଦ୍ଦେଶକ ନାହାନ୍ତି। ଏଭଳି ମନ୍ତବ୍ୟ ଦେବା ନିଶ୍ଚିତ ଅରୁଚିକର ଏବଂ ନିମ୍ନମାନର, ଯାହା ଆମ ସମସ୍ତଙ୍କୁ କ୍ଷୁବ୍ଧ କରିଛି। ସମାଲୋଚନା କରିବାର ଅଧିକାର ସମସ୍ତଙ୍କର ରହିଛି। ତେବେ ସେହି ସମାଲୋଚନା ଯୁକ୍ତି ସମ୍ପନ୍ନ ହେବା ଉଚିତ୍। ଏହାଦ୍ୱାରା ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ଯେପରି କିଛି କ୍ଷତି ନହେବ, ସେଥିପ୍ରତି ମଧ୍ୟ ଧ୍ୟାନ ଦେବା ପ୍ରତ୍ୟେକ କଳାକାରଙ୍କ କର୍ତ୍ତବ୍ୟ। ହେଲେ ମନୋଜ ଯେଉଁଭଳି ବକ୍ତବ୍ୟ ଦେଉଛନ୍ତି, ତାହା ବନ୍ଦ କରନ୍ତୁ ବୋଲି ସବ୍ୟସାଚୀ କହିଛନ୍ତି।

ନିର୍ଦ୍ଦେଶକ ତାପସ ସରଘରିଆ କହିଛନ୍ତି ଯେ ମନୋଜ ଜଣେ ଭଲ ଅଭିନେତା, ଅଭିନୟ କରନ୍ତୁ। ସେ ବାଛିଥିବା ବାଟ ଠିକ୍ ନୁହେଁ। ଏହାଦ୍ୱାରା ଇଣ୍ଡଷ୍ଟ୍ରି ଆଗକୁ ବଢ଼ିବନି କି ସମସ୍ୟାର ସମାଧାନ ହେବନି। ନିର୍ଦ୍ଦେଶକ ବସନ୍ତ ସାହୁ କହିଛନ୍ତି ଯେ ମନୋଜଙ୍କର ଏପରି ମନ୍ତବ୍ୟର ପ୍ରଭାବ ଓଡ଼ିଶା ଫିଲ୍ମ ଶିଳ୍ପ ଉପରେ ପଡ଼ିବ। ସେ ଏଥିରୁ ନିବୃତ୍ତ ରହିବା ଦରକାର।

## ଆଉ ୫ ବର୍ଷ ବଢ଼ିବ ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୩।୧୧(ସମିସ):** ରାଜ୍ୟ ସରକାର ଜଳକ୍ଷେତ୍ର ଉନ୍ନୟନ କାର୍ଯ୍ୟକ୍ରମ ଯୋଜନା ଅବଧିକୁ ଆଉ ୫ ବର୍ଷ ବୃଦ୍ଧି କରିବାକୁ ଯାଉଛନ୍ତି। ଏନେଇ ରାଜ୍ୟ କ୍ୟାବିନେଟରେ ପ୍ରସ୍ତାବକୁ ମୋହର ବାଜିଛି। ନୂଆ ଜଳସେଚନ ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ ତଥା ସର୍ଭେ ଓ ଅନୁସନ୍ଧାନ କରିବା, କେନ୍ଦ୍ରୀୟ ଅନୁଦାନ ପାଇବା ପାଇଁ ପ୍ରକଳ୍ପର ପୂର୍ବ କାର୍ଯ୍ୟକଳାପ ସମାପ୍ତ କରି ନିର୍ମାଣ କାର୍ଯ୍ୟକୁ ଆଗେଇ ନେବାକୁ ଏହି ଯୋଜନାର ପରିକଳ୍ପନା କରାଯାଇଥିଲା। ଅନୁମୋଦିତ ପ୍ରସ୍ତାବ ଅନୁଯାୟୀ ୨୦୨୪-୨୫ରୁ ୨୦୨୮-୨୯ ପର୍ଯ୍ୟନ୍ତ ପ୍ରାୟ ୯୬୫୨.୨୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଯୋଜନା ଦ୍ୱାରା ୬୪୩୫ ହେକ୍ଟର ସେଚାଞ୍ଚଳର ସୁଦୃଢ଼ୀକରଣ କରାଯିବା ସହ ୧୫୮୩୧୮ ହେକ୍ଟରର ଅତିରିକ୍ତ ସେଚାଞ୍ଚଳ ସୃଷ୍ଟି କରାଯିବାର ଲକ୍ଷ୍ୟ ରଖାଯାଇଛି। ଏତଦବ୍ୟତୀତ ଏହି ଯୋଜନା ନୂତନ ଜଳସେଚନ ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ ସର୍ଭେ ଓ ଅନୁସନ୍ଧାନ କରିବା ତଥା ପର୍ଯ୍ୟାପ୍ତ ପାଣ୍ଠିର ବ୍ୟବସ୍ଥା ସହ ନିର୍ମାଣଧିନ ଜଳସେଚନ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କରିବାରେ ସହାୟତା କରିବ। ସମ୍ପୃକ୍ତ ନଦୀ ଅବବାହିକାରେ ବନ୍ୟା ଏବଂ ମରୁଡ଼ି ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ କୃଷକମାନଙ୍କୁ ପର୍ଯ୍ୟାୟକ୍ରମେ ଜଳ ଯୋଗାଇବାରେ ଏହା ସହାୟକ ହେବ ବୋଲି ଜଣାପଡ଼ିଛି।

## ଆନ୍ତଃରାଜ୍ୟ ବିବାଦ ସମାଧାନ କରିବ ମନ୍ତ୍ରୀ ସ୍ତରୀୟ କମିଟି

**ଭୁବନେଶ୍ୱର,୧୩।୧୧(ସମିସ):** ବିଭିନ୍ନ ରାଜ୍ୟ ସହିତ ଓଡ଼ିଶାର ଥିବା ବିବାଦ ଗୁଡ଼ିକର ସମାଧାନ ପାଇଁ ଏକ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରାଯିବ। ବୁଧବାର ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚ ସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ବିଭିନ୍ନ ଆନ୍ତଃ ରାଜ୍ୟ ବିବାଦ ସଂପର୍କରେ ବିଷଦ ଆଲୋଚନା କରାଯାଇଥିଲା। ପୋଲାଭରମ୍, ବଂଶଧାରା, ମହାନଦୀ, କୋଟିଆ ଆଦି ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆଲୋଚନାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ଆଇନ ବିଭାଗ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଭିତରକନିକା ରାସ୍ତାରେ ଥିବା ମଦନପୁର କଟ୍ ପ୍ରକଳ୍ପ ଶେଷ ହେବ କେବେ

**୯୦ ପ୍ରତିଶତ କାମ ଶେଷ ହୋଇ ବି ଅସମ୍ପୂର୍ଣ୍ଣ**

**ପର୍ଯ୍ୟଟନ ଶିଳ୍ପରେ ପରିଣତ କରିବାକୁ ଦାବି**

**ପଟ୍ଟାମୁଣ୍ଡାଇ,୧୩।୧୧(ସମିସ):** ଶିଳ୍ପ ବିହନ କେନ୍ଦ୍ରାପଡା ଜିଲ୍ଲଶବାସୀଙ୍କ ପାଇଁ ଏକ ବୃହତ୍ ପର୍ଯ୍ୟଟନ ଶିଳ୍ପ ପ୍ରକଳ୍ପ ଅପେକ୍ଷା କରିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କେନ୍ଦ୍ରାପଡ଼ା ମାଟିର ସନ୍ତାନ ମାନେ ଦାଦନ ଖଟିବାକୁ ଯିବେ ନାହିଁ। ସାରା ବିଶ୍ୱରେ କେନ୍ଦ୍ରାପଡ଼ାର ଗୌରବ ବଢ଼ିବ। କେନ୍ଦ୍ରାପଡ଼ା ଆତ୍ମନିର୍ଭରଶୀଳ ହେବ। ପ୍ରବାଦ ପୁରୁଷ ବିଜୁ ବାବୁଙ୍କର ମାନସ ସନ୍ତାନ ଥିଲା ମଦନପୁର କଟ ପ୍ରକଳ୍ପ। ଏହି ନାମରେ ନାମିତ ପ୍ରକଳ୍ପଟି କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାର ବନ୍ୟା ପ୍ରତିରୋଧକ ବନ୍ଧରେ ଅବସ୍ଥିତ। ଯାହା ବ୍ରାହ୍ମଣୀ ନଦୀରୁ ସମୁଦ୍ରକୁ ଛୁଇଁଛି। ଏବେ ଏହା ପରିତ୍ୟକ୍ତ ହୋଇ ପଡିଛି। ଏହା କାର୍ଯ୍ୟକାରୀ ହେଲେ ପର୍ଯ୍ୟଟନସ୍ଥଳୀ କାଶ୍ମୀରର ଡାଲ୍ ହ୍ରଦ ପରି ହେବ। ଦୁଇ ପାଶ୍ୱର୍ର ରାସ୍ତାକୁ ପଥର ପ୍ୟାକିଂ କରି ସରସ ସୁନ୍ଦର କରିବାକୁ ହେବ। ଏହା କରାଗଲେ ଡାଲହ୍ରଦ ପରି ହ୍ରଦଟିଏ ସୃଷ୍ଟି ହେବ। ଏହାର ଦୁଇ ପାଶ୍ୱର୍ରେ ହୋଟେଲ ଶିଳ୍ପ, ବଜାର ମାନ ଗଢ଼ି ଉଠିବ। ହ୍ରଦ ଭିତରେ ଭାସମାନ ବଜାର ବି ସୃଷ୍ଟି ହେବ। ସବୁ ପର୍ଯ୍ୟଟନ ମାନଙ୍କୁ ବର୍ଷସାରା ଏହା ଆକର୍ଷିତ କରିବ। ଚମ୍ପା, କୃଷ୍ଣଚୁଡା, କଦମ୍ବ, କରଞ୍ଜ, ତମାଳ ଓ ନାରିକେଳ ପରି ବୃକ୍ଷମାନ ସୃଷ୍ଟି କରାଯାଇ ଏହାର ଶୋଭା ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବ। ଏହା ଭିତରକନିକା ମାର୍ଗରେ ଥିବାରୁ ବିଶ୍ୱବାସୀଙ୍କୁ ଆକର୍ଷିତ କରିବା ସହିତ ନୌକା ବିହାରର ମଜା ମଧ୍ୟ ପର୍ଯ୍ୟଟକ ମାନେ ନେଇପାରିବେ। ଶିଳ୍ପ ବିହୀନ କେନ୍ଦ୍ରାପଡା ଜିଲ୍ଲା ଶିଳ୍ପ ଜଗତରେ ଅନନ୍ୟ ସ୍ଥାନ ଅଧିକାର କରିବ। ବିଜୁ ପଟ୍ଟନାୟକଙ୍କ ଏହି ମାନସ ସନ୍ତାନ ମେଗା ପ୍ରକଳ୍ପ ବିଶ୍ୱର ସୌନ୍ଦର୍ଯ୍ୟ ପ୍ରେମୀଙ୍କୁ ସମ୍ମୋହିତ କରିବ। ବିଜୁ ବାବୁଙ୍କ ନାମରେ ଏହା ନାମିତ କରାଗଲେ ତାଙ୍କର ସ୍ୱପ୍ନର ସାର୍ଥକତାକୁ କେନ୍ଦ୍ରାପଡ଼ାବାସୀ ନିରନ୍ତର ସ୍ମରଣ କରିବେ ବୋଲି ମତ ପ୍ରକାଶ ପାଇଛି। ବ୍ରାହ୍ମଣୀର ଉଦ୍‌ବୃତ ବନ୍ୟା ଜଳକୁ ସିଧାସଳଖ ବଙ୍ଗୋପ ସାଗରରେ ନିଷ୍କାସନ ପାଇଁ ତତ୍କାଳୀନ ଜଳ ସମ୍ପଦ ମନ୍ତ୍ରୀ ପ୍ରହ୍ଲାଦ ମଲିକଙ୍କ ଉଦ୍ୟମ ଓ ବିଜୁବାବୁଙ୍କ ସ୍ୱୀକୃତିରୁ ଜନ୍ମ ନେଇଥିଲା ମଦନପୁର କଟ ପ୍ରକଳ୍ପ। ଏଥିପାଇଁ ଶହ ଶହ ଏକର ଜମି ସରକାର ଅଧିଗ୍ରହଣ କରିଥିଲେ। ଏହାର ୯୦ ଭାଗ କାର୍ଯ୍ୟ ଶେଷ ହୋଇଛି। ଏହା ଜଳ ସମ୍ପଦ ବିଭାଗ ଅଧୀନରେ ରହିଛି। ଜଳ ସମ୍ପଦ ବିଭାଗର ଏକ ସେକ୍‌ସନ ଅଫିସ ମଧ୍ୟ ରହିଛି। କିନ୍ତୁ ଏହି ପ୍ରକଳ୍ପ ଏବେ ପରିତ୍ୟକ୍ତ ଅବସ୍ଥାରେ ଅଛି। କେବଳ ମାତ୍ର ଏକ ସ୍ଲୁଇସ୍ ଗେଟ ନିର୍ମାଣ ହୋଇଥିଲେ ବ୍ରାହ୍ମଣୀ ବନ୍ୟାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇ ପାରିଥାନ୍ତା। ବନ୍ୟା ସମୟରେ ଉଦ୍‌ବୃତ ଜଳ ସମୁଦ୍ରକୁ ନିଷ୍କାସନ ହେବା ସହିତ ଅନ୍ୟ ସମୟରେ ସମୁଦ୍ର ମୁହାଣରେ ନିର୍ମାଣ କରାଯାଇଥିବା ସ୍ଲୁଇସ୍ ଗେଟର ଫାଟକକୁ ବନ୍ଦ କରି ରଖାଯାଇଥାନ୍ତା। ନଦୀର ମିଠା ପାଣିକୁ କଟ ମଧ୍ୟରେ ପ୍ରବେଶ କରାଯାଇ ଜଳସେଚନର ସୁବିଧା କରାଯାଇପାରିଥାନ୍ତା। ଫଳରେ ଉଭୟ ପାଶ୍ୱର୍ରେ ଥିବା ଚାଷ ଜମି ଗୁଡିକରେ ବର୍ଷ ସାରା ଫସଲ ଉତ୍ପାଦନ ହୋଇପାରିଥାନ୍ତା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇନଥିଲା । ଫଳ ସ୍ୱରୂପ ଏହି ପ୍ରକଳ୍ପ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଏହାର ଉଭୟ ପାଶ୍ୱର୍ ବନ୍ଧରୁ ପଥର ଗୁଡିକୁ ଦୁର୍ବୃତ୍ତମାନେ ତାଡି ନେଇ ସାରିଲେଣି। ସମୟ ଆସିଛି ଏହି ପରିତ୍ୟକ୍ତ ମଦନପୁର କଟକୁ ଚିରସ୍ରୋତାରେ ପରିଣତ କରି ପର୍ଯ୍ୟଟନ ଶିଳ୍ପର ବିକାଶ କଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଗଙ୍ଗାରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ରାଜ୍ୟସ୍ତରକୁ ମନୋନୀତ



ପଟ୍ଟାମୁଣ୍ଡାଇ,୧୩।୧୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଗଙ୍ଗାରାମପୁର ଗ୍ରାମପଞ୍ଚାୟତ ଅଧୀନସ୍ଥ ଗଙ୍ଗାରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଲକ୍ଷ୍ମୀପ୍ରିୟା ତରାଇ, ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ସୃଜନଶୀଳ ଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। ଏଥିପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ କବି, ଶିକ୍ଷକ, ଅଭିଭାବକ ଏବଂ ଗ୍ରାମବାସୀ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଛାତ୍ରୀ ଲକ୍ଷ୍ମୀପ୍ରିୟାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଲକ୍ଷ୍ମୀପ୍ରିୟାଙ୍କ କୃତିତ୍ୱ ପାଇଁ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି।

## ପ୍ରଲମ୍ବାସୁର ବଧ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ଶ୍ରୀ ବଳଦେବଜୀଉ



କେନ୍ଦ୍ରାପଡ଼ା,୧୩।୧୧(ସମିସ): ପବିତ୍ର କାର୍ତ୍ତିକ ମାସରେ ପଞ୍ଚୁକ ପାଞ୍ଚ ଦିନରେ ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ଭିନ୍ନ ଭିନ୍ନ ବେଶ ଅନୁଷ୍ଠିତ ହେଉଛି। ପଞ୍ଚୁକର ଦ୍ୱିତୀୟ ଦିନ ତଥା ଏକାଦଶୀ ତିଥିରେ ତିଥିରେ ପ୍ରଭୁ ଶ୍ରୀ 'ବଳଦେବ' ପ୍ରଳମ୍ବାସୁର ବଦ୍ଧ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ବେଶର ଏକ ସ୍ୱତନ୍ତ୍ର କିମ୍ବଦନ୍ତୀ ରହିଛି। ଶ୍ରୀକ୍ଷେତ୍ରରୁ ଆସିଥିବା ପାଟ ବସ୍ତ୍ରକୁ ପରିଧାନ କରି ଆଜି ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀ ବଳଦେବ 'ପ୍ରଳମ୍ବାସୁର' ବଦ୍ଧ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ବେଶ ଦେଖିବାକୁ ମନ୍ଦିରରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

## ଭିନ୍ନକ୍ଷମଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ନିବେଦନ



କେନ୍ଦ୍ରାପଡ଼ା,୧୩।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଗ୍ରାମପଞ୍ଚାୟତର ବରାହିଲୋ ଗ୍ରାମର ଅନାମ ଚରଣ ମଳିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ବାସଗୃହ ନିର୍ମାଣ ନିମନ୍ତେ ସରକାରୀ ସହାୟତା ଯୋଗାଇ ଦେବାକୁ ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକଙ୍କୁ ଭେଟି ନିବେଦନ କରିଛନ୍ତି। ସେ ଜଣେ ଭିନ୍ନକ୍ଷମ ତଥା ଦଳିତ ସଂପ୍ରଦାୟର ଗରିବ ଲୋକ ଅଟନ୍ତି। ପୂର୍ବରୁ ବାରମ୍ବାର ସେ ଏଥିନିମନ୍ତେ ଦରଖାସ୍ତ କରିଥିଲେ ବି ତାଙ୍କ ଆବେଦନକୁ ବିଚାର କରାଯାଇନଥିବା ଅନାମ ଓ ତାଙ୍କ ପତ୍ନୀ ବିଡିଓ ଶ୍ରୀମତୀ ବାରିକଙ୍କୁ କହିବା ସହିତ ତାଙ୍କୁ ସରକାରଙ୍କ ଆବାସ ଯୋଜନାରେ ଏକ ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ।

## ମାହାରକୁଳରେ ଅଗ୍ନିକାଣ୍ଡ; ୬ ଗୋରୁ ଗୁରୁତର

ଗୋବିନ୍ଦପୁର/ ଆଳି,୧୩।୧୧(ସମିସ): ଆଳି ବ୍ଲକ ଅନ୍ତର୍ଗତ ଡିମିରିପାଳ ପଞ୍ଚାୟତ ମାହାରକୁଳ ଗ୍ରାମରେ ଗତକାଲି ରାତିରେ ଅଗ୍ନିକାଣ୍ଡ ଘଟି ଶ୍ରୀଚରଣ ଦାସଙ୍କ ଏକ ଗୁହାଳ ଓ ବାସଗୃହ ଜଳିଯାଇଛି। ରାତି ପ୍ରାୟ ୧୨ ଟାରେ ଗୁହାଳ ଘରୁ ଏହି ଅଗ୍ନିକାଣ୍ଡ ଘଟି ଥିଲା। ପରିବାର ଲୋକେ ଶୋଇଥିବାରୁ ୬ଟି ଗୋରୁ ପୋଡ଼ି ଗୁରୁତର ଆହତ ହୋଇଛନ୍ତି। ଘରେ ଥିବା ଧାନ ଓ ବିରି, ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି।



ଖବର ପାଇ ଆଳିରୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀ ମାନଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲା। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଯୁବ ନେତା କେଦାରନାଥ ବେହେରା, ସରପଞ୍ଚ ଶିବ ସେଠୀ ଓ ଗ୍ରାମବାସୀମାନେ ଦାବି କରିଛନ୍ତି।

## ସେବାସାହିରେ ଗୀତାଜ୍ଞାନ ଯଜ୍ଞ

ରାଜକନିକା,୧୩।୧୧(ସମିସ): ରାଜକନିକା ବ୍ଲକ ସଦର ସେବାସାହି ଗାଁରେ କାର୍ତ୍ତିକ ମାସରେ ଅନୁଷ୍ଠିତ ହେଉଛି ଗୀତା ଜ୍ଞାନ ଯଜ୍ଞ । ଦୀର୍ଘ ଏଗାର ବର୍ଷ ଧରି ଗୀତାର ମାହାତ୍ମ ପ୍ରଚାର କରୁଥିବା ଏହି ବିଶେଷ ଅନୁଷ୍ଠାନର ନିଆରା ଯଜ୍ଞାନୁଷ୍ଠାନ ଏକ ଆଧ୍ୟାତ୍ମିକ ପରିବେଶକୁ ଆବୋରି ନେଇଛି। କନିକା ଅଞ୍ଚଳରେ ଅଧିକାଂଶ ଗ୍ରାମରେ ଦେବା ଦେବୀ ପୀଠମାନଙ୍କରେ ପୂଜା ପର୍ବ ଅନୁଷ୍ଠିତ ହେଉଥିବା ବେଳେ ରାଜକନିକା ବ୍ଲକ ବାଘବୁଦା ପଞ୍ଚାୟତର ସେବାସାହିର ମା' ଇଚ୍ଛାବତୀଙ୍କ ପୀଠରେ ଦୀର୍ଘ ବର୍ଷ ହେବ ଗୀତା ଯଜ୍ଞ ଜାରି ରହିଛି। ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଯଜ୍ଞାନୁଷ୍ଠାନ ହେଉଥିବା ବେଳେ ଭାଗବତ ଗୀତାର ବିଷ୍ଣୁଙ୍କ ସହସ୍ର ନାମରେ ଈଶ୍ୱରଙ୍କୁ ଆହୂତି ପ୍ରଦାନ କରାଯାଉଛି । ବିଶେଷ କରି ମା ଇଚ୍ଛାବତୀଙ୍କ ପୀଠରେ ଚଣ୍ଡୀପାଠ କରାଯାଏ ।ଏହି ଯଜ୍ଞରେ ପ୍ରତ୍ୟେକ ଦିନ ସହସ୍ରାଧିକ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳିଛି। କାର୍ତ୍ତିକ ପୂର୍ଣ୍ଣିମା ଦିନ ଏହି ଯଜ୍ଞାନୁଷ୍ଠାନରେ ପୂର୍ଣ୍ଣାହୂତି କରାଯିବ।



## ସରପଞ୍ଚ ସଂଘର ସ୍ୱଚ୍ଛତା କାର୍ଯ୍ୟକ୍ରମ




**ରାଜନଗର, ୧୩।୧୧(ସମିସ):** ରାଜନଗର ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ରାଜନଗରରେ ସଫେଇ କରାଯାଇଛି। ସରପଞ୍ଚମାନେ ତ୍ରିନାଥ ବଜାର ନିକଟରୁ ସଫେଇ କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଯାଏଁ ଆସିଥିଲେ। ହଂସୁଆ ସେତୁକୁ ସଫେଇ କରିବା ସହ ଅଳିଆ ଆବର୍ଜନା ଉଠାଇ ଥିଲେ। ଏହାପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପଡିଥିବା ଅଳିଆ ଆବର୍ଜନା ସମେତ ପଡିଥିବା ପ୍ଲାଷ୍ଟିକ ଆବର୍ଜନା ସଫେଇ କରିଥିଲେ। ସରପଞ୍ଚ ସଂଘ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧିନ ରୋଗୀ ମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ସରପଞ୍ଚ ସଂଘର ସଭାପତି ଅଶୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ସରପଞ୍ଚ ନିରଂଜନ ରାଉତ, କୈଳାସ ଚନ୍ଦ୍ର ପରିଡ଼ା, ଗୋଲେଖ ଚନ୍ଦ୍ର ସ୍ୱାଇଁ, ଚିତ୍ତ ରଂଜନ ପଣ୍ଡା, ଶୈଳେନ୍ଦ୍ର କୁମାର ମିଶ୍ର, ସୁଶ୍ରୀ ସଂଗୀତା ମହାପାତ୍ର, ସସ୍ମିତା ମହାନ୍ତି, ବୀଣାପାଣି ପ୍ରଧାନ, ଇତିଶ୍ରୀ ମହାପାତ୍ର, ପୁଷ୍ପକତା ପାତ୍ର, ସୁରେଖା ପ୍ରଧାନଙ୍କ ସମେତ ପୂର୍ବତନ ସରପଞ୍ଚ ରଂଜନ କୁମାର ମହାନ୍ତି, ଯୁବନେତା ରମଣୀ ରଂଜନ ମହାପାତ୍ର, ପ୍ରମୋଦ କୁମାର ପ୍ରଧାନ, ବରିଷ୍ଠ ନେତା ଦିଲୀପ କୁମାର ପାତ୍ର, ହୃଷିକେଶ ପ୍ରଧାନ ପ୍ରମୁଖ ସଫେଇ କରିଥିଲେ।

## 'ଅନାହାରରେ ଥିବା ଗୋରୁଙ୍କୁ ଖାଦ୍ୟ ଦିଅ'

**ପଦକ୍ଷେପ ନ ନେଲେ ଆନ୍ଦୋଳନ ଚେତାବନୀ**



ରାଜନଗର, ୧୩।୧୧(ସମିସ): ସାତଭାୟାର ପୁରୁଣା ଜନବସତିରେ ପ୍ରାୟ ୮ଶହରୁ ଅଧିକ ଗାଈ, ବାଛୁରୀ ଓ ଷଣ୍ଢ ଅନାହାରରେ ଥିବା ଖବର ପ୍ରକାଶ ପାଇବା ପରେ ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଆଜି ରାଜନଗର ପ୍ରଖଣ୍ଡ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତାମାନେ ରାଜନଗର ତହସିଲଦାରଙ୍କୁ ଅନାହାରରେ ଥିବା ଗୋରୁଙ୍କ ପାଇଁ ଖାଦ୍ୟ ଓ ପିଇବା ପାଇଁ ପାଣି ତୁରନ୍ତ ଯୋଗାଇ ଦେବାକୁ ଦାବି କରିଛନ୍ତି। ସାତଭାୟାରେ ଚାରିଆଡେ ଲୁଣି ପାଣି ଥିବାରୁ ଗୋରୁ ପିଇବାକୁ ଟୋପେ ପାଣି ପାଉନାହାନ୍ତି। ବାତ୍ୟା 'ଦାନା' ପରେ ଏ ସମସ୍ୟା ଗୁରୁତର ହୋଇଛି। ୫୦ରୁ ଅଧିକ ଗୋରୁଙ୍କର ସାତଭାୟାରେ ମୃତ୍ୟୁ ଘଟିଛି। ସାତଭାୟା ଅଞ୍ଚଳକୁ ସାଧାରଣ ଲୋକଙ୍କୁ ଛଡ଼ା ଯାଉନଥିବାରୁ ପ୍ରକୃତ ଘଟଣା କ'ଣ ତାହାକୁ ଲୁଚାଇ ରଖାଯାଉଛି। ଏହି ଗୁରୁତର ଘଟଣା ପ୍ରତି ସରକାର ଯେତିକି ତତ୍ପର ହେବା କଥା, ସେତିକି ହେଉନାହାଁନ୍ତି। ଗୋ-ସମ୍ପଦର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଗୋରୁମାନଙ୍କୁ ଖାଦ୍ୟ ଓ ପାଣିର ସୁବ୍ୟବସ୍ଥା କରାଯିବା ସହ ସେମାନଙ୍କୁ ମତ୍ୟୁ ମୁଖରୁ ଉଦ୍ଧାର କରିବାକୁ ଦାବି କରାଯାଇଛି। ନଚେତ୍ ରାଜନଗର ପ୍ରଖଣ୍ଡ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଗଠନର ଶିବ ପ୍ରସାଦ ମହାପାତ୍ର, ସନ୍ତୋଷ କୁମାର ଲେଙ୍କା, ସନ୍ତୋଷ ସେଠୀ, ମନୋଜ ସାହୁ, ଆନନ୍ଦ ଦାସ ଆଶିଷ ଦାସ, ବିନୋଦ ନାଥଶର୍ମା ଓ ସ୍ୱରୂପାନନ୍ଦ ରାଉତ ପ୍ରମୁଖ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ଅଣଛାତ୍ରଙ୍କ ଦୌରାତ୍ମ୍ୟ, ଛାତ୍ରୀ ହଟହଟା

କେନ୍ଦ୍ରାପଡ଼ା,୧୩।୧୧(ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଣଛାତ୍ରଙ୍କ ଅବାଧ ପ୍ରବେଶରେ ଛାତ୍ରୀମାନେ ଅଣନିଶ୍ୱାସୀ ହୋଇପଡିଲେଣି। କେତେବେଳେ ରାସ୍ତାରେ ଯାଉଥିବା ଛାତ୍ରୀମାନଙ୍କୁ କମେଣ୍ଟ କରାଯାଉଛି ତ ଆଉକେତେବେଳେ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରୁଛନ୍ତି। କଲେଜର ସୁରକ୍ଷା ବ୍ୟବସ୍ଥା ଢିଲାକୁ ଏପଟେ ପୁଲିସ ପାଟ୍ରୋଲିଂ ନାହିଁ । ଫଳରେ ଦିନକୁ ଦିନ ଅଣଛାତ୍ରଙ୍କ ଦୌରାତ୍ମ ବଢ଼ିବାରେ ଲାଗିଛି। ଏମିତିକି ଛାତ୍ରୀମାନଙ୍କୁ ଏକତରଫା ପ୍ରେମ କରି ହଟହଟା କରୁଛନ୍ତି। ଗ୍ରାମାଞ୍ଚଳରୁ କେନ୍ଦ୍ରାପଡ଼ା ସହରକୁ ପାଠ ପଢିବାକୁ ଯାଇଥିବା ଯୁବତୀ ଭୟରେ ମୁହଁ ଖୋଲିପାରୁନାହାନ୍ତି। ଅଣଛାତ୍ରଙ୍କ କାରନାମାରେ ସେମାନଙ୍କ ପାଠ ପଢିବାରେ ବ୍ୟାହତ ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି। ଏମିତିକି ପ୍ରତ୍ୟେକ ଦିନ ମାନସିକ ଚିନ୍ତାରେ ରହୁଛନ୍ତି ଛାତ୍ରୀମାନେ। କଲେଜର ପଛପାଶ୍ୱର୍ କଜଳାସ୍ଥିତ ସମଗ୍ରଶିକ୍ଷା କାର୍ଯ୍ୟାଳୟକୁ ଯିବା ରାସ୍ତାଟି ଅଣଛାତ୍ରମାନଙ୍କ କବଜାରେ ରହିଛି। କେତେକ ଅଣଛାତ୍ର ଏହି ରାସ୍ତା ମଝିରେ ଛିଡା ହୋଇ କଲେଜ ଛାତ୍ରୀମାନଙ୍କୁ ବାଟ ଚଲାଇ ଦେଉନାହାନ୍ତି। ଏହି ବାଟଦେଇ କେବଳ ଯେ କଲେଜ ଛାତ୍ରୀ ଯିବା ଆସିବା କରୁଛନ୍ତି, ତାହା ନୁହେଁ ସମଗ୍ର ଶିକ୍ଷା କାର୍ଯ୍ୟାଳୟରେ ଚାକିରି କରିଥିବା ମହିଳା କର୍ମଚାରୀ, ନିକଟରେ ଥିବା ଏକ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଡାକଘରକୁ ଯାଉଥିବା ମହିଳା ଓ ଛାତ୍ରୀମାନେ, କଜଳା ମହାଦେବ ମନ୍ଦିରକୁ ଯାଉଥିବା ମହିଳା, ଯୁବତୀ ଓ ଛାତ୍ରୀମାନଙ୍କୁ ଏହି ଅଣଛାତ୍ରମାନେ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏହାଦ୍ୱାରା ମହିଳା, ଯୁବତୀ ଓ ଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ଏନେଇ କେତେକ ଛାତ୍ରୀ ସାହସ କରି ପୁଲିସ ସହାୟତା ପାଇଁ ୧୧୨କୁ ଫୋନ କରିଥିଲେ। ଏହି ଫୋନ କଲ ପାଇବା ପରେ ୧୧୨ କର୍ମଚାରୀ ଘଟଣା ସମ୍ପର୍କରେ କେନ୍ଦ୍ରାପଡ଼ା ଟାଉନ ଥାନାକୁ ଅବଗତ କରାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିଥିଲେ। ଅପରାହ୍ନ ସାଢେ ୩ଟାରେ ୧୧୨କୁ ଫୋନକଲ କରାଯାଇଥିବା ବେଳେ ପୁଲିସ ଘଟଣାସ୍ଥଳରେ ସାଢେ ୫ଟାରେ ପହଞ୍ଚିଥିଲା। ସେତେବେଳକୁ ଅଣଛାତ୍ରମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଫଳରେ ପୁଲିସ ଖାଲି ହାତରେ ଫେରିବାକୁ ବାଧ୍ୟ ହୋଇଥିଲା। ସଠିକ୍ ସମୟରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ଅଣଛାତ୍ରମାନେ ଧରାପଡି ଥାନାକୁ ଯାଇଥାନ୍ତେ। କିନ୍ତୁ ସେମାନେ ପଳାଇଯିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାର କୌଣସି ମୂଲ୍ୟ ରହିଲାନି ବୋଲି ମତପ୍ରକାଶ ପାଇଛି। କଲେଜ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ପ୍ରତିଦିନ କଲେଜ ସମୟରେ ପୁଲିସ ଏହି ଅଞ୍ଚଳରେ ପାଟ୍ରୋଲିଂ କରିବା ପାଇଁ ଛାତ୍ରୀମାନେ ଦାବି କରିଛନ୍ତି।

## କେନ୍ଦ୍ରାପଡ଼ାର ସ୍ୱାର୍ଥ ପାଇଁ ବିଜେଡିର ଲଢ଼େଇ ଜାରି ରହିବ: ଗଣେଶ୍ୱର



କେନ୍ଦ୍ରାପଡା,୧୩।୧୧(ସମିସ): କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଚଉଦକୁଲାଟ ଗାନ୍ଧୀପୀଠଠାରେ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ବିଧାୟକ ଶ୍ରୀ ବେହେରା କହିଲେ ଯେ ନବୀନ ବାବୁଙ୍କ ନିର୍ଦ୍ଦେଶରେ ବିଜେଡିର ଜନସମ୍ପର୍କ ପଦଯାତ୍ରାର ଏକମାତ୍ର ଲକ୍ଷ୍ୟ ହେଉଛି ଜନସ୍ୱାର୍ଥର ସୁରକ୍ଷା। ଜନ ସମସ୍ୟା ସହ ପରିଚିତ ହେବା ଓ ତାହାର ସମାଧାନ ପାଇଁ ପନ୍ଥା ନିର୍ଦ୍ଧାରଣ କରିବାକୁ ବିଜେଡି ସଂକଳ୍ପ କରିଛି। କେନ୍ଦ୍ରାପଡାର ସ୍ୱାର୍ଥ ଯେଉଁଠି ବିଜେଡି ସେଇଠି, ଏବଂ ନବୀନ ବାବୁ ମଧ୍ୟ ସେଇଠି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ବ୍ଲକ ସଭାପତି ଆଲୋକ ସାହୁ, ପୂର୍ବତନ ସମିତି ଅଧ୍ୟକ୍ଷ ଦୂର୍ଗାଶୀଷ ମହାନ୍ତି, ଶିବ ପ୍ରସାଦ ଭଳ ଓ କଳାକାର ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର, କେଶପୁର ସରପଞ୍ଚ ପ୍ରମୋଦ ମଳିକ, ପଳସିଂହା ସରପଞ୍ଚ ଦେବେନ୍ଦ୍ର ପରିଡା, ଚନ୍ଦନପୁର ସରପଞ୍ଚ ରମାକାନ୍ତ ମଳିକ, ଗାଙ୍ଗପଡା ସରପଞ୍ଚ ଅସିନୀ ପାତ୍ର, ସାନମାଣତିଆ ସରପଞ୍ଚ ବିଭୁତି ମଳିକ, ଘାଗରା ସରପଞ୍ଚ ଅଜିତ ପରିଡା, ଛାରିଗାଁ ସରପଞ୍ଚ ଭାରତୀ ମଳିକ, ଇନ୍ଦୁପୁର ସରପଞ୍ଚ ପ୍ରଦୀପ ସୂତାର, ନିକିରାଇ ସରପଞ୍ଚ ପ୍ରଭାତ ଉତାଣସିଂ, କୁତରଙ୍ଗ ସରପଞ୍ଚ ଚିତ୍ତରଞ୍ଜନ ଜେନା, କୋର ସରପଞ୍ଚ ରଞ୍ଜିତ ଜେନା, ସମିତି ସଭ୍ୟ/ସଭ୍ୟା ବାସନ୍ତୀ ବେହେରା, ବିଷ୍ଣୁପ୍ରିୟା ମାନସିଂହ, କୁମୁଦିନୀ ପରିଡା, ଅର୍ଜୁନ ପଲେଇ, ଅଭିରାମ ସେଠୀ, କୁଞ୍ଜ ବିହାରୀ ସ୍ୱାଇଁ, ମମତା ରାଉତ, ସୁନନ୍ଦା ମଳିକ, ପ୍ରଫୁଲ୍ଲ ମଳିକ, ମିନତୀ ଦାସ, ସତ୍ୟପ୍ରିୟ ସାହୁ, ଚନ୍ଦ୍ରମଣି ବେହେରା, ମାହିନୀ ଆଚାର୍ଯ୍ୟ, ଅଶୋକ ବରାଳ, ସୁଦାମ ମଳିକ, ସଙ୍ଗମ କେଶରୀ ସାମଲ, ପ୍ରକାଶ ସାହୁ, ପ୍ରଶାନ୍ତ ବିଶ୍ୱାଳ, ନାରାୟଣ ପରିଡା, ରାଜନ ଥାଟୋଇ, ଶରତ ସାମଲ, ଦୟାନିଧି ପରିଡା, ରୁଦ୍ରପ୍ରତାପ ଦାସ, ମିର୍ଜା ମନାନ ବେଗ୍, ରାମଚନ୍ଦ୍ର ଓଝା, ବାସୁଦେବ ଜେନା, କିରଣ ସାହୁ, ବାଇଧର ପାତ୍ର, ହରେକୃଷ୍ଣ ବେହେରା, ବିନ ବେଉରା, ରତିକାନ୍ତ ସାମଲ, ସମ୍ବିତ ଶ୍ରୀଚନ୍ଦନ, ଚିତ୍ରସେନ ପରିଡା, ଅଦୈତ ବଲ୍ଲଭ ଜେନା, ବିଜନ ମଲ୍ଲିକ, ସେକ ନପୋ ଓ ରଞ୍ଜିତ ରାଉତ ପ୍ରଭୃତି ଶତାଧିକ କର୍ମୀ ଉକ୍ତ ଜନସମ୍ପର୍କ ପଦଯାତ୍ରାରେ ଭାଗ ନେଇଥିଲେ।


କେନ୍ଦ୍ରାପଡା,୧୩।୧୧(ସମିସ): ଆଜି କେନ୍ଦ୍ରାପଡ଼ା ବ୍ଲକ ଜୋନ ନଂ ୬ ଓ ୮ରେ ମିଳିତ ଭାବେ ବିଜେଡି ତରଫରୁ ଜନସମ୍ପର୍କ ପଦଯାତ୍ରା ଭରତପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଆରମ୍ଭ ହୋଇ କଳପଡ଼ା ହାଇସ୍କୁଲ ନିକଟରେ ଶେଷ ହୋଇଥିଲା। ବିଧାୟକ ଗଣେଶ୍ୱର ବେହେରା ଏହି ଯାତ୍ରାର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର, ବ୍ଲକ ସଭାପତି ଆଲୋକ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ନିର୍ମଳା ମହାନ୍ତି, ଯୁବ ବିଜେଡି ସମ୍ପାଦକ ଲୋହିତ ମହାନ୍ତି, ପୀତବାସ ବେହେରା, ସମିତି ସଭ୍ୟ ଚିନ୍ମୟୀ ସାହୁ, ରାଜୁ କୁବେର, ଚିତ୍ତରଞ୍ଜନ ପୃଷ୍ଟି, ସୁଶାନ୍ତ କୁମାର ଦାସ, ଲୋପାମୁଦ୍ରା ପାଢୀ, ଦାମୋଦର ଜେନା, ଅଭିରାମ ମହାନ୍ତି, ସଂଗମ ସାମଲ, ଧିରେନ୍ଦ୍ର ସ୍ୱାଇଁ, ନଗେନ୍ଦ୍ର ରାଉତ, ଧରଣୀଧର ଦାସ, ଗୌରାଙ୍ଗ ଲେଙ୍କା, ସତ୍ୟବାଦୀ ପ୍ରଧାନ, ଅଜୟକୁମାର ମଲ୍ଲିକ, ସର୍ଫରାଜ ଖାଁ, ବସନ୍ତ କୁମାର ରାଉତ, ସାରଦା ପ୍ରସନ୍ନ ରାଉତ, ଜିନତ୍ ପ୍ରିୟଦର୍ଶିନୀ ରାଉତ, ସରପଞ୍ଚ ନିରଞ୍ଜନ ରାଉତ, ନିଳାମ୍ବର ମଲ୍ଲିକ, ବ୍ଲକ ମହିଳା ସଭାପତି ସୁମିତ୍ରା ପାଢୀ, ସୁଧୀର କୁମାର ବେହେରା, ଗଣେଶ୍ୱର ନାୟକ, ନନ୍ଦକିଶୋର ସେଠୀ, ବିଜୟ କୁମାର ସ୍ୱାଇଁ, ଅନାମ ଚରଣ ଖଟୁଆ, ପ୍ରସନ୍ନ ରାଉତ, ପ୍ରକାଶ ଲେଙ୍କା, ଅଯୋଧ୍ୟା ବିଶ୍ୱାସ, ପ୍ରଣତି ବେହେରା, ପ୍ରଶାନ୍ତ ଦାସ, ମୃତ୍ୟୁଞ୍ଜୟ ମହାନ୍ତି, ଶୈଳେନ୍ଦ୍ର ସ୍ୱାଇଁ, ଗୋବର୍ଦ୍ଧନ ମଲ୍ଲିକ, ପିଣ୍ଟୁ ମହାନ୍ତି, ଦେବାଶୀଷ ସ୍ୱାଇଁ, ସରୋଜ ସାହୁ, ସୁରେନ୍ଦ୍ର ଜେନା, ଲାଲ ବାବୁ, ଚାନ୍ଦ ବାବୁ, ସୁଧୀର ସ୍ୱାଇଁ, ମାନସ ଦାସ, ତୋଫାନ ସ୍ୱାଇଁ, ବିଚିତ୍ର ଲେଙ୍କା, ଶିବପ୍ରସାଦ ସାହାଣୀ, ରଞ୍ଜନ ନାୟକ, ସୋବନି ସାହୁ, ସୁର ସାହୁ, ସୁଜିତ କୁମାର ବେହେରା, ପ୍ରଭାତ ଜେନା, ରଞ୍ଜନ ଜେନା, ସନତ ନାୟକ, କିଶୋର ନାଥ ଓ ରତିକାନ୍ତ ସାମଲ ପ୍ରମୁଖ ସାମିଲ ହୋଇଥିଲେ।



## ପାଳିମୀରେ କାର୍ତ୍ତିକେଶ୍ୱର ପୂଜା

ଗୋବିନ୍ଦପୁର,୧୩।୧୧ (ସମିସ): ଆଳି ବ୍ଲକ ଅନ୍ତର୍ଗତ ପାଳିମୀ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ସମାରୋହରେ ପାଳନ କରାଯାଉଛି। ଗତକାଲି ୧୨ ତାରିଖଠାରୁ ପୂଜା ଆରମ୍ଭ ହୋଇଛି। ପୂଜା ରୀତନୀତିରେ କରାଯାଉଛି। ପ୍ରତିଦିନ ବହୁ ଶ୍ରଦ୍ଧାଳୁ ମାନେ ପହଞ୍ଚି ଆଶିଷ ନେଉଛନ୍ତି। ଗ୍ରାମର ଅଧିଷ୍ଠାତ୍ରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସରରେ ୨୦୦୭ ମସିହାଠାରୁ ନିୟମିତ ପାଳନ କରାଯାଉଛି। ଜ୍ଞାନେନ୍ଦ୍ର ସାମଲ, ନଗେନ୍ଦ୍ର ସାମଲ ନେତୃତ୍ୱରେ ଓ ଗ୍ରାମବାସୀମାନଙ୍କ ସହଯୋଗରେ ପୂଜା ପାଳନ କରାଯାଉଛି।

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ଇଂ ଶରତ ଚନ୍ଦ୍ର ଚୌଧୁରୀ
ଆବିର୍ଭାବ: ୦୧.୦୪.୧୯୪୦
ତିରୋଧାନ: ୦୩.୧୧.୨୦୨୪

ବିଶ୍ୱ ବ୍ୟାଙ୍କ ସହାୟତାରେ, ଓଡିଶା ସ୍ୱାସ୍ଥ୍ୟ ଉନ୍ନତିକରଣ ପ୍ରକଳ୍ପରେ ସ୍କାଗ, ଭୁବନେଶ୍ୱର ତରଫରୁ ଅବିଭକ୍ତ ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ନିର୍ମାଣ ଓ ଉନ୍ନତିକରଣ କାର୍ଯ୍ୟରେ ପ୍ରକଳ୍ପ ସଂଯୋଜକ ରୂପେ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ସ୍କାଗର ପ୍ରଗତି ପଥରେ ବିଗତ ୨୫ ବର୍ଷରେ ଆପଣଙ୍କର ବୈଷୟିକ ଜ୍ଞାନର ଅନୁଭୂତି ଓ କାର୍ଯ୍ୟ ସମ୍ପାଦନ ପାଇଁ ଆମେ ସମସ୍ତେ କୃତଜ୍ଞ ଓ ଆମ ସମସ୍ତଙ୍କର ଚିର ନମସ୍ୟ । ଆପଣଙ୍କ ବିୟୋଗରେ ସ୍କାଗ ପରିବାର ଅତ୍ୟନ୍ତ ମର୍ମାହତ ଓ ଶୋକାଭିଭୂତ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

ସ୍କାଗ ପରିବାର
M/s Senior Consultant & Advisor Group (SCAG), Bhubaneswar.

## ପଞ୍ଝୁକରେ ଗ୍ରାମବାସୀଙ୍କ ସଫେଇ କାର୍ଯ୍ୟକ୍ରମ



**ଗରଦପୁର,୧୩।୧୧(ସମିସ):** ନିଜ ଗ୍ରାମକୁ ସ୍ୱଚ୍ଛତା ଏବଂ ସୁନ୍ଦର ରଖିବା ପାଇଁ ପୂର୍ବରୁ ଗାଁ ଦାଣ୍ଡରେ ପଡ଼ି ରହିଥିବା ଅଳିଆ ଆବର୍ଜନାକୁ ସଫା କରିବାକୁ ଆଗେଇ ଆସିଛନ୍ତି ଗ୍ରାମର ସଚେତନ ଯୁବକ ଏବଂ ମୂରବି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗରଦପୁର ବ୍ଲକ ଅନ୍ତର୍ଗତ କିଣିଲୋ ଗ୍ରାମରେ। ମଙ୍ଗଳବାର ସକାଳୁ ଯୁବକମାନେ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଗାଁକୁ ସ୍ୱଚ୍ଛତା ଏବଂ ସୁନ୍ଦର ରଖିବା ପାଇଁ ଅନ୍ୟ ମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହା ବ୍ୟତୀତ ଗାଁ ରାସ୍ତା କଡ଼ରେ ଯେଉଁମାନେ ମଳତ୍ୟାଗ କରୁଛନ୍ତି ସେମାନଙ୍କୁ ସ୍ୱତନ୍ତ୍ର ପ୍ଲାକାର୍ଡ ଧରି ପ୍ରତିବାଦ ବା ବାରଣ କରିବା ସହିତ ସରକାର ଯୋଗାଇ ଦେଉଥିବା ପାଇଖାନା ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କିଣିଲୋ ଗ୍ରାମର ଆୟୁଷ୍ମାନ ସ୍ୱାଇଁ ,କୈଳାଶ ପରିଡ଼ା,ଲକ୍ଷ୍ମୀଧର ପରିଡ଼ା, କିଷାନ ପରିଡ଼ା, ନବୀନ ରାଉତ , ଜିଲୁ କିଶୋର ପରିଡ଼ା, ଅଲେଖ ସ୍ୱାଇଁ, କ୍ଷେତ୍ରବାସୀ ସ୍ୱାଇଁ, ଗୋଲେଖ ସାହୁ,ବୁଲୁ କିଶୋର ପରିଡ଼ା, ଧିରେନ ନାୟକ,ବସନ୍ତ ପରିଡ଼ା,ବାବୁରାମ ରାଉତ, ଦିଲ୍ଲୀପ ବାରିକ ,ପ୍ରଶାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

● କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ

## 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ



**ଡେରାବିଶ, ୧୩।୧୧(ସମିସ):** ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର କେନ୍ଦ୍ରାପଡ଼ା ଦ୍ୱାରା ଆୟୋଜିକ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଆଦ୍ୟାରଶ୍ମୀ ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରକୃତି ବନ୍ଧୁ ପ୍ରସନ୍ନ ପରିଡ଼ା ଯୋଗଦେଇ ବୃକ୍ଷ ରୋପଣ ଓ ଏହାର ଉପକାରିତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ଶ୍ରୀଧର କୁମାର ମହାନ୍ତି ଓ ଶିଶିରକାନ୍ତ ମହାପାତ୍ର ଯୋଗଦେଇ ପରିବେଶ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ଗୋଲି ତିରୁପତି ରେଢ୍ଡି ଯୋଗଦେଇ କିପରି ପୁନଶ୍ଚ ପୃଥିବୀ ସୃଷ୍ଟି କରାଯାଇ ପାରିବ ସେ ସମ୍ପର୍କରେ ମତ ଦେବା ସହ ଶପଥପାଠ କରାଇଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ନେହେରୁ ଯୁବ କେନ୍ଦ୍ରର ସଦସ୍ୟ ଲକ୍ଷ୍ମୀକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରାପଡ଼ାରେ ତୁଳସୀ ବିବାହ ଓ କନ୍ଦରାସୁର ପୋଡ଼ି

**କେନ୍ଦ୍ରାପଡ଼ା,୧୩।୧୧(ସମିସ):** ତୁଳସୀକ୍ଷେତ୍ରରେ ଲୁଚି ଯାଇଥିବା ତୁଳସୀ ବିବାହ ଓ କନ୍ଦରାସୁର ପୋଡ଼ି ପୁଣି ଥରେ ଆରମ୍ଭ ହୋଇଛି। ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଯଦୁପୁର ନିକଟସ୍ଥ ଗୋପୀନାଥପୁର ଶାସନ ଗୋଷ୍ଟେଶ୍ୱର୍ ପୀଠ ପ୍ରାଙ୍ଗଣରେ ବୈଦିକ ରୀତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଧାର୍ମିକ ପରମ୍ପରା ଅନୁସାରେ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ଭଗବାନ ବିଷ୍ଣୁଙ୍କର ଶାଳଗ୍ରାମ ରୂପ ସହ ତୁଳସୀ ଦେବୀଙ୍କର ବିବାହ କରାଯାଇଥାଏ। ଏହା ଓଡ଼ିଆ ଅସ୍ମିତାର ପରିଚୟ ବହନ କରେ। କିନ୍ତୁ ଦୀର୍ଘ କିଛି ବର୍ଷ ହେବ କେନ୍ଦ୍ରାପଡ଼ାର ଏହି ପରମ୍ପରା ମଳିନ ପଡ଼ିଯାଇଥିବା ଅନୁଭବ କରି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପୁଣି ଥରେ ଏହି ପରମ୍ପରାକୁ ଧୁମଧାମରେ ପାଳନ କରିଛନ୍ତି । ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ପ୍ରଚେଷ୍ଟାରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବାଲୁକା ଶିଳ୍ପୀ ବହ୍ଲବ ମହାପାତ୍ରଙ୍କ ଦ୍ୱାରା ବଳରାମ ଓ ତୁଳସୀଙ୍କ ବାଲୁକା ମୂର୍ତ୍ତି କରାଯାଇ ହିନ୍ଦୁ ପରମ୍ପରା ଅନୁସାରେ ବିବାହ କାର୍ଯ୍ୟ କରାଯାଇଥିଲା। ଗୋଷ୍ଟେଶ୍ୱର ମହାଦେବଙ୍କ ମୁଖ୍ୟ ପରିଚାଳକ ବିଷ୍ଣୁ ଚରଣ ମହାପାତ୍ର ଏହି କାର୍ଯ୍ୟକୁ ତଦାରଖ କରିଥିଲେ । ହରି ନାମ ସଙ୍କୀର୍ତ୍ତନ ନୈଷ୍ଠିକ ବ୍ରାହ୍ମଣଙ୍କ ଦ୍ୱାରା ବେଦ ପାଠ ଓ ହରିବୋଲ ହୁଳହୁଳିରେ ବିବାହ ବେଦୀ ଉଚ୍ଛୁଳି ପଡ଼ିଥିଲା । ଏହା ପରେ ୨୫ ଫୁଟ ଉଚ୍ଚର ତିଆରି କନ୍ଦରାସୁରକୁ ଅଗ୍ନି ସଂଯୋଗ କରି ପୋଡ଼ାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ଉପସଭାପତି ରଶ୍ମୀ ରଞ୍ଜନ ବାରିକ, ସଂସ୍କୃତି ବିଭାଗୀୟ ଅଧିକାରୀ ସଞ୍ଜୀବ କୁମାର ତରାଇ, କାଳନ୍ଦୀ ମଲ୍ଲିକ, ବେଦଜ୍ୟୋତି ଦାସ,ଗୌତମ ସାହୁ, ସମ୍ରାଟ ବିପିନ ବିହାରୀ ଦାସ ଓ ଶୁଭମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱାମୀ ମୃତ୍ୟୁକୁ ନେଇ ଦୁଇ ସଉତୁଣୀଙ୍କ କଳି

# ହତ୍ୟା ସନ୍ଦେହ, ସ୍ୱର୍ଗଦ୍ୱାରରୁ ଫେରିଲା ମୃତଦେହ

**କେନ୍ଦ୍ରାପଡ଼ା,୧୩।୧୧(ସମିସ)**

ପୁରୀ ସ୍ୱର୍ଗଦ୍ୱାରକୁ ସତ୍କାର ହେବାକୁ ଯାଇଥିବା ଏକ ମୃତଦେହକୁ ପୁଲିସ ଫେରାଇ ଆଣିଛି। ସନ୍ଦେହଜନକ ମୃତ୍ୟୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏଭଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜଣେ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ଏବେ ବିବାଦ ଦେଖାଦେଇଛି। ସଉତୁଣୀ ନାମରେ ପତ୍ନୀ ହତ୍ୟା ଅଭିଯୋଗ ଆଣିଛନ୍ତି। ଅଭିଯୋଗ ହେବା ପରେ ପୁଲିସ ସଉତୁଣୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଆରମ୍ଭ କରିଛି। ସଦର ଥାନା ଅନ୍ତର୍ଗତ ଭାଗବତପୁର ପଞ୍ଚାୟତର ଅଧିନ କାଦୁଆ ଗ୍ରାମର ଅନୁପମା ତ୍ରିପାଠୀ ନାମ୍ନୀ ମହିଳା ଅଭିଯୋଗ କରିଛନ୍ତି, ତାଙ୍କ ସ୍ୱାମୀ ତାଙ୍କ ସଉତୁଣୀ ସହ ୨୭ ବର୍ଷ ହେବ ଠାକୁରପାଟଣାରେ ରହୁଥିଲେ। ବୁଧବାର ତାଙ୍କ ସ୍ୱାମୀଙ୍କ ଶରୀର ଅସୁସ୍ଥ ଥିବା ଖବର ପାଇ ସେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଏ ନେଇ ସେ ସଉତୁଣିକୁ ପଚାରିଥିଲେ। ହେଲେ ସଉତୁଣି କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ସେହିପରି ମୃତଦେହ କୁଆଡେ ଗଲା ବୋଲି ସେ ପଚାରିଥିଲେ। ହେଲେ ସେତେବେଳକୁ ମୃତଦେହ ଦାହ ପାଇଁ ସ୍ୱର୍ଗଦ୍ୱାର ପଠା ଯାଇଥିଲା। ଏ ନେଇ ଅନୁପମା ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ସ୍ୱାମୀଙ୍କୁ ସଉତୁଣୀ ଜଣକ ହତ୍ୟା କରିଥିବା ନେଇ ସେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସର ଏକ ଟିମ୍ ପୁରୀ ଯାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରୁ ମୃତଦେହ ଫେରାଇ ଅଣାଯାଇଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଶବଦାହ ଗୃହରେ ରଖିଛି। ଅନୁପମାଙ୍କ ଅଭିଯୋଗ ପରେ ମୃତଦେହ ଫେରାଇ ଅଣାଯାଇଛି। ଅନୁପମା ଅଭିଯୋଗ କରିଛନ୍ତି ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଛି। ତେଣୁ ମୃତଦେହ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟରେ ଯାହା ମିଳିବ ସେହି ଅନୁଯାୟୀ ତଦନ୍ତ କରାଯିବ ଓ ଅଭିଯୁକ୍ତ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

# ୧୫ରୁ କେନ୍ଦ୍ରାପଡ଼ା ବାଲିଯାତ୍ରା

**କେନ୍ଦ୍ରାପଡା,୧୩।୧୧(ସମିସ):** ଚଳିତବର୍ଷ ଐତିହାସିକ ଏକମାତ୍ର ଭାଇଚାରାର ଗଣପର୍ବ କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ ସ୍ଥାନୀୟ ସହରସ୍ଥିତ ନୂଆ ବସଷ୍ଟାଣ୍ଡ ସନ୍ନିକଟ ସୁଜାନଗର, ଗୁଲନଗର ଗୋବରୀ ନଦୀପଠାରେ ଚଳିତମାସ ୧୫ ତାରିଖ ଦିବା ୯ଟାରେ ଉଦ୍‌ଘାଟ ଅନୁଷ୍ଠିତ ହୋଇ ୨୧ତାରିଖ ରାତ୍ର ୯ଘଟିକା ସମୟରେ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ଆଜି ଗରାପୁରସ୍ଥିତ ହନୁମାନ ମନ୍ଦିରର ବାବା ଚେତନାନନ୍ଦ ଦାସ ମହାରାଜଙ୍କ ନିକଟରୁ ହନୁମାନଜୀଉଙ୍କ ଆଜ୍ଞା ପତାକା ଆସିବା ପରେ ବାଲିଯାତ୍ରା ମହୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିସହିତ ୭ଦିନ ବ୍ୟାପୀ ହେବାକୁ ଯାଉଥିବା ବାଲିଯାତ୍ରା ମହୋତ୍ସବରେ ପ୍ରତିଦିନ ଲୋକନୃତ୍ୟ, ସଙ୍ଗୀତ, ସାରସ୍ୱତ ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ, ସାହିତ୍ୟସଭା, ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ପରିବେଶ ସମ୍ବନ୍ଧୀୟ ସଭା, ମୀନାବଜାର, ରାମଦୋଳି, ଚକ୍ରୀ, ଦୁଇଶହରୁ ଅଧିକ ବିଭିନ୍ନ ସୌଖୀନ ଘରକରଣା ଦ୍ରବ୍ୟ ଓ ଖାଦ୍ୟ ଷ୍ଟଲ ଇତ୍ୟାଦି ଶସ୍ତା ଓ ସୁଲଭ ମୂଲ୍ୟରେ ମିଳିବାର ବ୍ୟବସ୍ଥା କରାଯାଇଛି ବୋଲି ମିଳିତ ବିବୃତ୍ତିରେ ସଭାପତି ପ୍ରଦୀପ କୁମାର ଦାସ ସୂଚନା ଦେଇଛନ୍ତି। କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ କମିଟି ତରଫରୁ ଆୟୋଜିତ ଭାଇଚାରାର ପର୍ବରେ ସପରିବାରେ ଯୋଗଦେଇ ଏହାକୁ ଉପଭୋଗ କରିବାକୁ ନିମନ୍ତ୍ରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସଞ୍ଜୟ କୁମାର ଜେନା, ଉପସଭାପତି ଧିରେନ୍ଦ୍ର କୁମାର ଦାସ, କୋଷାଧକ୍ଷ ମନୋରଞ୍ଜନ ତ୍ରିପାଠୀ, ସାଂସ୍କୃତିକ ସମ୍ପାଦକ ଶୁଭାଂଶୁ କୁମାର ଦାସ, ସହ କୋଷାଧକ୍ଷ ପଞ୍ଚାନନ ଗେରୁ, ସଂଗଠନ ସମ୍ପାଦକ ସତ୍ୟବ୍ରତ ସିଂହ, ଟୁଟୁ ଗେରୁ, ମୃତ୍ୟୁଞ୍ଜୟ ସାହୁ, ରାଜୁ କୁବେର, ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଅଭିମନ୍ୟୁ ଗୋଛାୟତ, ରାମଚନ୍ଦ୍ର ବାରିକ, ଲାଲବାବୁ, ଶ୍ରୀଧର ମହାନ୍ତି, ଦୁର୍ଯ୍ୟୋଧନ ଗେରୁ, ଶ୍ରୀଧର କୁମାର ଭୋଳ, କୈଳାସ ଗେରୁ, ପୀତବାସ ବେହେରା, ସତ୍ୟପ୍ରିୟ ଦାସ, ଲୋପାମିଦ୍ରା ବାରିକ, ମହେନ୍ଦ୍ର ଆଚାର୍ଯ୍ୟ, ଶ୍ରୀଧର କୁମାର ମହାନ୍ତି, ମିଡିଆସେଲର ସମ୍ପାଦକ ଅଲେଖ ନାୟକ, ପୀତବାସ ବେହେରା, ରମଣୀ ରଞ୍ଜନ ରାଉତରାୟ, ପିତବାସ ଦାସ, ଶତ୍ରୁଜିତ ନାୟକ, ମୃତ୍ୟୁଞ୍ଜୟ ମହାନ୍ତି, ତ୍ରିଲୋଚନ ଦାସ, ପଞ୍ଚାନନ ଦାସ, ଶରତ କୁମାର ରାଉତ, ମଦନମୋହନ ସାହୁ, ସରୋଜକାନ୍ତ ସାହୁ, ଗବେଷକ ନିରଞ୍ଜନ ମେକାପ, ମହେନ୍ଦ୍ର ଆଚାର୍ଯ୍ୟ, ଦେବେନ୍ଦ୍ର ସାହୁ, ଅକ୍ଷୟ ପ୍ରିୟ ଦାସ, ଦୁର୍ଯ୍ୟୋଧନ ଗେରୁ, ସେକ ରିଙ୍କୁ ପ୍ରମୁଖ ଶତାଧିକ ବାଲିଯାତ୍ରା ପ୍ରେମୀମାନେ ଯୋଗ ଦେଇଥିଲେ।



## ତୁଳସୀକ୍ଷେତ୍ରରେ ହବିଷ୍ୟାଳୀଙ୍କ ବ୍ରତ ପାଳନର ବ୍ୟବସ୍ଥା କରୁଛନ୍ତି ଶ୍ରୀମା

**କେନ୍ଦ୍ରାପଡ଼ା,୧୩।୧୧(ସମିସ):** ପବିତ୍ର ତୁଳସୀକ୍ଷେତ୍ରରେ ହବିଷ୍ୟାଳୀ କାର୍ତ୍ତିକ ପଞ୍ଚୁକ ବ୍ରତ ପାଳନ କରିବା ନିମନ୍ତେ ଆବଶ୍ୟକ ସୁବିଧା ଓ ସୁଯୋଗ ପ୍ରଦାନ କରି ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ଏକ ଅଭିନବ ପ୍ରୟାସ ଜାରି ରଖିଛନ୍ତି। ବିଗତ ୮ବର୍ଷ ଧରି ତୁଳସୀକ୍ଷେତ୍ରର ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ହବିଷ୍ୟାଳୀଙ୍କ ପୂଜା ବିଧି ପାଳନ ସହ ଯାତ୍ରୀନିବାସରେ ସେମାନଙ୍କ ରହିବା ଓ ଖାଦ୍ୟପେୟ ବ୍ୟବସ୍ଥା ନିଜ ଉଦ୍ୟମରେ କରି ଆସୁଛନ୍ତି ଶ୍ରୀମା। ଏହାକୁ ନେଇ ଜିଲ୍ଲାର ବୁଦ୍ଧିଜୀବୀମାନେ ଶ୍ରୀମା'ଙ୍କୁ ସାଧୁବାଦ ଜଣାଇଛନ୍ତି। ବାଣୀପିଠକୁ ମହିମାନ୍ୱିତ କରିବାରେ ଶ୍ରୀମା'ଙ୍କ ଏହି ଉଦ୍ୟମକୁ ଜିଲ୍ଲାବାସୀ ଭୂୟସୀ ପ୍ରଶଂସା କରିଛନ୍ତି। ଏହାଦ୍ୱାରା ଆଗାମୀ ଦିନରେ ପବିତ୍ର ତୁଳସୀକ୍ଷେତ୍ରର ମାନ ବୃଦ୍ଧି ପାଇବା ସହିତ ହବିଷ୍ୟ ବ୍ରତଧାରୀ ମାନଙ୍କ ଉତ୍କଣ୍ଠା ବୃଦ୍ଧି ପାଇବା ଦ୍ୱାରା ଏଭଳି କାର୍ଯ୍ୟ ଜାରି ରଖିବାକୁ ଶ୍ରୀମାଙ୍କୁ ଅଧିକ ପ୍ରେରଣା ଯୋଗାଇଛି। ତୁଳସୀକ୍ଷେତ୍ର ଏହାଦ୍ୱାରା ଉତ୍ସବମୁଖର ହୋଇ ଉଠିଥିବା ବେଳେ ସମସ୍ତଙ୍କୁ ଏହି କାର୍ଯ୍ୟରେ ସାମିଲ ହେବାକୁ ବଳଦେବସେନା ପକ୍ଷରୁ ନିବେଦନ କରାଯାଇଛି। ରବିବାର ଆରମ୍ଭ ହୋଇ ଆସନ୍ତା ଶନିବାର ଉଦଯାପିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରତ୍ୟେକ ସନ୍ଧ୍ୟାରେ ଶ୍ରୀମା'ଙ୍କ ଦ୍ୱାରା ହବିଷ୍ୟାଳୀମାନଙ୍କ ପାଇଁ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।



## ମୁରୁଜରେ ତିଆରି ଦେବାଦେବୀଙ୍କ ମୂର୍ତ୍ତିରେ ଝଟକୁଛି ଚଉଁରା ମୂଳ

ବେଣୀପୁରରେ ପଞ୍ଚୁକ

**ପଞ୍ଚୁପାଣ୍ଡବ,୧୩।୧୧(ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଚାଲି ଥିବା କାର୍ତ୍ତିକ ମାସର ପଞ୍ଚୁକରେ ଝିଅ ମାନଙ୍କ ଦ୍ୱାରା ହୋଇଥିବା ମୁରୁଜରେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ଲୋକଙ୍କ ମନମୋହୁଛି। ଘର ନିକଟରେ ଥିବା ମନ୍ଦିର କିମ୍ବା ଚଉରା ମୂଳରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର କାଳନ୍ତି ପରିଡ଼ାଙ୍କ ଝିଅ ସସ୍ମିତା ପରିଡ଼ାଙ୍କ କଳାକୃତି ଚର୍ଚ୍ଚାକୁ ଆସିଛି। ସସ୍ମିତା ପଞ୍ଚୁକ ପାଞ୍ଚଦିନ ପାଞ୍ଚ ପ୍ରକାର ପଟ୍ଟଚିତ୍ର କରିବେ। ପ୍ରଥମ ଦିନ ଶ୍ରୀ ଜଗନ୍ନାଥ, ଦ୍ୱିତୀୟ ଦିନ ରାମସୀତା, ତୃତୀୟ ଦିନ ରାଧାକୃଷ୍ଣଙ୍କ ମୂର୍ତ୍ତୀର୍ ଏବଂ ଆଉ ଦୁଇଦିନରେ ମହାଦେବ ଏବଂ ତାରିଣୀଙ୍କ ପଟ୍ଟଚିତ୍ର କରିବେ ବୋଲି ଜଣାପଡ଼ିଛି। ଏ ପଟ୍ଟଚିତ୍ର ପାଇଁ ଅଞ୍ଚଳବାସୀ ସସ୍ମିତାଙ୍କୁ ପ୍ରଶଂସା କରିଛନ୍ତି।



ଉଧାର ନେଇଥିବା ଟଙ୍କା ମିଳିଲାନି

## ଥାନା ଆଗରେ ଆଦିବାସୀ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

**ପାରାଦୀପ, ୧୩।୧୧(ସମିସ) :** ପାରାଦୀପ ଆଦର୍ଶ ଥାନା ଅଧୀନ ବୃନ୍ଦାବନ କଲୋନୀ ସବ୍‌ଷ୍ଟେସନ ଛକ ନିକଟରେ ସୀତା ମୁର୍ମୁ ନାମକ ଜଣେ ସାନ୍ତାଳ ଆଦିବାସୀ ମହିଳାଙ୍କ ଠାରୁ ଜେଜିଆଇରେ ରହୁଥିବା ପ୍ରକାଶ ସାହୁ ମଦ ଦୋକାନ ଲାଗି ୪ ଲକ୍ଷ ଟଙ୍କା ୩ ମାସ ପାଇଁ ଧାରରେ ନେଇଥିଲେ। ସେ ଆଉ ଟଙ୍କା ଫେରାଉ ନଥିବା ମହିଳା ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମହିଳା ଜଣକ ଅଭିଯୋଗ କରିବାର ଦେଢ଼ ବର୍ଷ ବିତିଯାଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ସେ ଆଜି କିରୋସିନି ଧରି ଥାନା ଆଗରେ ଆତ୍ମହୁତି ପାଇଁ ପ୍ରସ୍ତୁତ ହେଉଥିଲେ। କିନ୍ତୁ ପୁଲିସ ତାଙ୍କୁ କାବୁ କରି ବୁଝାସୁଝା କରିବା ସହ ସପ୍ତାହକ ମଧ୍ୟରେ ଏହାର ସମାଧାନ କରିବାକୁ ପ୍ରତିଶୃତି ଦେବାରୁ ସେ ଏଥିରୁ ବିରତ ରହିଥିଲେ।



## ରାଧାକୃଷ୍ଣ ପୂଜା ପାଇଁ ଡେରାବିଶ ଅଞ୍ଚଳ ଉତ୍ସବମୁଖର



**ଡେରାବିଶ,୧୩।୧୧(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ପଲେଇ, ନରସିଂହପୁର, ବାଲିଆ ଓ ଏଣ୍ଡର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶ୍ରୀରାଧାକୃଷ୍ଣଙ୍କ ପୂଜା ଉତ୍ସବ ଗତ ସୋମବାର ଠାରୁ ଆରମ୍ଭ ହୋଇଛି। ଏଥିପାଇଁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମ ଉତ୍ସବ ମୁଖରହୋଇଉଠିଛି। ପଲେଇ ପଞ୍ଚାୟତର ସବଳଙ୍ଗ ଗ୍ରାମରେ ୪ଟି ମଣ୍ଡପରେ ରାଧାକୃଷ୍ଣଙ୍କ ମୂର୍ତ୍ତି ପୂଜା ପାଉଥିବାବେଳେ ନରସିଂହପୁର ପଞ୍ଚାୟତର ମୁଣ୍ଡାଳ, ବଘାଳ ଓ ବେଲରପା ଗ୍ରାମ ସହିତ ନରସିଂହପୁରର ବେହେରାସାହି, ରାଉତସାହି, ଖଟୁଆସାହି, ଜେନାସାହି, ଗୁଡିଆସାହି ଇଦ୍ୟାଦିରେ ୧୫ରୁ ଉର୍ଦ୍ଧ୍ୱ ପୁଜାମଣ୍ଡପରେ ଶ୍ରୀରାଧାକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବା ଦେଖାଯାଇଛି। ଏଥିପାଇଁ ବିଭିନ୍ନ ପୂଜାକମିଟି ପକ୍ଷରୁ ମଣ୍ଡପକୁ ରଙ୍ଗବେରଙ୍ଗର ବୈଦ୍ୟୁତିକ ଆଲୋକ ଓ ସୁଉଚ୍ଚ ତୋରଣରେ ସୁସଜ୍ଜିତ କରାଯାଇଥିବାବେଳେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଏହି ପୂଜା ଉତ୍ସବ୫ଦିନ ଧରିଚାଲିବା ପରେ ଆସନ୍ତା ଶୁକ୍ରବାର ଉଦ୍‌ଯାପିତ ହେବ। ସେହିପରି ବାଲିଆ ପଞ୍ଚାୟତରେ ମା'ମଙ୍ଗଳାୟୁଥ କ୍ଲବ ପୂଜା ମଣ୍ଡପ, ରାଉତସାହି,ସ୍କୁଲ ଛକ, ନାୟକସାହି, ଦାସସାହି, ଗୁଡିଆସାହି ଓ ମୁଲଣା ପାଟଣା ଇତ୍ୟାଦି ପୂଜାମଣ୍ଡପରେ ଶ୍ରୀରାଧାକୃଷ୍ଣଙ୍କ ମୃଣ୍ମୟୀ ମୂର୍ତ୍ତିପୂଜା ପାଉଛନ୍ତି। ଏହି ପୂଜା ଉତ୍ସବ ସାତ ଦିନ ଧରି ଚାଲିବ। ଆସନ୍ତା ରବିବାର ଅପରାହ୍ନରେ ବାଲିଆ ହାଇସ୍କୁଲ ପଡିଆରେ ମେଳଣ ଅନୁଷ୍ଠିତ ହେବା ସହ ସମସ୍ତ ମେଢ ମେଳଣ ପଡ଼ିଆରେ ଉପବେଶନ କରିବା ପରେ ଠାକୁର ମେଲାଣୀ ନେବେ ବୋଲି ଜଣାଯାଇଛି। ଆଜି ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ନରସିଂହପୁର, ବାଲିଆ ଓ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ରାଧାକୃଷ୍ଣଙ୍କ ମଣ୍ଡପରେ ବୁଲି ଆଶିର୍ବାଦ ଭିକ୍ଷା କରିଛନ୍ତି। ଶ୍ରୀ ମହାପାତ୍ରଙ୍କ ସହ ମନୋରଞ୍ଜନ ଉପାଧ୍ୟାୟ, ନରସିଂହପୁର ସରପଞ୍ଚ ସୁଧୀର ଖଟୁଆ ପ୍ରମୁଖ ଉପସ୍ଥିତ ରହିଥିଲେ।

## ହଜରତ ସୟଦ ଜମାଲଶାହା ପୀରବାବାଙ୍କ ଉର୍ସ ଉତ୍ସବ

ଡେରାବିଶ, ୧୩।୧୧(ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଗୋଲରାହାଟ ସ୍ଥିତ ହଜରତ ସୟଦ ଜମାଲଶାହା ପୀରବାବାଙ୍କ ପୀଠରେ ଉର୍ସ ଉତ୍ସବ ଗତକାଲି ଅନୁଷ୍ଠିତ ହୋଇଯାଇଛି। ହଜରତ ସୟଦ ଜମାଲଶାହା ପୀରବାବା ଚାରି ଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପବିତ୍ର ଉର୍ସ ଉତ୍ସବ ଉପଲକ୍ଷେ ହୋଇଥିବା ବାର୍ଷିକ ଧର୍ମସଭା(ଜଲସା)ରେ ବରିଷ୍ଠ ମୌଲାନା ୟାଜ ଆଲମ ରିଜଭି ପୌରୋହିତ୍ୟ କରିଥିଲେ। ଏହି ଧର୍ମସଭାରେ ସୁଦୂର ଉତ୍ତର ପ୍ରଦେଶର ବରେଲିରୁ ମୌଲାନା ଇମତେୟାଜ ରଜାବ ରକତି ଓ କଟକରୁ ମୌଲାନା ମିନ୍‌ହାଜ୍ ରଜା ଅମିନୁଲ କାଦ୍‌ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳରୁ ବହୁ ମୌଲାନା ଯୋଗଦେଇ ଇସଲାମ ଧର୍ମର ମହତବାଣୀ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆୟୋଜକ ଗୋଲରାହାଟ ସୁନ୍ନିବରେଲି ମସଜିଦର ଇମାମ କାରୀ ଅବ୍ଦୁଲ କାଦିର୍ ହବିବିଙ୍କ ସଭା ସଂଯୋଜନାରେ ଅନୁଷ୍ଠିତ ଏହିଧର୍ମସଭାରେ ସୁଦୂର ବିହାରର ଭାଗଲପୁର କଟକ ଓ ଓଲଢ଼ିରୁ ଆସିଥିବା ସାଏରେ ଇସଲାମ ଜନାବ ଅଜମତ ରଜା ଭାଗଲପୁରୀ, ଅହେମଦ ଖାନ ରିଜଭି ଓ ମୌଲାନା ସାବିରୁଲ୍ କାଦରୀଙ୍କ ଇସଲାମ ଧର୍ମର ମହତବାଣୀ ସମ୍ପର୍କୀତ ସଂଗୀତ ଉକ୍ତ ପୀଠରେ ଧାର୍ମିକ ବାତାବରଣ ସୃଷ୍ଟି କରିଥିଲା। ମୌଲାନା ଅବ୍ଦୁଲ ଓାଜିଦ ରିଜ୍ୱବାନୀ ଏହି ଧର୍ମସଭାରେ ଘୋଷକ ଦାୟିତ୍ୱ ତୁଲାଇଥିଲେ। ପୀରବାବଙ୍କ ଏହି ଉର୍ସ ଉତ୍ସବ ପାଇଁ ଗତକାଲି ସକାଳୁ ବ୍ଲକ ଅଧିନ ଗୋଲରାହାଟ. ଚଷାଖଣ୍ଡ, ଛଂଚିଣା, ଓଲଢି, ମନ୍ତ୍ରିପଡା, ସଦାନନ୍ଦପୁର, ସବଳଙ୍ଗକଣିପଡା ଓ ହଳଦିଆ ଇତ୍ୟାଦି ମୁସଲମାନ ସାହିର ସୁନ୍ନିବରେଲି ଗୋଷ୍ଠୀର ଜନସାଧାରଣଙ୍କ ହୃଦୟରେ ପ୍ରବଳ ଉତ୍ସାହ ଉଦ୍ଦିପନା ସୃଷ୍ଟି ହୋଇଥିଲା। ଗତକାଲିର ପ୍ରାତଃ ନଜାଜ ପାଠ ପରେ ଉକ୍ତ ପୀଠରେ କୋରାନ ପାଠ କରାଯାଇଥିଲା। ସେହିପରି ଅପରାହ୍ନରେ ବିଭିନ୍ନ ମୁସଲମାନ ସାହିର ଲୋକମାନେ ଶୋଭାଯାତ୍ରରେ ଉକ୍ତ ପୀଠକୁ ଆସି ପୀରବାବାଙ୍କ ସମାଧି ପୀଠରେ ଚାଦର ଚଢାଇଥିଲେ। ବିଳମ୍ବିତ ରାତିରେ ଶେଷ ହୋଇଥିବା ଏହି ଉର୍ସ ଉତ୍ସବରେ ଯୋଗଦାନ କରିଥିବା ପୀରବାବାଙ୍କ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଉର୍ସ କମିଟି ପକ୍ଷରୁ ଶିରିଣୀ ଭୋଗ ବଣ୍ଟନ କରାଯାଇଥିଲା। ଏହି ଉର୍ସ ଉତ୍ସବକୁ ଆୟୋଜକ ୯ ଗୋଟି ବରେଲି ମୁସଲମାନ ସାହିବାସୀଙ୍କୁ ନେଇ ଗଠିତ ସୟଦ ଜମାଲଶାହା ପୀରବାବା ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ନେତୃତ୍ୱରେ ହୋଇଥିବା ବେଳେ ଏହାର ପରିଚାଳନାରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।



ପଟ୍ଟାମୁଣ୍ଡାଇ ବ୍ଲକ୍ କାର୍ଯ୍ୟାଳୟରେ ଗଣ୍ଡଗୋଳ ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସରପଞ୍ଚ, ସମିତି ସଭ୍ୟ ସଂଘ ଓ କର୍ମଚାରୀଙ୍କ ଅନଶନ

**ପଟ୍ଟାମୁଣ୍ଡାଇ,୧୩।୧୧(ସମିସ)**

"ପଟ୍ଟାମୁଣ୍ଡାଇ ବିଡ଼ିଓ ଶୁଭ୍ରାଂଶୁ ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ଗତ ୫ ତାରିଖରେ ବଡ଼ପଡା ପଂଚାୟତ ମୂଳଗାଇ ଗ୍ରାମର ଜ୍ୟୋତି ପ୍ରକାଶ ପ୍ରଧାନ ବିଡ଼ିଓଙ୍କୁ ଅଶାଳୀନ ବ୍ୟବହାର କରିବା ସହିତ ଚେୟାର ଉଠାଇ ବାଡେଇବାକୁ ଉଦ୍ୟମ କରିଥିଲେ ବୋଲି ବିଡ଼ିଓ ଶ୍ରୀସାହୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପଟ୍ଟାମୁଣ୍ଡାଇ ପୋଲିସ ଏକ ମୋକଦମା ରୁଜୁ କରିଛି। ଅନ୍ୟ ପକ୍ଷରେ ବିଜେପି ଖରରକ ଅନ୍ତର୍ଯ୍ୟାମୀ ମଲିକଙ୍କ ଅଭିଯୋଗକୁ ଆଧାର କରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏକ ମାମଲା ବିଡିଓ ଶୁଭ୍ରାଂଶୁ ସାହୁ ନାମରେ ରୁଜୁ ହୋଇଛି। ଏପରି ଘଟଣା ଘଟିଚାଲିଥିବା ବେଳେ ଜ୍ୟୋତି ପ୍ରକାଶଙ୍କୁ ଗିରଫ କରିବା ପାଇଁ ଗତ ୬ ତାରିଖରେ ବ୍ଲକ କର୍ମଚାରୀମାନେ କଲମ କଲମଛାଡ଼ ଆନ୍ଦୋଳନ କରିଥିଲେ ଓ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ କଲମ ଛାଡ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନ ଫଳରେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟ ସଂପୂର୍ଣ୍ଣ ଅଚଳ ହୋଇପଡିଥିଲା ଓ ଏଥି ସହିତ ପଟ୍ଟାମୁଣ୍ଡାଇ ବ୍ଲକର କେତେକ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ପଟ୍ଟାମୁଣ୍ଡାଇ ଆଇ ଆଇ ସି ସୁଶାନ୍ତ ସାହୁଙ୍କୁ ଭେଟି ଅଭିଯୁକ୍ତ ଗିରଫ ଦାବିରେ ଦାବୀପତ୍ର ପ୍ରଦାନ କରିଥିଲେଓ ଏହା ପରେ ବ୍ଲକ ଗଣ୍ଡଗୋଳର ଅଭିଯୁକ୍ତ ଜ୍ୟୋତି ପ୍ରକାଶ ପ୍ରଧାନଙ୍କ ଗିରଫ ଦାବୀରେ ଗତ ୮ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟ ମଧ୍ୟାହ୍ନରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସମ୍ମୁଖରେ ଧାରଣା ଓ ଅନଶନ କରିଥିଲେ ଓ ଇତି ମଧ୍ୟରେ ଘଟଣାର ୯ଦିନ ବିତି ଯାଇଛି।



### ବିଗୁଡିଛି ପରିସ୍ଥିତି, ନେଲାଣି ରାଜନୈତିକ ରୂପ

ଆଜି ଅଭିଯୁକ୍ତ ଜ୍ୟୋତି ପ୍ରକାଶ ପ୍ରଧାନଙ୍କୁ ଗିରଫ କରିବା ଦାବିରେ ପଟ୍ଟାମୁଣ୍ଡାଇ ବ୍ଲକର କେତେକ ସରପଞ୍ଚ ଓ ସମିତି ସଭ୍ୟ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ନେତୃତ୍ୱରେ ବ୍ଲକ ମୁଖ୍ୟ ଫାଟକରେ ତାଲା ପକାଇ ଅନଶନରେ ବସିଥିଲେ। ଯାହାଫଳରେ ପଟ୍ଟାମୁଣ୍ଡାଇ ବ୍ଲକ ଅଚଳ ହୋଇ ପଡିଥିଲା। ଆଜିର ଅନଶନ ଆନ୍ଦୋଳନରେ ଟ୍ଟାମୁଣ୍ଡାଇ ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ ସମ୍ପାଦକ ପ୍ରିୟବ୍ରତ ଓଝା, ସରପଞ୍ଚ ସନ୍ତୋଷ କୁମାର ସେଠୀ , ସଂଗ୍ରାମ କେଶରୀ ବାରିକ, ବନୋଜ ସେଠୀ ଅନିଲ ଲେଙ୍କା, ନରେଶ ମଲିକ, ଶତ୍ରୁଘ୍ନ ମଲିକ, ଦେବବ୍ରତ ନାୟକ ଜ୍ଞାନରଞ୍ଜନ ଖଣ୍ଡାୟୀ, ସସ୍ମିତା ସେଠୀ ବୁଦ୍ଧିରାମ ବେହେରା, ରମେଶ ମଲ୍ଲିକ କଳ୍ପନା ଜେନା, ରଂଜିତା ସାହୁ ଗଣେଶ ଦାସ, ସ୍ମୃତିରେଖା ସ୍ୱାଇଁ ଅନୁସୂୟା ନାଥ, ଦମୟନ୍ତୀ ସାମନ୍ତରାୟ, ସନ୍ତୋଷୀନୀ ଜେନା, ନିରୁପମା ଦାସ, ଅନ୍ନପୂର୍ଣ୍ଣା ସେଠୀ, ପଦ୍ମିନୀ ବେହେରା, ମମତା ସାମଲ, ଯଶମତି ରାଉତ ଏବଂ ସମିତି ସଭ୍ୟ ଅଭୟ ସ୍ୱାଇଁ, ସୁରେଶ ଜେନା, ଶଶାଙ୍କଶେଖର ବିଶ୍ୱାଳ,ବିଶ୍ୱରଂଜନ ଭୂୟାଁ, ମାନସ ମଲିକ, ସୁନୀଲ ସାମନ୍ତରାୟ , କୈଳାସ ପରିଡା, ସୁବାସ ବାରିକ, ନିରଞ୍ଜନ ବାରିକ, ରାମଚନ୍ଦ୍ର ସେଠୀ,ସ୍ମୃତିମୟୀ ମଲିକ, ଡଲି ପରିଡା, ସୁମିତ୍ରା ସାହୁ, ପ୍ରମିଳା ଖଟୁଆ,ପଦ୍ମଜାପ୍ରିୟଦର୍ଶନୀ କର ପ୍ରମୁଖ ବହୁ ସରପଞ୍ଚ ଓ ସମିତିସଭ୍ୟ ସାମିଲ ହୋଇଥିଲେ।

# ଆପାର୍ଟମେଣ୍ଟ ଛାତରେ ଗଞ୍ଜେଇ ଚାଷ

ନୂଆଦିଲ୍ଲୀ,୧୩ା୧୧( ଏଜେନ୍ସି): ନୋଏଡାସ୍ଥିତ ଏକ ଆପାର୍ଟମେଣ୍ଟ ଛାତରେ ଗଞ୍ଜେଇ ଚାଷ ଚାଲିଥିବା ଖବର ସାମ୍ନାକୁ ଆସିବା ପରେ ଦିଲ୍ଲୀରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏହି ସୂଚନା ପାଇବା ପରେ ପୁଲିସ ଅଭିଯୁକ୍ତ ରାହୁଲ ଚୌଧୁରୀ (୪୬)ଙ୍କୁ ଗିରଫ କରିବା ସହିତ ତାଙ୍କ ଘରୁ ୮୦ଟି ଗଞ୍ଜେଇ ଚାରା ଜବତ କରିଛି। ଏହି ଚାରା ମୂଲ୍ୟ ପ୍ରାୟ ୬୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ରାହୁଲଙ୍କ ଘରୁ ଗଞ୍ଜେଇ ମଞ୍ଜି, ସାର ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ମିଳିଥିବା ଖବର ଅନୁସାରେ ,ଗ୍ରେଟର ନୋଏଡା ପୁଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇବା ପରେ ଏଠାକାର ପାର୍ଶ୍ୱନାଥ ପାନାରୋମା ସୋସାଇଟିରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ରାହୁଲ ତାଙ୍କ ଘର ବାରଣ୍ଡା ଏବଂ ଛାତ ଉପରେ ଫୁଲ କୁଣ୍ଡରେ ଗଞ୍ଜେଇ ଚାଷ କରିଥିବା ଦେଖିବାକୁ ମିଳିଥିଲା। ପୂରା କିଚେନ୍ ଗାର୍ଡେନ ଶୈଳୀରେ ସେ ଗଞ୍ଜେଇ ଚାଷ କରିଥିଲେ। ଅଭିଯୁକ୍ତ ଜଣକ ଗଞ୍ଜେଇ ଗଛ ପିଛା ୫ରୁ ୬ ହଜାର ଟଙ୍କା ଖର୍ଚ୍ଚ କରିଥିବା ସ୍ୱୀକାର କରିଥିଲା ବେଳେ ଏହାକୁ ଯୋଜନା ବଦ୍ଧ ଭାବେ କରାଯାଇଥିବା ପୁଲିସ ନିଶ୍ଚିତ ହୋଇଛି। ଗଞ୍ଜେଇ ଗଛଗୁଡ଼ିକ ଯେପରି ଉଚିତ ତାପାମାତ୍ରାରେ ବଢ଼ିପାରିବ ସେଥିପାଇଁ ରାହୁଲ ଏସି ଲଗାଇଥିଲେ। ଯାହା ଦିନରାତି ୨୪ ଘଣ୍ଟା ଚାଲୁଥିଲା। ଗଞ୍ଜେଇ ଚାଷ ସମ୍ପର୍କରେ ଯେଭଳି କେହି ଜାଣି ନପାରିବେ ସେଥିପାଇଁ ସେ ଘରର କବାଟ ଓ ଝରକା ଖୋଲୁ ନଥିଲେ। ଗଞ୍ଜେଇ ଗଛ ପ୍ରତ୍ୟକ୍ଷ ସୂର୍ଯ୍ୟାଲୋକ ପାଇବାରୁ ବଞ୍ଚିତ ହେଉଥିବାରୁ ରାହୁଲ କୃତ୍ରିମ ଆଲୋକ ବ୍ୟବସ୍ଥା ମଧ୍ୟ କରିଥିଲେ। ରାହୁଲ ମିରଟ ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ପୂର୍ବରୁ ତାଙ୍କର ଏକ ହୋଟେଲ ଥିଲା। କିନ୍ତୁ କରୋନା ସମୟରେ ସେ ବିପୁଳ କ୍ଷତି ସହିଥିଲେ। ତା'ପରେ ଚିନ୍ତିତ ହୋଇପଡ଼ି ପ୍ରାୟ ଅଧିକାଂଶ ସମୟରେ ନିଶା ସେବନ କରୁଥିଲେ ଏବଂ ଡିପ୍ରେସନକୁ ଚାଲି ଯାଇଥିଲେ ବୋଲି ପୁଲିସ କହିଛି।



**ଅଭିଯୁକ୍ତ ଗିରଫ, ୬୦ ଲକ୍ଷର ଚାରା ଜବତ**


# ଫାଶୀରୁ ରକ୍ଷା ପାଇଥିବା ବ୍ୟକ୍ତିଙ୍କୁ ପୁଣି ଫାଶୀଦଣ୍ଡ



ତେହରାନ୍,୧୩ା୧୧(ଏଜେନ୍ସି): ଇରାନରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜଣେ ବ୍ୟକ୍ତି ଫାଶୀ ଦଣ୍ଡରୁ ରକ୍ଷା ପାଇଥିଲା ବେଳେ ଏବେ ପୁଣି ଫାଶୀ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ଏଠାକାର ଅହମ୍ମଦ ଅଲିଯାଦେ ନାମକ ଜଣେ ବ୍ୟକ୍ତି ଏକ ହତ୍ୟାକାଣ୍ଡରେ ଦୋଷୀ ସାବ୍ୟସ୍ତ ହେବା ପରେ ୨୦୧୮ରେ ଇରାନର ଏକ ଅଦାଲତ ତାଙ୍କୁ ଫାଶୀ ଦଣ୍ଡ ଦେଇଥିଲେ। ଫଳରେ ୨୦୧୮ ଏପ୍ରିଲରେ ଅହମ୍ମଦଙ୍କୁ ଫାଶୀ ଦେବା ଲାଗି ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲା। ଏପରିକି ତାଙ୍କୁ ଫାଶୀ ଖୁଣ୍ଟରେ ମଧ୍ୟ ଟାଙ୍ଗି ଦିଆଯାଇଥିଲା। କିନ୍ତୁ ଏହି ସମୟରେ ସେଠାରେ ଉପସ୍ଥିତ ଥିବା ପୀଡ଼ିତ ବ୍ୟକ୍ତିଙ୍କ ପରିବାର ଅହମ୍ମଦଙ୍କୁ କ୍ଷମା କରିବାକୁ ଜୋରସର୍‌ରେ ପାଟି କରିଥିଲେ। ସେତେବେଳକୁ ଅହମ୍ମଦ ପ୍ରାୟ ୨୮ ସେକେଣ୍ଡ ଧରି ଫାଶୀ ଖୁଣ୍ଟରେ ଝୁଲି ସାରିଥିଲେ। ପରେ ପରେ ତାଙ୍କୁ ଫାଶୀ ଖୁଣ୍ଟରୁ ଓହ୍ଲାଇ ଦିଆଯାଇ ସିପିଆର୍ ଦିଆଯାଇଥିଲା ଏବଂ ଅହମ୍ମଦ ସୌଭାଗ୍ୟବାଶତଃ ରକ୍ଷା ପାଇଯାଇଥିଲେ। ଇରାନର ସରିଆ ନିୟମ ଅନୁସାରେ କୌଣସି ଅପରାଧିକ ଘଟଣାରେ ଯଦି ପୀଡ଼ିତଙ୍କ ପରିବାର ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ କ୍ଷମା କରି ଦିଅନ୍ତି ତେବେ କ୍ଷମା ପାଇଥିବା ଅପରାଧି କିମ୍ବା ତାଙ୍କ ପରିବାର ପୀଡ଼ିତଙ୍କ ପରିବାରକୁ ଆର୍ଥିକ କ୍ଷତିପୂରଣ ଦେବାକୁ ପଡ଼ିଥାଏ। ଏହିକ୍ରମରେ ଅହମ୍ମଦଙ୍କୁ ପୀଡ଼ିତଙ୍କ ପରିବାର କ୍ଷମାଦେବା ସହିତ ମୃତ୍ୟୁଦଣ୍ଡରୁ ରକ୍ଷା କରିଥିବାରୁ ତାଙ୍କ ପରିବାର ପୀଡ଼ିତଙ୍କ ପରିବାରକୁ କ୍ଷତି ପୂରଣ ଦେବା କଥା । ହେଲେ ୨୦୧୮ରୁ ଆଜି ପର୍ଯ୍ୟନ୍ତ ଏହା ପୂରଣ ନ ହେବାରୁ ପୀଡ଼ିତଙ୍କ ପରିବାର ପକ୍ଷରୁ ପୁଣିଥରେ ଅହମ୍ମଦଙ୍କ ବିରୋଧରେ ଅଦାଲତରେ ମାମଲା ରୁଜୁ ହୋଇଥିଲା। ଅଦାଲତ ବିଚାର କରି ଅହମ୍ମଦଙ୍କୁ ପୁଣିଥରେ ଫାଶୀ ଦଣ୍ଡ ଶୁଣାଇଥିବା ଇରାନର ମାନବାଧିକାର ପ୍ରସଙ୍ଗରେ ତର୍ଜମା କରୁଥିବା ନରୱେସ୍ଥିତ ଏକ ସ୍ୱେଚ୍ଛାସେବୀ ସଂଗଠନ ଆଇଏଚଆର୍ କହିଛି।

# ସରିଲା ପ୍ରଥମ ପର୍ଯ୍ୟାୟ ଝାଡ଼ଖଣ୍ଡ ଭୋଟ୍

ନୂଆଦିଲ୍ଲୀ,୧୩ା୧୧(ଏଜେନ୍ସି): ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ବୁଧବାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୪୩ଟି ବିଧାନସଭା ଆସନ ପାଇଁ ମତଦାନ କରାଯାଇଥିଲା ବେଳେ ବିଭିନ୍ନ ଜିଲ୍ଲାରେ ମତଦାନ ପାଇଁ ଲୋକଙ୍କ ଉତ୍ସାହ ଦେଖିବାକୁ ମିଳିଛି। ସନ୍ଧ୍ୟା ୫ଟା ସୁଦ୍ଧା ହାରାହାରି ମତଦାନ ହାର ୬୫ ପ୍ରତିଶତ ରହିଥିବା ନିର୍ବାଚନ କମିସନଙ୍କ ପକ୍ଷରୁ ଦିଆଯାଇଥିବା ସୂଚନାରୁ ଜଣାପଡ଼ିଛି। ଏହି ପର୍ଯ୍ୟାୟରେ ୧୭ଟି ଅଣସଂରକ୍ଷିତ ଆସନ ସମେତ ୨୦ଟି ସଂରକ୍ଷିତ ଆସନ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ତେବେ ପାଗ ଅନୁକୂଳ ରହିଥିବାରୁ ପ୍ରତ୍ୟେକ ନିର୍ବାଚନୀ ମଣ୍ଡଳୀରେ ଭୋଟରଙ୍କ ଉତ୍ସାହ ଦେଖିବାକୁ ମିଳିଥିବା କୁହାଯାଇଛି। ରାଜ୍ୟର କିଛି ସ୍ପର୍ଶକାତର ବୁଥଗୁଡିକରେ ଅପରାହ୍ନ ୪ଟା ସୁଦ୍ଧା ଭୋଟ ଗ୍ରହଣ ଶେଷ କରିବାକୁ ବ୍ୟବସ୍ଥା କରାଯାଇଥିଲା। ତେବେ କିଛି କାଁଭାଁ ଗଣ୍ଡଗୋଳ ବ୍ୟତୀତ ନିର୍ବାଚନ ପ୍ରକ୍ରିୟା ସୁରୁଖୁରରେ ଶେଷ ହୋଇଥିବା ଜଣାପଡ଼ିଛି। ବାକି ୩୮ ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ। ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ବ୍ୟତୀତ ୱାଏନାଡ ଲୋକସଭା ଉପ ନିର୍ବାଚନ ଏବଂ ୧୦ଟି ରାଜ୍ୟର ବିଧାନସଭା ଉପନିର୍ବାଚନ ମଧ୍ୟ ବୁଧବାର ଶେଷ ହୋଇଛି। ୱାଏନାଡରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ପ୍ରଥମଥର ପାଇଁ ନିର୍ବାଚନ ଲଢୁଥିବାରୁ ଏଠାରେ କଂଗ୍ରେସ କର୍ମୀମାନେ ଉତ୍ସାହିତ ରହିବା ସହିତ ୱାଏନାଡବାସୀ ମଧ୍ୟ ଉତ୍ସାହ ସହିତ ମତଦାନ କରିଥିବା ଦେଖାଯାଇଛି। ସେହିପରି ରାଜସ୍ଥାନ, ପଶ୍ଚିମବଙ୍ଗ,ଆସାମ, ବିହାର, କର୍ଣ୍ଣାଟକ, ମଧ୍ୟପ୍ରଦେଶ,ଛତିଶଗଡ଼, ଗୁଜରାଟ ଏବଂ କେରଳ ଭଳି ୧୦ ରାଜ୍ୟର ୩୧ଟି ବିଧାନସଭା ଆସନ ପାଇଁ ମଧ୍ୟ ଉପ ନିର୍ବାଚନ ଶେଷ ହୋଇଛି। ଏହି ସବୁ ରାଜ୍ୟରେ ମୁଖ୍ୟତଃ ଏନଡିଏ ଏବଂ ଇଣ୍ଡିଆ ମେଣ୍ଟ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାରୁ ଫଳାଫଳ ଉଭୟ ମେଣ୍ଟ ପାଇଁ ଗୁରୁତ୍ୱ ବହନ କରୁଛି। ୱାଏନାଡ ଉପ ନିର୍ବାଚନ ସହିତ ଏହିସବୁ ରାଜ୍ୟର ଫଳାଫଳ ଆସନ୍ତା ୨୩ ତାରିଖରେ ପ୍ରକାଶ ପାଇବ।



- ମତଦାନ ହାର ୬୫ %
- ୱାଏନାଡ ସମେତ ୧୦ ରାଜ୍ୟରେ ଉପନିର୍ବାଚନ ଶେଷ

## ରାଜସ୍ଥାନ ବୁଥ୍‌ରେ ଏସ୍‌ଡିଏମ୍‌ଙ୍କୁ ଚାପୁଡ଼ା ମାରିଲେ ସ୍ୱାଧୀନ ପ୍ରାର୍ଥୀ

ବୁଧବାର ରାଜସ୍ଥାନର ଦେଓଲି-ଉନିଆରା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ ଚାଲିଥିଲା ବେଳେ ପୂର୍ବରୁ କଂଗ୍ରେସ ଦଳରେ ଥିବା ଏବଂ ବର୍ତ୍ତମାନ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଧାୟକ ଲଢୁଥିବା ନରେଶ ମିନା ଏସଡିଏମଙ୍କୁ ଚାପୁଡ଼ା ମାରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ନିର୍ବାଚନ ମଣ୍ଡଳୀର ସମରାଭତ ବୁଥ୍‌ରେ ମତଦାନ ଚାଲିଥିଲା ବେଳେ ସେଠାରେ ଏସଡିଏମ ଅମିତ ଚୌଧୁରୀ ଉପସ୍ଥିତ ରହି ଭୋଟଦାନ ପ୍ରକ୍ରିୟା ତଦାରଖ କରୁଥିଲେ। କିନ୍ତୁ ଏହି ସମୟରେ କୌଣସି କାରଣକୁ ନେଇ ମିନା ଉତକ୍ଷିପ୍ତ ହୋଇପଡ଼ିବା ସହିତ ଅମିତଙ୍କୁ ଘୋଷଡି ନେଇ ଚାପୁଡା ମାରିଥିଲେ। ସେଠାରେ ଉପସ୍ଥିତ ରହିଥିବା ପୁଲିସ କର୍ମଚାରୀ ଅମିତଙ୍କୁ ରକ୍ଷା କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ମିନା ପୁଣି ମାରିବାକୁ ଗୋଡାଇଥିଲେ। ଏହି ବିଷୟକକୁ ନେଇ ପୁଲିସ ଯାଞ୍ଚ ଆରମ୍ଭ କରିଛି। ତେବେ ଏହି ଦୃଶ୍ୟର ଭିଡିଓ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଶରଦ ପାୱାରଙ୍କ ଫଟୋ, ଭିଡିଓ ବ୍ୟବହାର କରିପାରିବେନି ଅଜିତ ଗୋଷ୍ଠୀ

ନୂଆଦିଲ୍ଲୀ,୧୩ା୧୧(ଏଜେନ୍ସି): ମହାରାଷ୍ଟ୍ର ବିଧାନସଭା ନିର୍ବାଚନକୁ ନେଇ ଏବେ ଧୂଆଁଧାର ପ୍ରଚାର ଅଭିଯାନ ଚାଲିଛି। ସବୁ ପ୍ରମୁଖ ଦଳ ପ୍ରଚାର ଅଭିଯାନ ପାଇଁ ରାତି ଦିନ ଏକାଠି କରିଦେଇଛନ୍ତି। କିନ୍ତୁ ଏହା ମଧ୍ୟରେ ସୁପ୍ରିମକୋର୍ଟରୁ ଏନସିପି(ଅଜିତ ଗୋଷ୍ଠୀ) କୁ ଧକ୍କା ଲାଗିଛି। ନିର୍ବାଚନ ପ୍ରଚାର ବେଳେ ଅଜିତ ଗୋଷ୍ଠୀ ଶରଦ ପାୱାରଙ୍କ ଫଟୋ କିମ୍ବା ଭିଡିଓ ବ୍ୟବହାର କରି ପାରିବେନି ବୋଲି ସୁପ୍ରିମକୋର୍ଟ ତାଗିଦ କରିଛନ୍ତି। ଅଜିତ ପାୱାର ଶରଦ ପାୱାରଙ୍କ ମୂଳ ଏନସିପିରୁ ଅଲଗା ହୋଇ ସାରିଥିବାରୁ ତାଙ୍କ ଗୋଷ୍ଠୀ ଶରଦଙ୍କ କୌଣସି ଫଟୋ କିମ୍ବା ଭିଡିଓ ବ୍ୟବହାର କରିପାରିବେନି ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଅଜିତ ଏବେ ନିଜ ଗୋଡ଼ରେ ଛିଡ଼ା ହେବା ଶିଖନ୍ତୁ ଏବଂ ନିଜର ପରିଚୟ ସୃଷ୍ଟି କରନ୍ତୁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଅବିଭାଜିତ ଏନସିପିର 'ଘଡ଼ି' ଚିହ୍ନ ଉପରେ ଶୁଣାଣି ସମୟରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଅଜିତ ଚଳିତ ନିର୍ବାଚନ ପ୍ରଚାର ସମୟରେ ଶରଦ ପାୱାରଙ୍କ ଏକ ପୁରୁଣା ଭିଡିଓ ବ୍ୟବହାର କରିଥିବାରୁ ଏହାକୁ ଶରଦ ବିରୋଧ କରି ପିଟିସନ ଦାଏର କରିଥିଲେ। ଏହିକ୍ରମରେ ଖଣ୍ଡପୀଠ ଅଜିତଙ୍କ ଉଦ୍ଦେଶ୍ୟରେ



ଉପରୋକ୍ତ ନିର୍ଦ୍ଦେଶ ଦେବା ସହିତ କହିଛନ୍ତି ଯେ ଅଜିତ ଶରଦଙ୍କ ଗୋଷ୍ଠୀରୁ ଅଲଗା ହୋଇସାରିଥିବାରୁ ଦୁଇ ଗୋଷ୍ଠୀ ଭିନ୍ନ ଆଦର୍ଶରେ ପରିଚାଳିତ ହେଉଛନ୍ତି। ତେଣୁ ଗୋଟିଏ ଗୋଷ୍ଠୀର ଆଦର୍ଶଭିତ୍ତିକ ଚିହ୍ନକୁ ଅନ୍ୟ ଜଣେ କିଭଳି ବ୍ୟବହାର କରିପାରିବ ବୋଲି ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗରେ ଶୁଣାଣି ଚାଲିଥିଲା ବେଳେ ଶରଦଙ୍କ ଓକିଲ ଅଭିଷେକ ମନୁସିଂହଭି କହିଥିଲେ ଯେ ଅଜିତ ଶରଦ ପାୱାରଙ୍କ ଭିଡିଓ ବ୍ୟବହାର କରି ଏହି ଦୁଇ ଜଣ ଅଲଗା ହୋଇନାହାନ୍ତି ବୋଲି ଭୋଟରଙ୍କ ମହଲରେ ଛାପ ସୃଷ୍ଟି କରିବାକୁ ମସୁଧା କରିଛନ୍ତି। ଏହାଦ୍ୱାରା ସେ କିଛି ଅଧିକ ଭୋଟ ପାଇଯିବେ ବୋଲି ଚିନ୍ତା କରୁଛନ୍ତି ବୋଲି ମନୁସିଂହଭି କହିବା ପରେ ସୁପ୍ରିମକୋର୍ଟ ଅଜିତଙ୍କୁ ତାଗିଦ କରିଛନ୍ତି। ଏହାସହିତ ଅଦାଲତକୁ ପ୍ରସଙ୍ଗହୀନ ମାମଲା ଆଣ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

# ଉଦ୍ଧବଙ୍କ ପରେ ମୁଖ୍ୟମନ୍ତ୍ରୀ ସିନ୍ଦେଙ୍କ ବ୍ୟାଗ ଯାଞ୍ଚ

ମୁମ୍ବଇ,୧୩ା୧୧(ଏଜେନ୍ସି): ତିନି ଦିନ ତଳେ ନିର୍ବାଚନ ପ୍ରଚାର କରିବାକୁ ଯାଇଥିବା ବେଳେ ସୁରକ୍ଷା ଅଧିକାରୀମାନେ ଶିବସେନା(ୟୁବିଟି) ସୁପ୍ରିମୋ ଉଦ୍ଧବ ଠାକରେଙ୍କ ବ୍ୟାଗ୍ ଯାଞ୍ଚ କରିବା ଘଟଣା ମହାରାଷ୍ଟ୍ର ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଥିଲା। ଉଦ୍ଧବ ମହାରାଷ୍ଟ୍ରର ୱାନି ହେଲିପ୍ୟାଡରେ ପହଞ୍ଚିବା ପରେ ସୁରକ୍ଷା ଅଧିକାରୀମାନେ ତାଙ୍କ ବ୍ୟାଗ ଯାଞ୍ଚ କରିଥିଲେ । ଯାହାର ଭିଡିଓ ଉଦ୍ଧବ ରେକର୍ଡ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ସହ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ୍ ଏବଂ ଅଜିତ ପାୱାରଙ୍କ ବ୍ୟାଗକୁ ବି କ'ଣ ସୁରକ୍ଷା ଅଧିକାରୀମାନେ ଯାଞ୍ଚ କରୁଛନ୍ତି କି ବୋଲି ଉଦ୍ଧବ ପ୍ରଶ୍ନ କରିଥିଲେ। ଏପରିକି ନିର୍ବାଚନ ଅଧିକାରୀମାନେ ମହାରାଷ୍ଟ୍ରକୁ ପ୍ରଚାର ପାଇଁ ଆସୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ବ୍ୟାଗକୁ ମଧ୍ୟ ଯାଞ୍ଚ କରୁଛନ୍ତି କି ନାହିଁ, ସେକଥା ମଧ୍ୟ ଉଦ୍ଧବ ସୋସିଆଲ ମିଡିଆରେ ପୋଷ୍ଟ କରି ପ୍ରଶ୍ନ ଉତ୍ଥାପନ କରିଥିଲେ। ଏହାକୁ ନେଇ ରାଜନୀତିକ ଚର୍ଚ୍ଚା ବଢିଥିଲା ବେଳେ ବୁଧବାର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ବ୍ୟାଗ ଯାଞ୍ଚ ପ୍ରସଙ୍ଗ ପୁଣି ରୋଚକ ସ୍ଥିତି ଉତ୍ପନ୍ନ କରିଛି। ମୁଖ୍ୟମନ୍ତ୍ରୀ ସିନ୍ଦେ ନିର୍ବାଚନ ପ୍ରଚାର ପାଇଁ ବୁଧବାର ପାଲଘରସ୍ଥିତ ଏକ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ନିର୍ବାଚନ ଆୟୋଗ ଅଧିକାରୀମାନେ ତାଙ୍କ ବ୍ୟାଗ୍ ଯାଞ୍ଚ କରିଥିଲେ। କିନ୍ତୁ ଯାଞ୍ଚ ବେଳେ ସିନ୍ଦେ ଉଦ୍ଧବଙ୍କ ଉଦ୍ଦେଶ୍ୟରେ ମୃଦୁ ଛଳନାମ୍ଭକ ମନ୍ତବ୍ୟ ଦେଇଥିଲେ। ତେବେ ଏସଓପି ଅନୁସାରେ ଏହି ଯାଞ୍ଚ କରାଯାଉଛି ଏବଂ ଏହାକୁ ସମସ୍ତେ ସହଯୋଗ କରିବା ଉଚିତ ବୋଲି ସେ କହିଥିଲେ। କିନ୍ତୁ ବ୍ୟାଗ୍ ଯାଞ୍ଚକୁ ନେଇ ଉଦ୍ଧବ ଯେଉଁ ପ୍ରଶ୍ନ ଉଠାଇଥିଲେ ସେଥିପାଇଁ ନିର୍ବାଚନ ଅଧିକାରୀମାନେ ମୁଖ୍ୟମନ୍ତ୍ରୀ ସିନ୍ଦେଙ୍କ ବ୍ୟାଗ ଯାଞ୍ଚ କରିବାକୁ ବାଧ୍ୟ ହୋଇଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।





ଇସ୍ରାଏଲର ଆକ୍ରମଣ ଯୋଜନା ଲିକ୍

# ସିଆଇଏ ଅଧିକାରୀଙ୍କୁ ଗିରଫକଲା ଏଫବିଆଇ

ୱାଶିଂଟନ୍,୧୩ା୧୧(ଏଜେନ୍ସି): ନିକଟରେ ଇସ୍ରାଏଲ ଉପରେ ଇରାନର ଆକ୍ରମଣକୁ ନେଇ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିଥିଲା। କିନ୍ତୁ ଇସ୍ରାଏଲର ଏହି ଆକ୍ରମଣ ଯୋଜନା ସମ୍ପର୍କରେ ପୂର୍ବରୁ ତଥ୍ୟ ପଦାରେ ପଡ଼ିଥିଲା ବୋଲି ଅଭିଯୋଗ ଉଠିଥିଲା। ତଥ୍ୟ ଲିକ୍ ଘଟଣାକୁ ଆମେରିକା ଗୁରୁତ୍ୱ ସହ ଗ୍ରହଣ କରି ଯାଞ୍ଚ କରିଥିଲା ବେଳେ ଏହାପଛରେ ଆମେରିକାର ଗୁଇନ୍ଦା ଏଜେନ୍ସି ସିଆଇଏ ପାଇଁ କାମ୍ବୋଡିଆରେ କାର୍ଯ୍ୟ କରୁଥିବା ଆସିଫ୍ ରହମନଙ୍କ ସଂପୃକ୍ତି ଥିଲା ବୋଲି ଜଣାପଡ଼ିଛି। ଆସିଫଙ୍କୁ ଆମେରିକାର ପ୍ରମୁଖ ଯାଞ୍ଚ ଏଜେନ୍ସି ଏଫବିଆଇ ମଙ୍ଗଳବାର ଗିରଫ କରିଥିବା ଏବଂ ପରେ ପରେ ତାଙ୍କୁ ଗୁଆମସ୍ଥିତ କୋର୍ଟରେ ହାଜର କରାଯାଇଥିବା ଜଣାପଡ଼ିଛି।

ଗୀତ ପାଇଁ ସଲ୍‌ମନଙ୍କୁ ଧମକ

# ରାୟଚୁରରୁ ଗୀତିକାର ଗିରଫ

ମୁମ୍ବଇ, ୧୩ା୧୧ (ଏଜେନ୍ସି): ନିଜ ଗୀତ 'ମେଁ ସିକନ୍ଦର ହୁଁ' ଗୀତକୁ ପ୍ରସିଦ୍ଧ କରାଇବାକୁ ଚାହୁଁଥିଲେ। ଆଉ ଏଥିପାଇଁ ଅଭିନବ ଉପାୟ ଅବଲମ୍ବନ କରିଥିଲେ। ଅଭିନେତା ସଲ୍‌ମନ ଖାନଙ୍କୁ ଧମକ ଦେଇଥିଲେ। ମାତ୍ର ଏହି ଧମକ ମହଙ୍ଗା ପଡ଼ିଯାଇଛି। ମୁମ୍ବଇ ପୁଲିସ ମଙ୍ଗଳବାର ଗୀତିକାର ସୋହେଲ ପାଶାଙ୍କୁ ରାୟପୁରରୁ ଗିରଫ କରିଛି। ସୂଚନା ଅନୁଯାୟୀ ଗତ ୭ ତାରିଖରେ ମୁମ୍ବଇ ପୁଲିସକୁ ଧମକପୂର୍ଣ୍ଣ ବାର୍ତ୍ତା ମିଳିଥିଲା। ଏଥିରେ କୁହାଯାଇଥିଲା ଯେ ସଲ୍‌ମନ ଏବଂ ଗ୍ୟାଙ୍ଗଷ୍ଟର ଲରେନ୍ସ ଉପରେ ଏକ ଗୀତ ଲେଖାଯାଇଛି। ମାସେ ଭିତରେ ଏହି ଗୀତ ଲେଖିଥିବା ଲୋକକୁ ହତ୍ୟା କରାଯିବ। ସ୍ଥିତି ଏଭଳି କରିଦିଆଯିବ ଯେ ସେ ନିଜ ନାମରେ ବି ଗୀତ ଲେଖିପାରିବ ନାହିଁ। ଯଦି ସଲ୍‌ମାନଙ୍କ ସାମର୍ଥ୍ୟ ଅଛି ତେବେ ତାଙ୍କୁ ବଞ୍ଚାଇ ଦେଖାନ୍ତୁ। ଏହା ପରଠାରୁ ପୁଲିସ ମାମଲାର ଯାଞ୍ଚ କରିବାରେ ଲାଗିଥିଲା।

# ହସ୍ପିଟାଲରେ ଡାକ୍ତରଙ୍କୁ ୭ ଥର ଛୁରି ଭୁସିଲା ରୋଗୀର ପୁଅ

ଚେନ୍ନଇ,୧୩ା୧୧(ଏଜେନ୍ସି): ଚେନ୍ନଇସ୍ଥିତ ଏକ ସରକାରୀ ହସ୍ପିଟାଲର କ୍ୟାନ୍‌ସର ଓ୍ୱାର୍ଡରେ ମା'ର ଚିକିତ୍ସା ଚାଲିଥିବା ବେଳେ ଡାକ୍ତରଙ୍କୁ ପୁଅର ଆଖିବୁଜା ଛୁରାମାଡ଼ ବିଭିନ୍ନ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଚେନ୍ନାଇସ୍ଥିତ କାଲାଇଗାର ସେଣ୍ଟେନାରୀ ହସ୍ପିଟାଲରେ ବୁଧବାର ଏଭଳି ଘଟଣା ଦେଖିବାକୁ ମିଳିଛି। ଡ୍ୟୁଟିରେ ଥିବା ଜଣେ ଡାକ୍ତରଙ୍କୁ ରୋଗୀଙ୍କ ପୁଅ ଛୁରାମାଡ଼ କରିବା ପରେ ଡାକ୍ତର ଜଣକ ଗୁରୁତର ଆହତ ହୋଇଛନ୍ତି। ଡାକ୍ତର ନିଜେ ଜଣେ ହୃଦରୋଗୀ ହୋଇଥିବା ବେଳେ ତାଙ୍କର ପେସ୍‌ମେକର ଲାଗିଛି। ଏଭଳି ସ୍ଥିତିରେ ତାଙ୍କ ଛାତି ଓ ପେଟରେ ଛୁରାମାଡ଼ ଯୋଗୁ ସ୍ୱାସ୍ଥାବସ୍ଥା ଗମ୍ଭୀର ହୋଇପଡ଼ିଛି। ତେବେ ତାଙ୍କୁ ତୁରନ୍ତ ଚିକିତ୍ସା କରାଯାଇଥିବାରୁ ଏବେ ସ୍ଥିତି ବିପଦମୁକ୍ତ ରହିଥିବା କୁହାଯାଇଛି। ପୁଲିସ ଅଭିଯୁକ୍ତ ସମେତ ତା' ସହ ହସ୍ପିଟାଲକୁ ଆସିଥିବା ଅନ୍ୟ ଦୁଇ ସହଯୋଗୀଙ୍କୁ ଗିରଫ କରିଛି। ମିଳିଥିବା ଖବର ଅନୁସାରେ ବିଘ୍ନେଶ ନାମ ଜଣେ ବ୍ୟକ୍ତିଙ୍କ ମାଆ ଏହି ହସ୍ପିଟାଲରେ ଗତ ୬ ମାସ ହେଲା କ୍ୟାନ୍‌ସର ଓ୍ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ବିଘ୍ନେଶ ନିଜେ ମଧ୍ୟ ରୋଗୀଙ୍କ ସହାୟକ ଭାବେ ପଞ୍ଜିକରଣ କରିଥିଲେ। କିନ୍ତୁ ବୁଧବାର ବିଘ୍ନେଶ ତାଙ୍କ ଅନ୍ୟ ଦୁଇ ସାଙ୍ଗଙ୍କ ସହ ଡ୍ୟୁଟିରେ ଥିବା ଡାକ୍ତର ବାଲାଜୀ ଜଗନ୍ନାଥଙ୍କ ପାଖକୁ ଯାଇଥିଲେ। ତେବେ କେହି କିଛି ବୁଝିବା ପୂର୍ବରୁ ସେ ଡାକ୍ତରଙ୍କୁ ଛୁରିରେ ଆଖିବୁଜା ଆକ୍ରମଣ କରିଥିଲେ। ତାଙ୍କ ଉପରକୁ ସେ ୭ ଥର ଛୁରାମାଡ଼ କରିଥିଲେ। ଘଟଣା ପରେ ବିଘ୍ନେଶ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ହସ୍ପିଟାଲ କର୍ମଚାରୀମାନେ ତାଙ୍କୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ତାଙ୍କ ସହ ଥିବା ଅନ୍ୟ ଦୁଇ ଜଣଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ଡାକ୍ତର ବାଲାଜୀ ତାଙ୍କ କ୍ୟାନସର ପୀଡିତ ମା'ଙ୍କୁ ଭୁଲ୍ ଔଷଧ ଦେବା ସହ ଚିକିତ୍ସାରେ ଅବହେଳା କରିଥିବା ବିଘ୍ନେଶ ଅଭିଯୋଗ ଆଣିଛନ୍ତି। ତେବେ ସ୍ୱାସ୍ଥ୍ୟ ମନ୍ତ୍ରୀ ଏମ୍. ସୁବ୍ରମଣ୍ୟମ ଏହି ଘଟଣାକୁ ନିନ୍ଦା କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହି ଘଟଣାକୁ ନେଇ ଡାକ୍ତରଙ୍କ ମହଲରେ ଉଦ୍‌ବେଗ ପ୍ରକାଶ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଏକ କେ ଷ୍ଟାଲିନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। କିନ୍ତୁ ସର୍ଭିସ ଏବଂ ପିଜି ଡାକ୍ତର ସଂଘ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହିତ ନିରାପତ୍ତା ସୁନିଶ୍ଚିତ କରିବା ଦାବିରେ ଧର୍ମଘଟ କରିବାକୁ ଘୋଷଣା କରିଛନ୍ତି।

# ଆଫଗାନ ଛାତ୍ର ଭାରତର ରାଷ୍ଟ୍ରଦୂତ ନିଯୁକ୍ତ

ନୂଆଦିଲ୍ଲୀ, ୧୩ା୧୧ (ଏଜେନ୍ସି): ଆଫଗାନିସ୍ତାନର ତାଲିବାନ ସରକାର ପ୍ରଥମ ଥର ପାଇଁ ଭାରତରେ ରାଷ୍ଟ୍ରଦୂତ ନିଯୁକ୍ତ କରିଛନ୍ତି। ଇକ୍ରାମୁଦ୍ଦିନ କାମିଲଙ୍କୁ କାର୍ଯ୍ୟାନିର୍ବାହୀ ରାଷ୍ଟ୍ରଦୂତ (ବାଣିଜ୍ୟିକ) ନିଯୁକ୍ତ କରାଯାଇଛି। ତେବେ ଭାରତ ସରକାର ଏ ପର୍ଯ୍ୟନ୍ତ ଏହି ନିଯୁକ୍ତିକୁ ମାନ୍ୟତା ଦେଇନାହାନ୍ତି। ୨୦୨୧ରେ କ୍ଷମତା ଦଖଲ କରିବା ପରଠାରୁ ଏବେ ସୁଦ୍ଧା ଭାରତ ସରକାର ଆଫଗାନ ସରକାରଙ୍କୁ ମାନ୍ୟତା ପ୍ରଦାନ କରିନାହାନ୍ତି। ତାଲିବାନ କ୍ଷମତାସୀନ ହେବା ପରେ ଭାରତ ନିଜ ରାଷ୍ଟ୍ରଦୂତଙ୍କୁ କାବୁଲରୁ ପ୍ରତ୍ୟାହାର କରି ଆଣିଥିଲେ। ସେହିପରି ଆଫଗାନର ପୂର୍ବତନ ଅଶ୍ରଫ ଘନି ସରକାରଙ୍କ ଦ୍ୱାରା ନିଯୁକ୍ତ ରାଷ୍ଟ୍ରଦୂତ ଭାରତ ଛାଡ଼ି ଅନ୍ୟ ଦେଶରେ ଶରଣ ନେଇଥିଲେ। ସେବେଠାରୁ ଭାରତରେ ଆଫଗାନିସ୍ତାନର ଜଣେ ମାତ୍ର ପୂର୍ବତନ କୂଟନୈତିଜ୍ଞ କାମ କରୁଥିଲେ।

# ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ୍-ବାଇଡେନ୍

ୱାଶିଂଟନ, ୧୩ା୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ନିର୍ବାଚନ ବୃହତ ବିଜୟ ପରେ ଡୋନାଲ୍ଡ ଟ୍ରମ୍ପ ବୁଧବାର ରାତିରେ ହ୍ୱାଇଟ୍ ହାଉସ୍‌ରେ ପହଞ୍ଚିଛନ୍ତି। ସେ ଏଠାରେ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଭେଟିଛନ୍ତି। ଉଭୟ ନେତା ପରସ୍ପର ସହ ହାତ ମିଶାଇଛନ୍ତି। ଏହି ସମୟରେ ବାଇଡେନ ବିଜୟ ପାଇଁ ଟ୍ରମ୍ପଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ସହଜରେ କ୍ଷମତା ହସ୍ତାନ୍ତର କରିବାକୁ କହିଥିଲେ। ସୂଚନାଯୋଗ୍ୟ ଯେ ଡୋନାଲ୍ଡ ଟ୍ରମ୍ପ ଜାନୁଆରୀ ୨୦ରେ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ। ହ୍ୱାଇଟ ହାଉସ୍‌ରେ କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏ ନେଇ ଆଜି ଉଭୟ ନେତା ଆଲୋଚନା କରିଛନ୍ତି। ଏହି ସାକ୍ଷାତ ଆଲୋଚନା ପାଇଁ ବାଇଡେନ ଟ୍ରମ୍ପଙ୍କ ଆମନ୍ତ୍ରଣ କରିଥିଲେ। ଆମେରିକା ପରମ୍ପରା ଅନୁଯାୟୀ ନିର୍ବାଚନ ପରେ ଆଗାମୀ ରାଷ୍ଟ୍ରପତି ବର୍ତ୍ତମାନର ରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥାନ୍ତି। ଏହାକୁ କ୍ଷମତା ହସ୍ତାନ୍ତରର ପ୍ରାରମ୍ଭିକ ପ୍ରକ୍ରିୟା ଭାବେ ଦେଖାଯାଇ ଥାଏ। ତେବେ ୨୦୨୦ରେ ବାଇଡେନଙ୍କଠାରୁ ଟ୍ରମ୍ପ ନିର୍ବାଚନ ହାରି ଯାଇଥିଲେ। ତେଣୁ ସେ ସାକ୍ଷାତ ପାଇଁ ବାଇଡେନଙ୍କୁ ଡାକି ନ ଥିଲେ। କିନ୍ତୁ ଆଜିର ସାକ୍ଷାତକାରରେ ଆଉ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଟ୍ରମ୍ପଙ୍କ ସହ ତାଙ୍କ ପତ୍ନୀ ମେଲାନିଆ ରାଷ୍ଟ୍ରପତି ଭବନକୁ ଯାଇ ନାହାନ୍ତି।

ଅନ୍ୟପକ୍ଷରେ ବାଇଡେନଙ୍କୁ ଭେଟିବା ପୂର୍ବରୁ ଟ୍ରମ୍ପ ୱାଶିଂଟନ ହୋଟେଲରେ ସମ୍ବିଧାନ ବଦଳାଇବାର ସଙ୍କେତ ଦେଇଛନ୍ତି। ସେ ତୃତୀୟ ଥର ରାଷ୍ଟ୍ରପତି ହେବା ପାଇଁ ନିୟମ ପରିବର୍ତ୍ତନ କରିପାରନ୍ତି। ସେ କହିଛନ୍ତି ଯେ ଲୋକଙ୍କ ସମର୍ଥନ ବିନା ସେ ପୁଣି ନିର୍ବାଚନ ଲଢ଼ିପାରିବେ ନାହିଁ। ଏଥିପାଇଁ ସେ ଭଲ ବୋଲି ଜନତାଙ୍କୁ କହିବାକୁ ହେବ।



# ସ୍ୱାସ୍ଥ୍ୟ ଠିକ୍ ଅଛି ବୋଲି ବାର୍ତ୍ତା ପଠାଇଲେ ସୁନିତା ୱିଲିୟମ୍ସ

ୱାଶିଂଟନ,୧୩ା୧୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନିତା ୱିଲିୟମ୍ସ ପ୍ରାୟ ୬ ମାସ ଧରି ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଫସି ରହିଥିଲା ବେଳେ ୨୦୨୫ ଫେବୃଆରୀରେ ପୃଥିବୀ ପୃଷ୍ଠକୁ ଫେରିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏତେ ଦିନ ମହାକାଶରେ ରହିବା ଯୋଗୁଁ ତାଙ୍କ ସ୍ୱାସ୍ଥାବସ୍ଥାରେ ଦ୍ରୁତ ଅବନତି ଘଟି ଚାଲିଛି ବୋଲି କିଛି ଦିନ ତଳେ ଖବର ପ୍ରସାରିତ ହେବା ପରେ ବିଭିନ୍ନ ମହଲରେ ଉଦବେଗ ବଢିଥିଲା। ହେଲେ ମହାକାଶରେ ସୁନିତା ଠିକ୍ ଅଛନ୍ତି ବୋଲି ସେ ନିଜେ ବାର୍ତ୍ତା ଦେଇଛନ୍ତି। ସୁନିତାଙ୍କ ଓଜନ କ୍ରମାଗତ ଭାବେ ହ୍ରାସ ପାଇ ଚାଲିଛି ଏବଂ ସେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା। କିନ୍ତୁ ଏହାମଧ୍ୟରେ ତାଙ୍କ ଓଜନ ବଢିଛି ବୋଲି ସୁନିତା ବିଶ୍ୱବାସୀଙ୍କୁ ସେୟାର କରିଛନ୍ତି। ସେ କହିଛନ୍ତି, ତାଙ୍କ ଶରୀରରେ ଏକ ତରଳ ପଦାର୍ଥରେ ପରିବର୍ତ୍ତନ ହୋଇଛି। ଅର୍ଥାତ୍ ତାଙ୍କ ଶରୀରରେ ଥିବା ତରଳ ପଦାର୍ଥ ଶରୀର ମଧ୍ୟରେ ସମାନ ଭାବରେ ବ୍ୟାପିବାରେ ଲାଗିଛି। ତେଣୁ ଓଜନ ହ୍ରାସ ଘଟି ନାହିଁ ବରଂ ବୃଦ୍ଧି ପାଇଛି ବୋଲି ସୁନିତା ନ୍ୟୁ ଇଂଲଣ୍ଡ ସ୍ପୋର୍ଟସ୍ ନେଟୱର୍କର କ୍ଲବହାଉସ୍ କିଡ୍ସ ଶୋ' ସହିତ ଏକ ବାର୍ତ୍ତାଳାପ ସମୟରେ କହିଛନ୍ତି।

# ସମ୍ପାଦକୀୟ



ଜାତୀୟ ସୁରକ୍ଷା ସହିତ ଭାରତ କେବେ ବି ରାଜନୀତି କିମ୍ବା ସାଲିସ୍ କରିନାହିଁ।
-ଅଟଳ ବିହାରୀ ବାଜପେୟୀ

ସକାଳ THE SAKALA

## ଡିଜିପି ସମ୍ମିଳନୀର ଆହ୍ୱାନ

କୌଣସି ଦେଶ କିମ୍ବା ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେଲେ କିମ୍ବା ଆପରାଧିକ ଓ ଆତଙ୍କବାଦୀ କାର୍ଯ୍ୟକଳାପ ଆଦି ଆଭ୍ୟନ୍ତରୀଣ ଅସ୍ଥିରତା ଲାଗି ରହିଲେ ବାହ୍ୟ ଶତ୍ରୁ ଦ୍ୱାରା ସାର୍ବଭୌମତ୍ୱ ଓ ସୀମା ସୁରକ୍ଷା ବିପନ୍ନ ହୁଏ। ପ୍ରତିରକ୍ଷା ବ୍ୟବସ୍ଥା ଦୁର୍ବଳ ହୁଏ। ବିଶେଷକରି ଅସ୍ଥିର ଓ ଦୁଷ୍ଟ ପଡ଼ୋଶୀ ଘେରରେ ତଥା ବିସ୍ତୀର୍ଣ୍ଣ ବେଳାଭୂମି କୂଳରେ ଥିବା ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ଭାରତ ପରିପ୍ରେକ୍ଷୀରେ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରସଙ୍ଗ ଆହୁରି ଗୁରୁତ୍ୱପୂର୍ଣ୍ଣ। ଏହି ପୃଷ୍ଠଭୂମିରେ ଆସନ୍ତା ୨୯ ତାରିଖରୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀ ଅନେକ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ ଓ ସମ୍ବେଦନଶୀଳ।

ଏହା ଆଉ ଅସ୍ୱୀକାର କରିବାର ନାହିଁ ଯେ ଶାନ୍ତିର ରାଜ୍ୟ ଭାବେ ପରିଗଣିତ ଓଡ଼ିଶାରେ ମାଓବାଦୀ ଉପଦ୍ରବ ପୂର୍ବାପେକ୍ଷା ଅନେକାଂଶରେ ହ୍ରାସ ପାଇଥିଲେ ହେଁ ସମ୍ପୂର୍ଣ୍ଣ ଭାବେ ଲୋପ ପାଇନାହିଁ। ଦଶବର୍ଷ ତଳେ ଓଡ଼ିଶାର ଅଧା ଜିଲ୍ଲାରେ ମାଓବାଦୀ କାର୍ଯ୍ୟକଳାପ ଉଦ୍‌ବେଗଜନକ ଆକାର ଧାରଣ କରିଥିବା ବେଳେ ଏହି ସଂଖ୍ୟା ଏବେ ମାତ୍ର ୩ରେ ସୀମିତ ରହିଛି। ଏହା ନିଶ୍ଚିତ ଭାବରେ ସ୍ୱୀକାର କରିବାକୁ ପଡ଼ିବ ଯେ ରାଜ୍ୟର ନିରନ୍ତର ଅଭିଯାନ, କେନ୍ଦ୍ର-ରାଜ୍ୟ ସହଯୋଗ ଓ ସମନ୍ୱୟର ଫଳ। ଏଥିପାଇଁ ମଧ୍ୟ ଅନେକ ସୁରକ୍ଷା ଓ ପୁଲିସ୍ କର୍ମଚାରୀଙ୍କୁ ବଳିଦାନ ଦେବାକୁ ପଡ଼ିଛି। ମାଓବାଦୀ ଉପଦ୍ରବ ହ୍ରାସ ଯୋଗୁଁ ଏ ବାବଦ ନିରାପତ୍ତା ଖର୍ଚ୍ଚ ମଧ୍ୟ ୩୦ ପ୍ରତିଶତ ହ୍ରାସ ପାଇଛି। ରାଜ୍ୟ ସରକାରଙ୍କ ନିରନ୍ତର ଦୁଇଦଶନ୍ଧିର ଫଳ ସ୍ୱରୂପ ମାଓବାଦୀ ଅଧ୍ୟୁଷିତ ବିଚ୍ଛିନ୍ନାଞ୍ଚଳ ଏବେ ସ୍ୱାଭିମାନ ଅଞ୍ଚଳରେ ପରିଣତ ହୋଇଛି। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ସାମାଜିକ କାର୍ଯ୍ୟକ୍ରମ ଓ ସାମାଜିକ-ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରାଯାଇଛି। ମାଓବାଦୀଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବାରେ ପୂର୍ବତନ ରାଜ୍ୟ ସରକାରଙ୍କ ନିରନ୍ତର ଉଦ୍ୟମର ଫଳ ଏବେ ମିଳୁଛି। କିନ୍ତୁ ଇତିମଧ୍ୟରେ ମାଓବାଦୀମାନେ ସେମାନଙ୍କ ରଣନୀତି ବଦଳାଇଛନ୍ତି। ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରୁ ମାଓବାଦୀମାନେ ଓଡ଼ିଶାକୁ ଏକ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବେ ବିବେଚନା କରୁଛନ୍ତି ଏବଂ ସୁଯୋଗ ଉଣ୍ଡି ହିଂସାକାଣ୍ଡମାନ ଭିଆଉଛନ୍ତି। ଦେଶରେ ଏବେ ମଧ୍ୟ ୨୫ ଜିଲ୍ଲା ମାଓବାଦୀ ଅଧ୍ୟୁଷିତ। ସେମାନେ ଅତ୍ୟନ୍ତ ହିଂସ୍ର ଏବଂ ବଡ଼ ବଡ଼ ହିଂସାକାଣ୍ଡ ଘଟାଇ ଅଧିକ ଜୀବନ ନେବାକୁ ସମର୍ଥ। ତେଣୁ ନିର୍ଣ୍ଣାୟକ ଲଢ଼େଇ ପାଇଁ ଆନ୍ତଃସମନ୍ୱୟ ପ୍ରସ୍ତୁତିକୁ ଜୋରଦାର କରିବାକୁ ପଡ଼ିବ।

ସେହିପରି ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଏବେ ଓଡ଼ିଶାର ଅନେକ ଜିଲ୍ଲାରେ ପ୍ରଥମ ଶ୍ରେଣୀ ନାଗରିକ ଭାବେ ସମସ୍ତ ସୁବିଧାସୁଯୋଗ ଲାଭ କରୁଛନ୍ତି ଅଥଚ ଅଧିକାଂଶ ଚୋରି, ଡକାୟତି, ଚୋରାଚାଲାଣ ଆଦି ଆପରାଧିକ କାର୍ଯ୍ୟକଳାପରେ ସେମାନଙ୍କ ସମ୍ପୃକ୍ତି ଅଧିକ ରହୁଥିବା ପ୍ରମାଣିତ ହେଉଛି। ଏବେ ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଓ ଅରାଜକତା ଯୋଗୁଁ ସେଠାରୁ ଭାରତର ସୀମାନ୍ତ ରାଜ୍ୟରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିଥିବା ବେଳେ ସୁଦୀର୍ଘ ଓ ବିସ୍ତୀର୍ଣ୍ଣ ବେଳାଭୂମି ଦୃଷ୍ଟିରୁ ଓଡ଼ିଶାରେ ମଧ୍ୟ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ଇତିମଧ୍ୟରେ ରାଜ୍ୟରେ ଗଞ୍ଜେଇ ସମେତ ନିଷିଦ୍ଧ ଡ୍ରଗ୍ସ ଓ ବିରଳ ପ୍ରାଣୀ ଅଙ୍ଗ ଚାଲାଣ ସଂଖ୍ୟା ବୃଦ୍ଧି ପାଇଛି। ସାଇବର କ୍ରାଇମ୍‌ରେ ମଧ୍ୟ ଓଡ଼ିଶା ଏକ ଅଲୋଡ଼ା ରେକର୍ଡ ସ୍ଥାପନ କରିବାକୁ ଯାଉଛି। ଓଡ଼ିଶାରେ ଆବଶ୍ୟକତା ତୁଳନାରେ କାରାଗାର ନଥିବା ବେଳେ ବିଚାରାଧୀନ କଏଦୀ ସଂଖ୍ୟା ବଢ଼ିବାରେ ଲାଗିଛି। ଜେଲ୍ ଭିତରେ ଅପରାଧ ମଧ୍ୟ ଆଉ ଏକ ସମସ୍ୟା ସୃଷ୍ଟି କରିଛି। ଅପରପକ୍ଷରେ ଜେଲ୍‌ରେ ମାନବାଧିକାର ଉଲ୍ଲଙ୍ଘନର ଅଭିଯୋଗ ଆସୁଛି। ତେଣୁ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା ଡିଜିପି ସମ୍ମିଳନୀରେ ଓଡ଼ିଶାର ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ସମ୍ମିଳିତ ଓ ସମନ୍ୱିତ କାର୍ଯ୍ୟଖସଡ଼ା ପ୍ରସ୍ତୁତ ହେବ ବୋଲି ଆଶା କରାଯାଏ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଭାରତର ଗୁଇନ୍ଦା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ତିନିଦିନିଆ ଡିଜିପି ସମ୍ମିଳନୀରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ବିଭାଗୀୟ ସଚିବଙ୍କ ସମେତ ପ୍ରତିରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ୍, କ୍ୟାବିନେଟ୍ ସଚିବ, ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପୁଲିସ୍ ମୁଖ୍ୟ, ଏସ୍‌ପିଜି, ଏନ୍‌ଆଇଏ, ବିଏସ୍‌ଏଫ୍, ସିଆରପିଏଫ୍, ସିଆଇଏସ୍‌ଏଫ୍, ଆଇଟିବିପି, ଆସାମ୍ ରାଇଫଲ୍, ଏସ୍‌ଏସ୍‌ବି, ଏନ୍‌ଏସ୍‌ଜି, ବିପିଆରଡି, ପୁଲିସ୍ ରିସର୍ଚ୍ଚ ୱିଙ୍ଗ, ଏନ୍‌ଆଇସିଆରଏଫ୍, ର, ନାର୍କୋଟିକ୍ସ ବ୍ୟୁରୋ ଆଦି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ମୁଖ୍ୟମାନେ ଉପସ୍ଥିତ ରହିବେ। ଏହି ଆଲୋଚନାରୁ ବାହାରିବାକୁ ଥିବା ନିଷ୍କର୍ଷ ଆଧାରରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରାଯିବ। ତେଣୁ ଏହି ସମ୍ମିଳନୀର ପ୍ରାସଙ୍ଗିକତା ଅନୁମେୟ। ବିଶେଷକରି ଗତ ଜୁଲାଇ ମାସରୁ ଦେଶରେ ନୂଆ କରି ଆଇନ ଓ ଦଣ୍ଡବିଧି ସଂହିତା କାର୍ଯ୍ୟକାରୀ ହେବା ପରେ ବୈଠକର ଆଲୋଚନା ଆହୁରି ଗୁରୁତ୍ୱପୂର୍ଣ୍ଣ। ପ୍ରାରମ୍ଭିକ ସୂଚନା ଅନୁଯାୟୀ ଏହି ସମ୍ମିଳନୀରେ ମାଓବାଦୀ କାର୍ଯ୍ୟକଳାପ, ଆତଙ୍କବାଦ, ସାଇବର କ୍ରାଇମ୍, ପୁଲିସ ଆଧୁନିକୀକରଣ, ଡିଫେକ୍, ଆଭ୍ୟନ୍ତରୀଣ ସୁରକ୍ଷା, ଅନୁପ୍ରବେଶ, ଜେଲ ସଂସ୍କାର, ଡ୍ରଗ୍ସ ଚୋରାଚାଲାଣ ଆଦି ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ସମସ୍ୟାର ନିରାକରଣ ଉପରେ ଆଲୋଚନା ହେବ ଏବଂ ମତାମତ ଆଧାରରେ ରଣନୀତି ଚୂଡ଼ାନ୍ତ ହେବ।

ବର୍ତ୍ତମାନର ଏଆଇ ଯୁଗରେ ଅପରାଧୀମାନେ ଅତି ଚତୁରତାର ସହିତ ଅପରାଧମାନ ଭିଆଉଛନ୍ତି। କୌଣସି ଗୋଟିଏ ରାଜ୍ୟ କିମ୍ବା ସଂସ୍ଥା କିମ୍ବା ବିଭାଗ ଏହାର ମୁକାବିଲା କରିବା ସମ୍ଭବ ନୁହେଁ। ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ପାଇଁ ଆନ୍ତଃରାଜ୍ୟ ସହଯୋଗ ଓ ସମନ୍ୱିତ ରଣନୀତି ଅପରିହାର୍ଯ୍ୟ। ଏହି ଦୃଷ୍ଟିକୋଣରୁ ଆସନ୍ତା ୫୯ତମ ଜାତୀୟ ଡିଜିପି ବୈଠକରେ ଏ ସଂକ୍ରାନ୍ତରେ ନୀତି ନିର୍ଦ୍ଧାରଣ ହେବ ବୋଲି ଆଶା କରାଯାଏ।

## ଜଗତିକରଣ ପରବର୍ତ୍ତୀ ସମବାୟ ଆନ୍ଦୋଳନର ଆହ୍ୱାନ



ପ୍ରତାପ ଚନ୍ଦ୍ର ସାମଲ

ଭାରତ ଭଳି କୃଷିପ୍ରଧାନ ଓ ଗ୍ରାମବହୁଳ ଦେଶରେ କୃଷି ଓ ଗ୍ରାମ୍ୟ ଅର୍ଥନୀତିର ପ୍ରଗତି ବ୍ୟତୀତ ବାସ୍ତବରେ କୌଣସି ଯୋଜନା ପରିକଳ୍ପନା କରାଯାଇପାରେନା। ଏହି ପୃଷ୍ଠଭୂମିରେ ସମବାୟ ସଂସ୍ଥାମାନଙ୍କର ଭୂମିକା ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ। ସ୍ୱାଧୀନତା ପରେ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଯେଉଁ ଅର୍ଥନୈତିକ ବିକାଶର ଧାରା ଆରମ୍ଭ ହୋଇଥିଲା ସେଥିରେ ସମବାୟକୁ ବହୁତ ପ୍ରାଧାନ୍ୟ ଦିଆଯାଇଥିଲା। ଏପରି ସମବାୟକୁ ଯୋଜନାବଦ୍ଧ ଅର୍ଥନୈତିକ ପ୍ରଗତିର ପ୍ରକୃଷ୍ଟ ମାଧ୍ୟମ ରୂପେ ବିବେଚନା ମଧ୍ୟ କରାଯାଇଥିଲା।

ଭାରତରେ ସ୍ୱାଧୀନତାର ବହୁପୂର୍ବରୁ ସମବାୟ ଆନ୍ଦୋଳନର ମୂଳଦୁଆ ପଡ଼ିସାରିଥିଲା। କିନ୍ତୁ କୃଷିଋଣ ପ୍ରଦାନ ମଧ୍ୟରେ ତାହା ଥିଲା ସୀମିତ। ପଞ୍ଚବାର୍ଷିକ ଯୋଜନା ପ୍ରଣୟନ ଓ ରୂପାୟନ ପରେ ଆମ ଦେଶରେ ସମବାୟ କ୍ଷେତ୍ରରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଗଲା। ସମବାୟ ଯୋଜନା ପରିଷଦ ୧୯୪୭ ମସିହାରେ ଦୃଢ଼ ମତପୋଷଣ କରିଥିଲେ ଯେ ଅର୍ଥନୈତିକ ଯୋଜନାର ଗଣତନ୍ତ୍ରୀକରଣ ପ୍ରକ୍ରିୟାରେ ସମବାୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଗ୍ରାମାଞ୍ଚଳର ଲୋକମାନଙ୍କୁ ଯୋଜନାବଦ୍ଧ ଅର୍ଥନୈତିକ ବିକାଶ ପ୍ରକ୍ରିୟା ବିଷୟରେ ସଚେତନତା ସୃଷ୍ଟି କରିବାରେ ସମବାୟ ଏକ ବଳିଷ୍ଠ ମାଧ୍ୟମ। ପ୍ରଥମ ପଞ୍ଚବାର୍ଷିକ ଯୋଜନା ସମବାୟ ଆନ୍ଦୋଳନକୁ ଦେଶରେ ଯୋଜନାବଦ୍ଧ ଅର୍ଥନୈତିକ ପ୍ରଗତିର ଅପରିହାର୍ଯ୍ୟ ମାଧ୍ୟମ ରୂପେ ଅଭିହିତ କରିଥିଲା। କିନ୍ତୁ ସମବାୟ ଆନ୍ଦୋଳନର ପ୍ରଗତି ତଥା ଭୂମିକା ଅଧ୍ୟୟନ କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଗଠିତ ସର୍ବଭାରତୀୟ ଗ୍ରାମୀଣ ସର୍ବେକ୍ଷଣ କମିଟି ୧୯୫୪ରେ ଯେଉଁ ରିପୋର୍ଟ ଦେଇଥିଲେ ସେଥିରେ ଉଲ୍ଲେଖ ଥିଲା ଯେ ଭାରତରେ ସମବାୟ ଆନ୍ଦୋଳନ ବିଫଳ ହୋଇଛି।

ଅପରପକ୍ଷରେ ଏହାକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ସରକାରଙ୍କ ଦ୍ୱାରା ନିଆଯାଇଛି ଏବଂ ଦେଶର ପ୍ରଗତିରେ ସମବାୟ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ଯେଉଁ କୃଷି ପରିବାରମାନେ ସାହୁକାରମାନଙ୍କଠାରୁ ଋଣ ନେଉଥିଲେ ସେମାନଙ୍କ ଦୁର୍ଦ୍ଦଶା ଅକଥନୀୟ ହୋଇପଡ଼ିଥିବା ବେଳେ ଆଜି ଆମ ଦେଶରେ ବିନିଯୋଗ ହୋଇଥିବା ମୋଟ କୃଷିଋଣର ଶତକଡ଼ା ୬୭ ଭାଗ ଅର୍ଥ ସମବାୟ ମାଧ୍ୟମରେ ଯୋଗାଇ ଦିଆଯାଇଛି। ଜମିର ଉନ୍ନତିକରଣ, ଆଧୁନିକ ପଦ୍ଧତିରେ ଚାଷ, ଉନ୍ନତ ଯନ୍ତ୍ରପାତିର ବ୍ୟବହାର, ଅଧିକ ଅମଳକ୍ଷମ ବିହନ ଏବଂ ସାର ପ୍ରୟୋଗ କରି ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ଓ ଅର୍ଥନୈତିକ ଜୀବନର ମାନଦଣ୍ଡ ବୃଦ୍ଧି ଦିଗରେ ସମବାୟ ସମିତିମାନଙ୍କର ସେବା ପ୍ରଣିଧାନଯୋଗ୍ୟ। ଏହା ଅନସ୍ୱୀକାର୍ଯ୍ୟ ଯେ ଜମିର ଉନ୍ନତିକରଣ ଓ ଜଳସେଚନ ନିମନ୍ତେ ଆର୍ଥିକ ସହାୟତା, ଉଦ୍ୟାନ କୃଷି ଇତ୍ୟାଦି ପାଇଁ ସମବାୟ ବ୍ୟାଙ୍କମାନଙ୍କ ଦ୍ୱାରା ଋଣ ଯୋଗାଇ ଦିଆଯାଉଛି। ସହରାଞ୍ଚଳମାନଙ୍କରେ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କମାନେ ଛୋଟ ଛୋଟ ପାନ ଦୋକାନୀ, ପରିବା ବିକାଳି, ଫଳ ବିକାଳି, ରିକ୍ସାବାଲା, ସାଇକେଲ ଦୋକାନୀ, ଅଟୋରିକ୍ସା, ଟେଲିଫୋନ୍ ବୁଥ୍, କ୍ଷୁଦ୍ର ବ୍ୟବସାୟୀ, ଟ୍ରାଭେଲ୍ସ, ଡିଟିପି ପ୍ରକାଶନ, ବହି ବନ୍ଧେଇ, ମନୋହରୀ ଦୋକାନ, ତେଜରାତି ଦୋକାନ ଇତ୍ୟାଦି ଜରିଆରେ ଯୁବକଯୁବତୀମାନଙ୍କ ପାଇଁ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ଋଣ ପ୍ରଦାନ କରୁଛନ୍ତି। ଏହାଦ୍ୱାରା ବେକାରୀ ସମସ୍ୟା ଅନେକାଂଶରେ ଦୂର ହୋଇପାରିଛି। ସୁଲଭ ମୂଲ୍ୟରେ ଗ୍ରାମାଞ୍ଚଳରେ ସମବାୟ ସମିତି ଦ୍ୱାରା ସାର, ବିହନ, ପୋକମରା ଔଷଧ, ନିତ୍ୟ ବ୍ୟବହାର୍ଯ୍ୟ ଖାଉଟି ସାମଗ୍ରୀ ଯୋଗାଣ, ସମବାୟ ସମିତିର ସଭ୍ୟମାନଙ୍କୁ ବାସଗୃହ ନିର୍ମାଣ ପାଇଁ ଋଣ ଯୋଗାଣ, କୁଶଳୀ କାରିଗରଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଚାଷୀ ତଥା ସମବାୟର ସଭ୍ୟମାନଙ୍କ ଦ୍ୱାରା ଉତ୍ପାଦିତ ତଥା ସଂଗୃହୀତ ଦ୍ରବ୍ୟର ଉପଯୁକ୍ତ ବିପଣନ ଇତ୍ୟାଦି ଅନେକ ସୁବିଧା ଓ ସେବା ସମବାୟ ଦ୍ୱାରା ପ୍ରଦାନ କରାଯାଉଛି। ଏବେ 'ମୋ ସେବା କେନ୍ଦ୍ର' ମାଧ୍ୟମରେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇବା ସହିତ ପ୍ରଧାନମନ୍ତ୍ରୀ ଜନଔଷଧୀ ଦୋକାନ, ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ଏଜେନ୍ସି ମାଧ୍ୟମରେ ଖାଉଟିମାନଙ୍କୁ ସେବା ଯୋଗାଇ ଦିଆଯାଉଛି। ଅର୍ଥନୈତିକ ପ୍ରଗତି ପ୍ରକ୍ରିୟାରେ ଆବଶ୍ୟକୀୟ ଆର୍ଥିକ ତଥା ଗୁଣାତ୍ମକ ସହାୟତା ପ୍ରଦାନ କରି ଋଣର ପ୍ରକୃତ ବିନିଯୋଗ, ଠିକ୍ ସମୟରେ ଋଣ ପରିଶୋଧକୁ ପ୍ରୋତ୍ସାହନ ଦ୍ୱାରା ଆର୍ଥିକ ତଥା ସାମାଜିକ ଜୀବନର ଉନ୍ନତି ସାଧନରେ ସମବାୟ ଆନ୍ଦୋଳନ ଉତ୍ସର୍ଗୀକୃତ।

ଉଦାରୀକରଣ ଓ ଅର୍ଥନୈତିକ ସଂସ୍କାର ପରେ ସମବାୟ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି ଏବଂ ସରକାରୀ ଆର୍ଥିକ ସହାୟତା ହ୍ରାସ ପାଉଛି। ସମବାୟ ପ୍ରୟାସ ମାଧ୍ୟମରେ ସମ୍ବଳର ଆବଶ୍ୟକତା ପୂରଣ କରିବାକୁ ପଡୁଛି। ସେଥିପାଇଁ ଉନ୍ନତମାନର ସେବା ଏବଂ ପ୍ରତିଯୋଗିତାମୂଳକ ବଜାରରେ ନିଜର ଦକ୍ଷତା ପ୍ରତିପାଦନ କରି ସଭ୍ୟଙ୍କ ପ୍ରିୟଭାଜନ ହେବା ନିତାନ୍ତ ଆବଶ୍ୟକ। ବିଶେଷକରି ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ପ୍ରାଥମିକ ସେବା ସମବାୟ ସମିତି ସ୍ୱଚ୍ଛଳଭାବେ କାର୍ଯ୍ୟ କରିବା ଆବଶ୍ୟକ।

ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ସମବାୟ ପୁନଃ ଦୃଢ଼ୀକରଣ ଯୋଜନା ଏକ ଅତ୍ୟନ୍ତ ସମୟ ଉପଯୋଗୀ ପଦକ୍ଷେପ। ଏହା କାର୍ଯ୍ୟକାରୀ ହେଲେ ଅନେକ ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟକ୍ଷମ ହୋଇପାରିବେ ଏବଂ କେନ୍ଦ୍ର ସମବାୟ ବ୍ୟାଙ୍କମାନେ ମଧ୍ୟ ଅଧିକ ଦକ୍ଷତା ହାସଲ କରିପାରିବେ। ସୁଦୃଢ଼ ସମବାୟ ଉଦ୍ୟୋଗ ପ୍ରତିଷ୍ଠାରେ ଏହା ଅନେକାଂଶରେ ସହାୟକ ହୋଇପାରିବ। ଏହାବ୍ୟତୀତ ଗ୍ରାମାଞ୍ଚଳରେ ସଚେତନତାର ଅଭାବ ପରିଲକ୍ଷିତ ହେଉଛି। ଦୀର୍ଘଦିନ ହେଲା କିସାନ୍ କ୍ରେଡିଟ୍ କାର୍ଡ଼ ପ୍ରଚଳନ ହୋଇସାରିଥିବା ବେଳେ ମଧ୍ୟ ଅନେକ ସଭ୍ୟ ଏହାର ସୁଫଳ ପାଇପାରିନାହାନ୍ତି। ଫଳରେ ଏଥିରେ ସାମିଲ କରାଯାଇ ନ ଥିବା ଚାଷୀଭାଇମାନେ ଏହାର ବିନିଯୋଗ କରିପାରୁ ନାହାନ୍ତି। ଫଳରେ ଏହି ଜରିଆରେ ବାଟମାରଣା ଓ ଅର୍ଥ ତୋଷରପାତ ଅଭିଯୋଗମାନ ଆସୁଛି।

ସମବାୟ ଆନ୍ଦୋଳନର ମୌଳିକ ଲକ୍ଷ୍ୟ ହାସଲ କରିବାକୁ ହେଲେ ସଭ୍ୟମାନେ ସମବାୟର କାର୍ଯ୍ୟଧାରାରେ ସକ୍ରିୟ ଅଂଶ ଗ୍ରହଣ କରିବା ଆବଶ୍ୟକ ଏବଂ ସମବାୟର କାର୍ଯ୍ୟଧାରାରେ ଅଂଶଗ୍ରହଣ କରୁଥିବା ଉଭୟ କର୍ମଚାରୀ ଓ ପରିଚାଳନା ପରିଷଦର ସଭ୍ୟମାନଙ୍କର କର୍ତ୍ତବ୍ୟ ସମ୍ପାଦନରେ ନିଷ୍ଠା, ସଚ୍ଚୋଟତା, ଏକାଗ୍ରତା, ଅଙ୍ଗୀକାରବଦ୍ଧତା ରହିବା ଅପରିହାର୍ଯ୍ୟ। ଆଧୁନିକ ଜ୍ଞାନକୌଶଳର ପ୍ରକୃଷ୍ଟ ବିନିଯୋଗ, ମାନବସମ୍ବଳ ବିକାଶ, ସ୍ୱଚ୍ଛତା ଓ କ୍ରିୟାଶୀଳତା ଏବଂ କମ୍ପ୍ୟୁଟରୀକରଣ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପାଦିତ ହେଲେ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରାଯାଇ ଦେଶ ପ୍ରଗତିର ବଳିଷ୍ଠ ମାଧ୍ୟମ ରୂପେ ପ୍ରତିଭାତ ହୋଇପାରିବ।

ସରକାରଙ୍କର ମୁଖ୍ୟ କର୍ତ୍ତବ୍ୟ ହେଲା ପ୍ରତି ପ୍ରାଥମିକ ସମବାୟ ସମିତିର ଋଣ ତନଖି କାର୍ଯ୍ୟ ସୁପରିଚଳନା ପାଇଁ ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତି ଦେବା। ଏଥିସହିତ ସରକାରୀ ଅଧିକାରୀଙ୍କ ଦ୍ୱାରା କମ୍ପ୍ୟୁଟରୀକରଣ ଠିକ୍ ରୂପେ ହୋଇଛି ବୋଲି ସହକାରୀ ସମବାୟ ନିବନ୍ଧକମାନଙ୍କ ଦ୍ୱାରା ସରକାରଙ୍କୁ ତଥ୍ୟ ଯୋଗାଇବା। ସମବାୟ ସଂସ୍ଥାଗୁଡ଼ିକ ଅନେକ ସମୟରେ ଋଣ ଦୁର୍ନୀତିରେ ଲିପ୍ତ ବୋଲି ଅଭିଯୋଗ ଆସେ। ଏହି ଅଭିଯୋଗର ସମ୍ପୂର୍ଣ୍ଣ ନିରାକରଣ କରିବା ପାଇଁ ସରକାର ବିହିତ ପଦକ୍ଷେପ ନେବା ବିଧେୟ। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଦୁର୍ନୀତିଗ୍ରସ୍ତ ଦୋଷୀ ଅଧିକାରୀ/କର୍ମଚାରୀମାନଙ୍କଠାରୁ ତୋଷରପାତ ଅର୍ଥ ଜବତ କରାଯିବା ଆବଶ୍ୟକ। ଏହାଛଡ଼ା ସମବାୟ ସମୀକ୍ଷା ବିଭାଗରେ ସଚ୍ଚୋଟତା ନିହାତି ଆବଶ୍ୟକ, ଯାହାର ଅଭାବ ଏବେ ଦେଖିବାକୁ ମିଳୁଛି। ନାବାର୍ଡ଼ ପରି ସଂସ୍ଥା ଦ୍ୱାରା ପ୍ରାଥମିକ ସମବାୟ ସମିତିକୁ ସିଧାସଳଖ ଋଣ ଯୋଗାଇବା ପାଇଁ ସମବାୟ ସମିତି ଆଇନ୍‌ରେ ସଂଶୋଧନ ହେବା ଆବଶ୍ୟକ। ସମିତିର ପରିଚାଳନା ପରିଷଦକୁ ଉପଯୁକ୍ତ ଦକ୍ଷତା ଥିବା ଶିକ୍ଷିତ ଓ ସଚ୍ଚୋଟ ବ୍ୟକ୍ତିମାନଙ୍କୁ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ କରିବା ସହିତ ସେମାନଙ୍କୁ ବୈଠକ ଭତ୍ତା ଦିଆଯିବା ଆବଶ୍ୟକ। ସମବାୟ କର୍ମଚାରୀ ଓ ପରିଚାଳନା ପରିଷଦ ମଧ୍ୟରେ ମତପାର୍ଥକ୍ୟ ଦୂର କରିବା ପାଇଁ ଏହା ନିତାନ୍ତ ଜରୁରୀ। ଗୋଟିଏ ସ୍ଥାନରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ସମବାୟ କର୍ମଚାରୀମାନଙ୍କୁ ପ୍ରତି ୩ ବର୍ଷ କାର୍ଯ୍ୟ ନିର୍ଦ୍ଧାରଣ ନୀତିରେ ବଦଳି କରିବା ଆବଶ୍ୟକ।

ଏ ସବୁକୁ ବିଚାରକୁ ନେଇ ସମବାୟରେ ଯେତେ ଶୀଘ୍ର ସଂସ୍କାର ପାଇଁ ପଦକ୍ଷେପ ନିଆଯାଇପାରିବ ସେତେ ଶୀଘ୍ର ଏହାର ସୁଫଳ ଜନସାଧାରଣ ପାଇପାରିବେ। ସରକାର ଏହାକୁ ଗୁରୁତର ସହ ବିଚାର କରିବା ଆବଶ୍ୟକ। ନଚେତ୍ ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ନୀତିରେ ସମବାୟରେ ସମସ୍ତ ପ୍ରକାର କାର୍ଯ୍ୟ ବିଫଳ ହେବ। ସରକାର ଏ ଦିଗରେ ଯଥାଶୀଘ୍ର ନିଷ୍ପତ୍ତି ନେବେ ବୋଲି ଆଶା।

(ବରିଷ୍ଠ ସମବାୟବିତ୍)
କଟକ, ମୋ: ୯୦୯୦୩୨୫୮୦୨

## ଜଳ ପ୍ରଦୂଷଣ ବନାମ ପରମ୍ପରା



ସୁଧାଂଶୁ ଶେଖର ଧଡ଼ା

ଆମେ ବାସ କରୁଥିବା ପୃଥିବୀର ୭୧ ଶତାଂଶ ଜଳ। ସେଥିମଧ୍ୟରୁ ମାତ୍ର ୦.୦୦୬ ଶତାଂଶ ମନୁଷ୍ୟର ପାନୀୟ ତଥା ଦୈନନ୍ଦିନ ବ୍ୟବହାର ଉପଯୋଗୀ। ସମଗ୍ର ବିଶ୍ୱରେ ଏହି ୦.୦୦୬ ଶତାଂଶ ଜଳ ଦିନକୁ ଦିନ ଦୂଷିତ ହୋଇ ପିଇବା ଅନୁପଯୋଗୀ ହୋଇଯାଉଛି। ଆଜିର ଦିନରେ ପ୍ରାୟତଃ ଲୋକେ ପ୍ଲାଷ୍ଟିକ ବୋତଲ/ଜାରରେ ବିକ୍ରି ହେଉଥିବା ପାଣି ପିଉଛନ୍ତି। ଅନେକ ଲୋକ ନିଜ ଘରେ ଜଳବିଶୋଧକ ଯନ୍ତ୍ର ବସାଇଲେଣି। ଆସନ୍ତା ଦିନମାନଙ୍କରେ ପିଇବା ପାଣି ପ୍ରଦୂଷଣ କାରଣରୁ ଦୁଷ୍ପ୍ରାପ୍ୟ ହୋଇଯିବା ଅସମ୍ଭବ ନୁହେଁ। ପାନୀୟ ଓ ବ୍ୟବହାର୍ଯ୍ୟ ଜଳକୁ ନେଇ ଦେଶର ରାଜଧାନୀ ଦିଲ୍ଲୀର ସ୍ଥିତି ସଙ୍କଟଜନକ ହୋଇପଡ଼ିଛି। ଦିଲ୍ଲୀ ନିକଟରେ ଯମୁନା ନଦୀର ପାଣି ଏତେ ଦୂଷିତ ହୋଇଛି ଯେ, ଛଟ୍ ପୂଜା ଅବସରରେ ଶ୍ରଦ୍ଧାଳୁମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଯମୁନା ନଦୀରେ ପ୍ରବେଶ କରିବା ଉପରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ନିଷେଧାଦେଶ ଜାରି କରିଥିଲେ।

ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମା ଦିନ ସମଗ୍ର ଓଡ଼ିଶାରେ ବିଭିନ୍ନ ଜଳାଶୟଗୁଡ଼ିକରେ ବୋଇତ ବନ୍ଦାଣ ଉତ୍ସବ ପାରମ୍ପରିକ ଭାବରେ ପାଳନ ହେବ। ତେଣୁ ରାଜ୍ୟରେ ଜଳ ପ୍ରଦୂଷଣ ବହୁମାତ୍ରାରେ ବଢ଼ିଯିବା ଆଶଙ୍କା ସୃଷ୍ଟି ହୋଇଛି। ବୋଇତ ବନ୍ଦାଣ କ୍ଷେତ୍ରରେ ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଜଳ ପ୍ରଦୂଷଣ ସମସ୍ୟା ନେଇ ଏତେ ସଚେତନ ହୋଇପାରିନାହୁଁ। ଏବେ ଜଳ ପ୍ରଦୂଷଣ ଧୀରେ ଧୀରେ ଭୂଗର୍ଭକୁ ମଧ୍ୟ ଗଲାଣି। ଭୂପୃଷ୍ଠର ବର୍ଜ୍ୟ ବସ୍ତୁ ଭୂପୃଷ୍ଠର ଜଳଉତ୍ସଗୁଡ଼ିକୁ ପ୍ରଦୂଷିତ କରି ଭୂଗର୍ଭସ୍ଥ ଜଳକୁ ଅନେକ ସ୍ଥାନରେ ଦୂଷିତ କରିସାରିଲାଣି। ଏହି ପ୍ରସଙ୍ଗରେ କାର୍ତ୍ତିକ ପୂର୍ଣ୍ଣିମା ଦିନର ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ପ୍ରତି ସଚେତନ ନ ରହିଲେ ଏହା ପ୍ରତ୍ୟକ୍ଷ ଭାବରେ ମନୁଷ୍ୟ, ପଶୁପକ୍ଷୀ ଆଦି ସମସ୍ତ ପ୍ରାଣିଜଗତ ଓ ଜଳଜ ଉଦ୍ଭିଦ ଉପରେ କ୍ଷତିକାରକ ପ୍ରଭାବ ପକାଇବ। ସମ୍ପ୍ରତି ରାଜ୍ୟର ଦ୍ୱୈତମହାନଗରୀ କଟକର ବର୍ଜ୍ୟଜଳ କାଠଯୋଡ଼ିରେ ଓ ଭୁବନେଶ୍ୱରର ବର୍ଜ୍ୟ ଜଳ ଦୟାନଦୀରେ ମିଶୁଛି, ଯେଉଁଠାରୁ ବିଶୋଧନ କରାଯାଇ ମହାନଗରବାସୀଙ୍କୁ ପିଇବା ପାଇଁ ପାଣି ଯୋଗାଣ ହେଉଛି। କିନ୍ତୁ ବିଶୋଧିତ ଜଳର ଗୁଣାତ୍ମକ ମାନ ଉନ୍ନତ ହୋଇପାରୁନାହିଁ।

କାର୍ତ୍ତିକ ପୂର୍ଣ୍ଣିମା ଦିନର ବୋଇତ ବନ୍ଦାଣ ଉତ୍ସବ ଧାର୍ମିକ, ଐତିହାସିକ ଓ ସାଂସ୍କୃତିକ ଗୁରୁତ୍ୱ ବହନ କରେ, ଏହା ନିଃସନ୍ଦେହ। କିନ୍ତୁ ଧର୍ମ ଓ ପରମ୍ପରାର ମିଶ୍ରଣରେ ଆମେ ପାଳନ କରୁଥିବା ଏହି ପର୍ବ ବର୍ତ୍ତମାନ ପ୍ରତ୍ୟକ୍ଷ ଭାବରେ ଜଳ ପ୍ରଦୂଷଣର କାରଣ ପାଲଟିଲାଣି। ବିଶେଷକରି ସହରାଞ୍ଚଳଗୁଡ଼ିକରେ ବର୍ତ୍ତମାନ ପୋଖରୀ, ଗାଡ଼ିଆ ଭଳି ଜଳଉତ୍ସଗୁଡ଼ିକ କ୍ରମେ ଲୋପ ପାଇଯାଉଥିବା ବେଳେ ମୁଖ୍ୟ ଜଳ ଉତ୍ସ ବୋଇତ ବନ୍ଦାଣ ପରମ୍ପରା ପାଇଁ ଅଧିକରୁ ଅଧିକ ପ୍ରଦୂଷିତ ହେଉଛି। ପୂର୍ବରୁ ସାଧାରଣତଃ କଦଳୀ ବାହୁଙ୍ଗାରେ ଡଙ୍ଗା ତିଆରି କରାଯାଉଥିଲା। ସମୟକ୍ରମେ ସାଂସ୍କୃତିକ ବିବର୍ତ୍ତନ ଧାରାରେ ଏହି କଦଳୀ ପଟୁଆର ଡଙ୍ଗାଟି ଆଜି ଥର୍ମୋକୁଲ, ପ୍ଲାଷ୍ଟିକ, ପଲିଥିନ, କାଗଜ ପଟି ଆଦିରେ ନିର୍ମିତ ହେଉଛି। ଏହିସବୁ ପଦାର୍ଥ ଜଳରେ ମିଶି ଅତିମାତ୍ରାରେ ଦୂଷିତ କରିପକାଉଛି। ବିଶେଷକରି ପ୍ଲାଷ୍ଟିକ ଓ ସିନ୍ଥେଟିକ ପଦାର୍ଥରୁ ପ୍ରସ୍ତୁତ ଡଙ୍ଗା ଜଳ ପ୍ରଦୂଷଣରେ ଅଧିକ ବିପଜ୍ଜନକ। ଏହିସବୁ ପଦାର୍ଥର ଅଣୁ କଣିକା ଜଳରେ ମିଶିଲେ ଏବଂ ସେହି ଜଳକୁ କୌଣସି ପ୍ରକାରରେ ପାନୀୟ ଜଳ ଭାବରେ ବ୍ୟବହାର କଲେ ତାହା କର୍କଟ ଭଳି ଭୟଙ୍କର ରୋଗର କାରଣ ହୁଏ ବୋଲି ପରିବେଶବିତମାନେ ସୂଚାଇ ସାରିଛନ୍ତି।

ଜୈବ ବିବିଧତା ରକ୍ଷା କ୍ଷେତ୍ରରେ ଜଳାଶୟଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାଛ, ବେଙ୍ଗ, ଗେଣ୍ଡା, ଶାମୁକା ଆଦି ବିଭିନ୍ନ ଜଳଜୀବ ଓ ଜଳଜ ଉଦ୍ଭିଦ ପ୍ରକୃତି ଓ ପରିବେଶକୁ ସୁରକ୍ଷା ଦେଉଥିବା ବେଳେ ସେହି ଜଳଜୀବମାନଙ୍କୁ ଖାଦ୍ୟ ଭାବରେ ବ୍ୟବହାର କରୁଥିବା ବଗ, ଡାହୁକ, ପାଣିକୁଆ, ମାଛ ରଙ୍କା, ହଂସ, ହଂସରାଳି ଆଦି ପକ୍ଷୀମାନେ ମଧ୍ୟ ପରିବେଶର ଅଂଶ। ଦୂଷିତ ଜଳରେ ଏସବୁ ଜଳଚର ପ୍ରାଣୀଙ୍କ ସହିତ ପକ୍ଷୀମାନେ ମଧ୍ୟ ଆକ୍ରାନ୍ତ ହେଲେଣି। ଜଳାଶୟକୁ ନେଇ ବଞ୍ଚୁଥିବା ଡାହୁକ ଆଜି ବିଲୁପ୍ତ ପ୍ରାୟ। ଜଳାଶୟର ବିନଷ୍ଟରେ ରାଷ୍ଟ୍ରୀୟ ଫୁଲ ପଦ୍ମ ଏବଂ କଇଁ ଭଳି ଜଳଜ ଉଦ୍ଭିଦ ସଂଖ୍ୟା ମଧ୍ୟ ହ୍ରାସ ପାଇବାରେ ଲାଗିଛି।

ପରିବେଶର ଏଭଳି ନକାରାତ୍ମକ ପରିବର୍ତ୍ତନ ଘଟୁଥିବା ସମୟରେ ବୋଇତ ବନ୍ଦାଣ ଦିନ ଜଳାଶୟଗୁଡ଼ିକରେ ଭସେଇ ଦିଆଯାଉଥିବା କ୍ଷୁଦ୍ର ଡଙ୍ଗାଟି ଜଣେ ବ୍ୟକ୍ତି ପାଇଁ ଗୋଟିଏ ହୋଇପାରେ, କିନ୍ତୁ ସାହସ୍ରାଧିକ ଜନସଂଖ୍ୟା ବିଶିଷ୍ଟ ଜନବସତିର ସାମୂହିକ ବୋଇତ ବନ୍ଦାଣ ଜଳାଶୟଗୁଡ଼ିକୁ ଅତିମାତ୍ରାରେ ଦୂଷିତ କରିପକାଉଛି। ବୋଇତ ବନ୍ଦାଣ ପରେ ଏହି ସବୁ କ୍ଷୁଦ୍ର ଡଙ୍ଗା ସହ ଭାସମାନ ଆବର୍ଜନାକୁ ତୁରନ୍ତ ପାଣିରୁ ଛାଣି ବାହାର କରାଯିବାର ଆବଶ୍ୟକତା ଥିବା ବେଳେ ଡଙ୍ଗା ଭସାଇବାର ତତ୍ପରତା ଜଳାଶୟକୁ ପରିଷ୍କାର କରିବାରେ ଦେଖାଯାଉନାହିଁ।

ଏହାକୁ ଦୃଷ୍ଟିରେ ରଖି କାର୍ତ୍ତିକ ପୂର୍ଣ୍ଣିମା ଦିନଟିକୁ 'ଜଳଉତ୍ସ ସୁରକ୍ଷା ଦିବସ' ଭାବରେ ପାଳନ କରି ଏକ ସାମାଜିକ ଆନ୍ଦୋଳନରେ ପରିଣତ କରାଯିବାର ସମୟ ଆସିଯାଇଛି। ଏକଥା ମନେ ରଖିବାକୁ ପଡ଼ିବ ଯେ ଜଳ ହିଁ ଜୀବନ ଏବଂ ପ୍ରଦୂଷିତ ଜଳ ମାନବ ସମାଜ ଓ ପ୍ରାଣିଜଗତର ସର୍ବାଧିକ କ୍ଷତି ଘଟାଉଛି। ନିକଟରେ ସମାପିତ ଦୁର୍ଗାପୂଜା ଓ ଅନ୍ୟାନ୍ୟ ପୂଜା ପରେ ମୂର୍ତ୍ତି ବିସର୍ଜନ ଦ୍ୱାରା ଜଳପ୍ରଦୂଷଣ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଗାଡ଼ିଆ ବ୍ୟବସ୍ଥା କରାଯାଇଥିଲା। ତେଣୁ ଏହି ପଦ୍ଧତି କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ପାଳନ କରାଯାଇପାରନ୍ତା।

ଭୁବନେଶ୍ୱର, ମୋ: ୯୩୩୭୦୧୫୮୮୨

## ସମ୍ପର୍କର ସେତୁ: ଭାରତ-ଜର୍ମାନୀ

ଡକ୍ଟର ମଞ୍ଜୁଳିକା ନାୟକ

ବିଶ୍ୱ ମଞ୍ଚରେ ଭାରତ ଦ୍ୱିପାକ୍ଷିକ ସମ୍ପର୍କ ସ୍ଥାପନା ଉପରେ ଅଧିକ ଗୁରୁତ୍ୱ ଦେଉଛି। କେନ୍ଦ୍ର ସରକାର ପୂର୍ବଏସିଆ ରାଷ୍ଟ୍ରଙ୍କ ସହ ବିଶେଷ ସମ୍ପର୍କ ବୃଦ୍ଧି ପାଇଁ ଚଳିତ ବର୍ଷକୁ 'ଆକ୍ଟ ଇଷ୍ଟ ନୀତି'ର ବର୍ଷ ଭାବେ ପାଳନ କରୁଛନ୍ତି। ଏହାର ପ୍ରଭାବରେ ଭାରତ ସହିତ ଅନ୍ୟାନ୍ୟ ରାଷ୍ଟ୍ରମାନେ ମଧ୍ୟ ସମ୍ପର୍କ ବୃଦ୍ଧି ପାଇଁ ଆଗ୍ରହୀ। ଜର୍ମାନୀ ହେଉଛି ତାହାର ଜ୍ୱଳନ୍ତ ଉଦାହରଣ। ଜର୍ମାନୀ ପ୍ରତିବର୍ଷ କୁଶଳୀ ଭାରତୀୟଙ୍କ ପାଇଁ ଜାରି କରୁଥିବା ଭିସା ସଂଖ୍ୟା ୨୦ ହଜାରରୁ ୯୦ ହଜାରକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଶତାଧିକ ଜର୍ମାନୀ କମ୍ପାନୀ ଭାରତରେ ପ୍ରତିଷ୍ଠା ହୋଇଥିବା ବେଳେ ଅନେକ ଭାରତୀୟ କମ୍ପାନୀ ମଧ୍ୟ ଜର୍ମାନୀରେ ନିଜର ଉପସ୍ଥିତି ଜାହିର କରିଛନ୍ତି। ତେଣୁ ଭାରତ-ଜର୍ମାନୀ ବିଶ୍ୱର ଦୁଇ ସମୃଦ୍ଧ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ସେମାନଙ୍କ ମଧ୍ୟରେ ସକ୍ଷମ ଓ ସଶକ୍ତ ସହଭାଗିତା କେବଳ ଦୁଇ ଦେଶ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଶୁଭଙ୍କର। ଉଭୟ ପକ୍ଷ ପ୍ରତିରକ୍ଷା, ନିଯୁକ୍ତି, ପ୍ରଯୁକ୍ତି, ଶକ୍ତି, ସବୁଜ ଓ ପୋଷଣୀୟ ବିକାଶ କ୍ଷେତ୍ରରେ ପାରସ୍ପରିକ ସହଯୋଗ ସହ କାର୍ଯ୍ୟ କରିବାକୁ ସହମତ।

ଭାରତ ଓ ଜର୍ମାନୀ ମଧ୍ୟରେ ସପ୍ତମ ଆନ୍ତଃସରକାରୀ ପରାମର୍ଶଗୋଷ୍ଠୀର ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜର୍ମାନ ଚାନସେଲର ଓଲାଫ ସ୍କୋଜ୍‌ଙ୍କ ଉପସ୍ଥିତିରେ ଉଭୟ ଦେଶର ବିଭିନ୍ନ ବିଭାଗର ମନ୍ତ୍ରୀ ଓ ଅଧିକାରୀମାନେ ସାମଗ୍ରିକ ସରକାରୀ ଢାଞ୍ଚା ଉପରେ ଆଲୋଚନା କରିଛନ୍ତି। ଭାରତ ପକ୍ଷରୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ବୈଦେଶିକ ବ୍ୟାପାରମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ। ଏଥିରେ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ରାଜିନାମା, ବୁଝାମଣାପତ୍ର ଏବଂ ମିଳିତ ଘୋଷଣାନାମା ସ୍ୱାକ୍ଷରିତ ହୋଇଛି। ଏହାବ୍ୟତୀତ ଭାରତ ଓ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ପ୍ରଚଳିତ ବିଧି ଅନୁସାରେ କାର୍ଯ୍ୟ କରିବା ଲାଗି ଜର୍ମାନୀ ସହମତ ହୋଇଛି। ଜର୍ମାନ ଚାନସେଲର ଗୋଆ ଆସି ଜର୍ମାନ ନୌସେନା ଜାହାଜ ଏଫଜିଏସ୍ ସ୍କାନପ୍ରୋଡ୍ ପରିଦର୍ଶନ କରିଥିଲେ। ଏହି ଯୁଦ୍ଧ ଜାହାଜ ଭାରତୀୟ ନୌସେନା ସହ ଏକ ସମରାଭ୍ୟାସ ପାଇଁ ଗୋଆ ଆସିଛି।

ଭାରତ-ଜର୍ମାନୀର ବନ୍ଧୁତା ବହୁ ପୁରୁଣା। ଦୁଇ ଦେଶର ରଣନୀତିକ ସହଭାଗିତାକୁ ୨୫ ବର୍ଷ ପୂରଣ ହୋଇଛି। ଆଗାମୀ ୨୫ ବର୍ଷ ଏହ ବନ୍ଧୁତା ଏକ ନୂଆ ଶିଖର ଛୁଇଁବ। ପ୍ରଯୁକ୍ତି, ନବସୃଜନ, ପ୍ରଜ୍ଞା, ଭିତ୍ତିଭୂମି ଆଦି କ୍ଷେତ୍ରରେ ଭାରତର ବିକାଶ ଯାତ୍ରାରେ ଜର୍ମାନୀ ତା'ର ସହଯୋଗ ଯୋଗାଇଦେବ ବୋଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଅଷ୍ଟାଦଶ ଏସୀୟ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଭାରତ-ଜର୍ମାନ ବ୍ୟବସାୟିକ ବୈଠକରେ ଯୋଗଦେଇ ଜର୍ମାନ ଚାନସେଲର ଓଲାଫ ଘୋଷଣା କରିଛନ୍ତି। ଫଳରେ ଅଧିକ ଭାରତୀୟ କୁଶଳୀ ପେସାଦାର ଜର୍ମାନ୍ ଯାଇ ସେଠାରେ କାର୍ଯ୍ୟ କରିବାର ସୁଯୋଗ ପାଇପାରିବେ। ଏହାଦ୍ୱାରା ଉଭୟ ଦେଶ ଅନେକ ଦୃଷ୍ଟିରୁ ଲାଭବାନ୍ ହେବେ।

ବର୍ତ୍ତମାନ ଭାରତ-ଜର୍ମାନ ବ୍ୟବସାୟିକ କାରବାର ୩ ହଜାର କୋଟି ଡଲାରରୁ ଅଧିକ ହୋଇଛି। ଭାରତ ଏବେ ବୈଶ୍ୱିକ କାରବାରର ବିନିର୍ମାଣ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି। ତେଣୁ ଜର୍ମାନୀ ବ୍ୟବସାୟୀ ଓ ଶିଳ୍ପପତିଙ୍କ ପାଇଁ ଏହା ଉପଯୁକ୍ତ ସମୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଏହାଛଡ଼ା କୌଶଳ ବିକାଶ, ଗ୍ରୀନ୍ ହାଇଡ୍ରୋଜେନ୍ କ୍ଷେତ୍ରରେ ଦୁଇ ଦେଶ ସହଯୋଗର ସହ କାର୍ଯ୍ୟ କରିବେ। ଆପରାଧିକ ମାମଲାରେ ଭାରତ ଓ ଜର୍ମାନୀ ପରସ୍ପର ସହ ଗୁଇନ୍ଦା ସୂଚନା ବିନିମୟ କରିବା ଲାଗି ମଧ୍ୟ ରାଜି ହୋଇଛନ୍ତି। ତେଣୁ ଭାରତ-ଜର୍ମାନୀ ବିଶ୍ୱର ଦୁଇ ସଶକ୍ତ ଲୋକତନ୍ତ୍ର ଓ ଦୁଇ ଶୀର୍ଷ ଅର୍ଥ ବ୍ୟବସ୍ଥା ଏକାଠି ହୋଇ ବିଶ୍ୱକଲ୍ୟାଣର ଶକ୍ତି ହୋଇପାରିବେ।

manjulikanayak222@gmail.com

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଚାକରାଣୀର ସମ୍ପତ୍ତି ଲୋଭ

# ମରଣ ଫାଶରେ ପୂଜକ



**୨୦୨୩ ନଭେମ୍ବର ୭ରେ ଘଟିଥିବା ଏହି ହତ୍ୟା ଘଟଣା କୋରାପୁଟ ସହରରେ ଚହଳ ପକାଇଥିଲା । କିଏ କାହିଁକି ମନ୍ଦିର ପୂଜକଙ୍କୁ ହତ୍ୟା କଲା, ପୂଜକଙ୍କ ଶତ୍ରୁ କିଏ ହୋଇପାରେ, ହତ୍ୟାର କାରଣ କ'ଣ , ଏଭଳି ଅନେକ ପ୍ରଶ୍ନକୁ ନେଇ କିଛିଦିନ ପାଇଁ କୋରାପୁଟ ସହରରେ ଚାଲିଲା ଆଲୋଚନା । ତେବେ ୫ ଦିନ ପରେ କୋରାପୁଟ ଟାଉନ ଥାନା ପୁଲିସ ଯେତେବେଳେ ହତ୍ୟାକାରୀଙ୍କୁ ଗିରଫକରି ହତ୍ୟା ରହସ୍ୟ ଉନ୍ମୋଚନ କରିଥିଲା । ସମ୍ପତ୍ତି ଲୋଭରେ ଚାକରାଣୀ ବୃଦ୍ଧ ପୂଜାରୀଙ୍କୁ ହତ୍ୟା କରିପାରେ, ଏହା ସହଜରେ ବିଶ୍ୱାସଯୋଗ୍ୟ ନ ହେଲେ ମଧ୍ୟ ପୁଲିସ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦେବା ପରେ ଲୋକଙ୍କ ମନରେ ଥିବା ସନ୍ଦେହ ଦୂର ହୋଇଥିଲା ।**

୨୦୨୩ ନଭେମ୍ବର ୮ ତାରିଖ ସକାଳେ ଜଣାପଡ଼ିଥିଲା ଯେ, କୋରାପୁଟ ଜୟପୁର ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ବୁଢ଼ୀ ଠାକୁରାଣୀ ମନ୍ଦିର ପୂଜକ ରମେଶ ଚନ୍ଦ୍ର ତ୍ରିପାଠୀଙ୍କୁ କେହି ନିର୍ମମ ଭାବେ ହତ୍ୟା କରିଛି । ହତ୍ୟାକାଣ୍ଡକୁ ନେଇ ପୁଲିସ ତନାଘନା କରିବା ସହ ବିଭିନ୍ନ ଦିଗକୁ ନେଇ ଅନୁଧ୍ୟାନ ଜାରି ରଖିଥିଲା । ମୃତ ରମେଶ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଥିଲେ ଓ ତାଙ୍କ



ସ୍ତ୍ରୀ, ଦୁଇ ପୁଅଙ୍କ ମୃତ୍ୟୁ ପରେ ସେ ମନ୍ଦିର ପୂଜାରୀ ଭାବେ କାର୍ଯ୍ୟ କରି ଏକୁଟିଆ ରହୁଥିଲେ । ମନ୍ଦିର ନିକଟ ଏକ ଘରେ ସେ ରହୁଥିବାବେଳେ କୋରାପୁଟ ସହର ହାଟପଦା ଅଞ୍ଚଳର ସରସ୍ୱତୀ ଜାନି ତାଙ୍କ ଘରେ କାମ କରୁଥିଲା । ଘରକାମ କରୁଥିବାରୁ ପ୍ରାୟତଃ ଯିବାଆସିବା କରୁଥିଲା । ରମେଶ ଏକୁଟିଆ ଥିବାରୁ ତାଙ୍କ ନିକଟରେ ପ୍ରଚୁର ଟଙ୍କା ଓ ସୁନାଗହଣା ଥିବ ଭାବି ସରସ୍ୱତୀ ନିଜ ବାନ୍ଧବୀ ରଥ ଶର୍ମା କଲୋନୀର ରମା ଗୌଡ଼ ସହିତ ପୂଜକ ତ୍ରିପାଠୀଙ୍କୁ ହତ୍ୟା କରି ସବୁ ହାତେଇବାକୁ ଯୋଜନା କରିଥିଲା । ତେବେ ହତ୍ୟା ପାଇଁ ଆଉ କେତେକଙ୍କ ସହଯୋଗ ଆବଶ୍ୟକ ମନେକରି ସରସ୍ୱତୀ ଏବଂ ରମା ଉଭୟେ ମହେନ୍ଦ୍ର ପାଣିଗ୍ରାହୀ, ପ୍ରତାପ ଟାକ୍ରୀ, କିଶାନ ବାଘ, ନାରାଜ ବେନିଆ ଏବଂ ଅଶୋକ ରାୟଙ୍କ ସହଯୋଗ ନେଇଥିଲା । ୭ ତାରିଖ ଅପରାହ୍ଣ ସାଢ଼େ ଗୋଟାଏ ସମୟରେ ରମେଶ ତ୍ରିପାଠୀ ସରସ୍ୱତୀକୁ କୌଣସି କାମ ପାଇଁ ସନ୍ଧ୍ୟାରେ ଘରକୁ ଆସିବାକୁ ଫୋନ୍ କରି ଡାକିଥିଲେ । ରମେଶଙ୍କ ଫୋନ ପାଇବା ମାତ୍ରେ ସରସ୍ୱତୀ ସମସ୍ତଙ୍କ ସହ ମିଶି ଡକାୟତି କରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲା । ଯୋଜନା ଅନୁଯାୟୀ ସନ୍ଧ୍ୟା ୭-୩୦ରେ ସରସ୍ୱତୀ ଓ ରମା ପୂଜକ ରମେଶଙ୍କ ଘରେ ପହଞ୍ଚି ତାଙ୍କୁ ଖାଦ୍ୟ ନେଇ ଆସିବାକୁ ବଜାରକୁ ପଠାଇଥିଲେ । ରମେଶ ଘରୁ ଚାଲିଯିବା ପରେ ଅଶୋକ, ମହେନ୍ଦ୍ର ଓ ପ୍ରତାପ ଘର ଭିତରକୁ ଯାଇ ଗାଧୁଆ ଘରେ ଛପି ରହିଥିଲେ । ରମେଶ ଖାଦ୍ୟ ନେଇ ଘର ଭିତରକୁ ପ୍ରବେଶ କରି ଅପରିଚିତ ଯୁବକମାନଙ୍କୁ ଦେଖି ଭୟରେ ଚିତ୍କାର କରିଥିଲେ । ତୁରନ୍ତ ସମସ୍ତ ଅଭିଯୁକ୍ତ ରମେଶଙ୍କ ଉପରେ ମାଡ଼ିବସି ଏକ କଳା କପଡ଼ାରେ ତାଙ୍କ ମୁହଁ ବନ୍ଦ କରିବା ସହ ହାତଗୋଡ଼ ବାନ୍ଧି ଦେଇଥିଲେ । ଫଳରେ ଶ୍ୱାସରୁଦ୍ଧ ହୋଇ କିଛି କ୍ଷଣ ମଧ୍ୟରେ ରମେଶଙ୍କର ସେଠାରେ ମୃତ୍ୟୁ ହୋଇଥିଲା । ରମେଶଙ୍କୁ ହତ୍ୟା ପରେ ଅଭିଯୁକ୍ତମାନେ ଆଲମାରୀ ଓ ବାକ୍ସ ତାଲା ଭାଙ୍ଗି ସୁନା, ନଗଦ ଟଙ୍କା, ରୁପା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ଫେରାର ହୋଇଯାଇଥିଲେ । ପରଦିନ ସକାଳେ ରମେଶଙ୍କ ଘରେ ସରସ୍ୱତୀ ପହଞ୍ଚି କିଛି ନ ଜାଣିବା ଅଭିନୟ କରି ରମେଶଙ୍କ ମୃତଦେହ ଦେଖି ପଡୋଶୀଙ୍କୁ ଜଣାଇଥିଲା । ସାହି ଲୋକେ କୋରାପୁଟ ଟାଉନ ଥାନାକୁ ସୂଚନା ଦେବା ପରେ ତତ୍କାଳୀନ ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ, ଡିଏସ୍‌ପି ସୁମିତ୍ରା ଜେନା, ଏସ୍‌ଡିପିଓ ଶ୍ରାବଣୀ ନାୟକ ପ୍ରମୁଖ ପୁଲିସ ଓ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲେ । କିନ୍ତୁ ପୁଲିସର ସନ୍ଦେହୀ ଆଖି କବଳରୁ ଖସିପାରି ନ ଥିଲେ ସରସ୍ୱତୀ । ପୁଲିସ ସରସ୍ୱତୀକୁ ଡାକି ପଚରାଉଚରା କରିବା ପରେ ସମସ୍ତ ଘଟଣା ଜଣାପଡ଼ିଥିଲା । ସରସ୍ୱତୀର ବୟାନ ଅନୁଯାୟୀ ପୁଲିସ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଧରିଥିଲା । ଗିରଫ ଅଭିଯୁକ୍ତମାନଙ୍କ ଠାରୁ ନଗଦ ୧୫ ହଜାର ଟଙ୍କା ସହ ୬ ଟି ମୋବାଇଲ ଫୋନ, ଚାବି ପେନ୍ଥା, ଗୋଟିଏ ପୋଡ଼ା ମୋବାଇଲ ଏବଂ କିଛି ପରିମାଣର ସୁନା ଓ ରୁପା ଅଳଙ୍କାର ଜବତ କରିଥିଲେ । ଆଇ ପି ସି ୧୨୦ ବି/୩୯୬ ରେ ଏକ ମାମଲା (କେଶ ନଂ ୨୯୧/୨୩) ରୁଜୁ କରି ସବ ଇନ୍ସପେକ୍ଟର ବିଷ୍ଣୁ ଚରଣ ବେହେରା ମାମଲାର ତଦନ୍ତ ଆରମ୍ଭ କରିବା ସହ ଗିରଫ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା ।



କୋରାପୁଟରୁ ସୁବୋଧ କୁମାର ଚେଟ୍ଟିଙ୍କ ରିପୋର୍ଟ

### ସନ୍ଦେହରେ ଥିଲା ଚାକରାଣୀ

ଆଦିବାସୀ ବହୁଳ କୋରାପୁଟ ଜିଲ୍ଲାରେ ହତ୍ୟା ଭଳି ଜଘନ୍ୟ ଅପରାଧ କମ୍ ପରିଲକ୍ଷିତ ହୁଏ । ସେଥିରେ ପୁଣି ମହିଳା ମୁଖ୍ୟ ଅଭିଯୁକ୍ତ ଭାବେ ଗିରଫ ହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଜଣେ ଅବସରପ୍ରାପ୍ତ କର୍ମଚାରୀ ମନ୍ଦିର ପୂଜକ ଭାବେ ଦେବୀଙ୍କ ସେବା କରୁଥିବାବେଳେ ତାଙ୍କୁ ଯେ କେହି ନିର୍ମମ ଭାବେ ହତ୍ୟା କରିବ ଏହା ଥିଲା କଳ୍ପନା ବାହାରେ । କିନ୍ତୁ ସତ ନିଶ୍ଚିତ ଲୋକଲୋଚନକୁ ଆସିବ, ଚାକରାଣୀ ସରସ୍ୱତୀର ହାବଭାବରୁ ତା ପ୍ରତି ସନ୍ଦେହ ହୋଇଥିଲା, ତାକୁ ପୁଲିସ ବାରମ୍ବାର ଜେରା କରିବା ପରେ ସେ ସବୁ ସତ ମାନିଥିଲା ଓ ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କରେ ସୂଚନା ଦେବା ପରେ ପୁଲିସ ସେମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା ।

**- ଶ୍ରାବଣୀ ନାୟକ, ଏସ୍‌ଡିପିଓ**

## ଯୁବକ, ଯୁବତୀଙ୍କ ମୃତଦେହ ପଛର ରହସ୍ୟ

# ଝାଡ଼ଖଣ୍ଡରେ ବିବାଦ ଓଡ଼ିଶାରେ ଡବଲ୍ ମର୍ଡର

**ଟଙ୍କା ଦେଣନେଣକୁ କେନ୍ଦ୍ରକରି ବିବାଦ ସୃଷ୍ଟି ହୋଇଥିଲା ସୁଦୂର ଝାରଖଣ୍ଡରେ । କିନ୍ତୁ ପରବର୍ତ୍ତୀ ସମୟରେ ବିବାଦ ଏଭଳି ସ୍ଥିତିକୁ ଚାଲି ଆସିଥିଲା ଯେ, ଅଭିଯୁକ୍ତମାନେ ହତ୍ୟା କରିବା ପାଇଁ ଓଡ଼ିଶା ଚାଲି ଆସିଥିଲେ ଏବଂ ଯୁବକ ଯୁବତୀଙ୍କୁ ନିର୍ମମ ଭାବେ ଗଳାକାଟି ହତ୍ୟା କରିଥିଲେ । ମୃତକ ଏବଂ ଅଭିଯୁକ୍ତ ରାଜ୍ୟ ବାହାରର ହୋଇଥିବାରୁ ହତ୍ୟାର ରହସ୍ୟ ଖୋଜିବା ଓଡ଼ିଶା ପୁଲିସ ପାଇଁ ଏକ କାଠିକର ପାଠ ହୋଇ ପଡ଼ିଥିଲା ।**

ବଲାଙ୍ଗିରରୁ ଶିଶିର ଶତପଥୀଙ୍କ ରିପୋର୍ଟ

୨୦୨୪ ଅକ୍ଟୋବର ୨୪ ତାରିଖ ଗୁରୁବାର ସକାଳେ ବଲାଙ୍ଗିର ଜିଲ୍ଲା ତଣ୍ଡାମୁଣ୍ଡାରୁ ଉପରଝରକୁ ସଂଯୋଗ କରୁଥିବା ବାଇପାସ ରାସ୍ତାରେ ତଣ୍ଡାମୁଣ୍ଡା ଗାଁ ନିକଟରେ ଦୁଇଟି ମୃତଦେହ ପଡ଼ିଥିବା ନେଇ ଗ୍ରାମବାସୀ ପୁଇଁତଳା ଥାନାକୁ ଖବର ଦେଇଥିଲେ । ଖବର ପାଇଁ ପୁଇଁତଳା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକ, ଯୁବତୀଙ୍କ ମୃତଦେହ ଉଦ୍ଧାର କରିଥିଲା । ପ୍ରଥମେ ପୁଇଁତଳା ଥାନା ଅଧିକାରୀ ଶୋଭରାଜ ଧରୁଆ ଓ ତାଙ୍କର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ପରେ ବଲାଙ୍ଗିର ଏସଡିପିଓ ପ୍ରଦୀପ ସାହୁ, ଏସପି ଋଷିକେଶ ଖିଲାରୀ ଘଟଣାସ୍ଥଳରେ ପହଞ୍ଚି ଆରମ୍ଭ କରିଥିଲେ ତଦନ୍ତ । ସାଇଣ୍ଟିଫିକ ଟିମ, ସନ୍ଧାନୀ କୁକୁର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ । ପୁଲିସ ପାଇଁ ମୃତ୍ୟୁର କାରଣ ଖୋଜିବା ତ ଦୂରର କଥା ମୃତକଙ୍କ ପରିଚୟ ପାଇବା ମଧ୍ୟ କାଠିକର ପାଠ ଥିଲା । ମୃତ ଯୁବତୀଙ୍କ ଗଳା କଟାଯାଇଥିଲା ବେଳେ ଯୁବକଙ୍କ ମୃତଦେହ ଅର୍ଦ୍ଧନଗ୍ନ ଅବସ୍ଥାରେ ପଡ଼ିଥିଲା ଓ ତାଙ୍କ ଶରୀରରେ ମାଡ଼ମରା ଯାଇଥିବା ଚିହ୍ନ ମଧ୍ୟ ରହିଥିଲା । ଦୁଇଦିନ ପୂର୍ବରୁ ଅନ୍ୟ କୌଣସି ସ୍ଥାନରେ ସେମାନଙ୍କୁ ହତ୍ୟା କରାଯାଇ ଉକ୍ତସ୍ଥାନକୁ ଆଣି ଫିଙ୍ଗିଦେଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଥିଲେ ।



### ପ୍ରଥମଥର ପାଇଁ ଏଆଇର ସହାୟତା ନେଲା ପୁଲିସ

### ହତ୍ୟାକାଣ୍ଡ ଅନ୍ତରାଳେ...

ଏସ୍‌ପିଙ୍କ କହିବା ଅନୁସାରେ ମୃତ ମହମ୍ମଦ ଜାବେଦ ଏବଂ ପଲକ୍ ମିଶ୍ରଙ୍କ ମଧ୍ୟରେ ଦୀର୍ଘ ୪ ବର୍ଷ ହେଲା ପ୍ରେମ ସମ୍ପର୍କ ଥିଲା । ଜାବେଦଙ୍କ ନାମରେ ପୂର୍ବରୁ ଅନେକ ଅପରାଧିକ ମାମଲା ଥିଲା । ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଆଶୁତୋଷ ଗୌତମ ଓରଫ୍ ବବ୍‌ଲୁ କିଲୋ ଜଣେ ବିଲ୍ଡର ଏବଂ ଜମି ଦଲାଲ । ସେ ଜାବେଦ ବବଲୁ କିଲୋର ଅଧୀନରେ କାମ କରୁଥିଲା । ଗତ ୬ ମାସ ତଳେ ଜାବେଦ ବବଲୁ ଠାରୁ ୭ ଲକ୍ଷ ଟଙ୍କା ଉଧାର ଆକାରରେ ଆଣି ଆଉ ଫେରାଉ ନଥିଲା । ଜାବେଦ ଏବଂ ପଲକ୍ ବଲାଙ୍ଗିରରେ ଆସି ରହୁଥିବା ବେଳେ ଗତ ୨୩ ତାରିଖରେ ଆଶୁତୋଷ ଓ ତା'ର ସହଯୋଗୀମାନେ ଜାଭେଦ୍ ଓ ପଲକ୍ ଭଡ଼ା ଘରକୁ ଯାଇଥିଲେ । ସେଠାରେ ଉଭୟ ପକ୍ଷ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା । ପରେ ଆଶୁତୋଷ ଓ ତାଙ୍କ ସହଯୋଗୀ ପ୍ରଥମେ ଜାବେଦ ଓ ପଲକ୍‌ଙ୍କୁ ବାନ୍ଧି ତାଙ୍କୁ ନିର୍ଯାତନା ଦେଇଥିଲେ । ପରେ ଗୋଟିଏ କାର୍‌ରେ ଦୁଇଜଣଙ୍କୁ ତଣ୍ଡାମୁଣ୍ଡା ଜଙ୍ଗଲକୁ ନେଇ ତଣ୍ଟିକାଟି ନିର୍ମମ ଭାବେ ହତ୍ୟା କରିଥିଲେ । ପରଦିନ ସକାଳେ ପୁଲିସ ଖବର ପାଇ ମୃତଦେହ ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା ।





ହତ୍ୟାକାରୀଙ୍କୁ ଧରିବା ପାଇଁ ବଲାଙ୍ଗିର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ୫ ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ଟିମ୍‌ଗୁଡ଼ିକ ବିଭିନ୍ନ ଦିଗକୁ ଯାଇ ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲେ । ଏମିତି କି ପ୍ରଥମଥର ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)ର ସହାୟତ ମଧ୍ୟ ନିଆଯାଇଥିଲା । ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ରାଜ୍ୟ ବାହାରକୁ ମଧ୍ୟ ଯାଇଥିଲା । ପୂରା ୫ଟି ଯାକ ଟିମ୍‌ର ୬ ଦିନର ତଦନ୍ତ ପରେ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସମେତ ୮ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା ପୁଲିସ । ଝାଡ଼ଖଣ୍ଡ ବୋକାରୋ ସହରର ଆଶୁତୋଷ ଗୌତମ (୪୮), ଗୌରବ କୁମାର (୨୮), ଚନ୍ଦନ କୁମାର (୩୬), କୌଶଳ କୁମାର(୨୯) ଏବଂ ବିହାର ଔରଙ୍ଗାବାଦ ସହରର ବାଦଲ କୁମାର (୨୦), ରାଜୀବ ଗୌତମ (୪୩), ବିଶାଳ କୁମାର(୨୩)ଙ୍କ ସମେତ ବଲାଙ୍ଗିର ସହର ମାଳପଡ଼ାର ଡବଲୁ ଓରଫ ରାଜେନ୍ଦ୍ର ସେଠ୍‌ଙ୍କୁ ପୁଲିସ ଗିରଫ କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ଡିଆଇଜି ହିମାଂଶୁ ଲାଲ କହିଥିଲେ । ସେମାନଙ୍କ ଠାରୁ ଏକ କାର, ଆକ୍ଟିଭା ସ୍କୁଟର, ଛୁରି, ଦେଶୀ ବନ୍ଧୁକ, ୨ ଟି ଅଫୁଟା ଗୁଳି, ୧୦ଟି ମୋବାଇଲ ଫୋନ୍ ଏବଂ ଅନ୍ୟାନ୍ୟ ଜିନିଷ ଜବତ କରାଯାଇଥିଲା ।

## ସପ୍ତାହର ୭ ଅପରାଧ

### ନାବାଳିକା ଦୁଷ୍କର୍ମ ପରେ ହତ୍ୟା; ଧରମ ମାମୁଙ୍କୁ ଆଜୀବନ




ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାରେ ଧରମ ମାମୁ ରବି ସିଂକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି ବାଲେଶ୍ୱର ସ୍ୱତନ୍ତ୍ର ପକ୍ସୋ କୋର୍ଟ ବିଚାରପତି ରଞ୍ଜନ କୁମାର ସୂତାର । ନାବାଳିକାକୁ ବୁଲେଇ ନେବା ବାହାନାରେ ବଜାରକୁ ନେଇ ରବି ଦୁଷ୍କର୍ମ ଓ ପରେ ହତ୍ୟା କରିଥିଲା ।

### ପତ୍ନୀ ଓ ଦୁଇ ଛୁଆଙ୍କୁ ପୋଡ଼ିମାରିବା ଘଟଣାରେ ସ୍ୱାମୀଙ୍କୁ ଆଜୀବନ



ପତ୍ନୀ ଓ ଦୁଇ ସନ୍ତାନଙ୍କ ହତ୍ୟା ମାମଲାରେ ଝାରପୋଖରିଆ ଥାନା ଅଧୀନ ଉଁଚଗାଁ ଗ୍ରାମ ଡିପସାହିର ମଙ୍ଗଳ ମାର୍ଣ୍ଡିକୁ ମଙ୍ଗଳବାର ଆଜୀବନ କାରାଦଣ୍ଡ ଓ ୫୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ସତ୍ୟ ନାରାୟଣ ପାତ୍ର । ୨୦୨୨ ମସିହାରେ ପତ୍ନୀ ଓ ଦୁଇ ଛୁଆଙ୍କୁ ପୋଡ଼ି ମାରିବା ଘଟଣାରେ ପୁଲିସ ମଙ୍ଗଳକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

### ଜଙ୍ଗଲ ରାସ୍ତାରେ ମହିଳାଙ୍କୁ ହତ୍ୟା



କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଧୀନରେ ଘଟିଥିବା ସାବି ଖରା ହତ୍ୟା ଘଟଣାରେ ନନ୍ଦପୁର ପୁଲିସ ସ୍ୱାମୀ ସହ ତାର ୨ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପତ୍ନୀକୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ପାଇଁ ଜଙ୍ଗଲ ରାସ୍ତାରେ ହତ୍ୟା କରାଯାଇଥିଲା । ଅଭିଯୁକ୍ତ ମହେନ୍ଦ୍ର ଖରା ଏବଂ ଦୁଇ ସହଯୋଗୀ ସୋମନାଥ ଓ ମହେଶକୁ ମଧ୍ୟ ପୁଲିସ କୋର୍ଟ ଚାଲାଣ କରିଛି ।

### ଏକତରଫା ପ୍ରେମରୁ ହତ୍ୟା



ସୁନ୍ଦରଗଡ ଜିଲ୍ଲା ହେମଗିରି ବ୍ଲକ ଯୁଲୁମବାହାଲ ପଞ୍ଚାୟତର ପୂର୍ଣ୍ଣ ଗ୍ରାମରେ ଜଣେ ଅଙ୍ଗନବାଡି କର୍ମୀଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା କରି ଅଭିଯୁକ୍ତ ଫେରାର ହୋଇଯାଇଛି । ମୃତକ ହେଲେ ଦିବ୍ୟାଭାରତୀ ଅଢା । ସେହି ଗ୍ରାମର ଶରତ କଉଡ଼ି ଏକତରଫା ପ୍ରେମକୁ ନେଇ ତାଙ୍କୁ ହତ୍ୟା କରି ଫେରାର ହୋଇଥିବା ଅଭିଯୋଗ ହୋଇଛି ।

### ଶାନ୍ତି ମିଶ୍ର ହତ୍ୟା ମାମଲାରେ ୧୧ ଜଣଙ୍କୁ ଆଜୀବନ



୨୦୧୩ ମସିହା ଶାନ୍ତି ମିଶ୍ର ହତ୍ୟା ବିଚାର କରି ଗଞ୍ଜାମ ଜିଲ୍ଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ୧୧ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

### ୯ ହତ୍ୟାକାରୀଙ୍କୁ ଆଜୀବନ



କଟକ ଜିଲ୍ଲା ବାଙ୍କୀ ଘୋଳପୁର ଛକରେ ୨୦୨୦ ମସିହାରେ ଘଟିଥିବା ଗୋବିନ୍ଦ ବେହେରା ହତ୍ୟା ମାମଲାରେ ୯ ଜଣଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି କଟକ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୁଶୀଲ କୁମାର ରାଉତ ।

### ମାଆକୁ ପିଟିପିଟି ହତ୍ୟା



ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଅଧୀନ ମହିଯୋର ଗାଁରେ ମାଆକୁ ଲୁହାରେ ପିଟିପିଟି ହତ୍ୟା କରିଛି ପୁଅ । ମୃତ ମହିଳା ହେଲେ ଉର୍କୁଲି ଲୁହାର । ହତ୍ୟା ଘଟଣାରେ ପୁଲିସ ପୁଅ ବନମାଳୀ ଲୁହାରକୁ ଗିରଫ କରିଛି ।



■ ଗୋଟିଏ ପୋଖରୀକୁ ଦୁଇଥର ନିଲାମ

## ଗ୍ରାମବାସୀଙ୍କ ମେଳି ଦେଖି ଆସିଲେନି ନିଲାମଧାରୀ



ହିନ୍ଦୋଳ, ୧୩।୧୧(ସମିସ): ହିନ୍ଦୋଳ ବ୍ଲକରେ ବାରମ୍ବାର ହୋଇଆସୁଛି ଦୁର୍ନୀତି। ଅଭିଯୋଗ ପରେ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଦୁର୍ନୀତିରେ ରେକ୍ ଲାଗିବା ପରିବର୍ତ୍ତେ ଅଧିକ ହେଉଥିବା ଦେଖିବାକୁ ମିଳିଛି। ୨ ମାସ ପୂର୍ବରୁ ହୋଇଥିବା ପୋଖରୀକୁ ପୁନର୍ବାର ନିଲାମ କରିବା ପାଇଁ ନୋଟିସ ଜାରି ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଗ୍ରାମବାସୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେର୍ ବୁଧବାର ପୁନର୍ବାର ଉକ୍ତ ପୋଖରୀ ନିଲାମ କରାଯାଇଥିବା ଜଣାପଡ଼ିଛି। ଆଜି ନିଲାମ ହେଉଥିବା ଜାଣି ବରଡ଼ାପାଳ ଗ୍ରାମର ଶତାଧିକ ଲୋକ ବାଉଁଶପୋଖରୀ ପଞ୍ଚାୟତ ସମ୍ମୁଖରେ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ମେଳି ଦେଖି ଅନ୍ୟ କୌଣସି ନିଲାମଧାରୀ ପଞ୍ଚାୟତକୁ ଆସି ନ ଥିଲେ। ଶେଷରେ ବାଧହୋଇ ପୁନର୍ବାର ବାରଡ଼ାପାଳ ଗ୍ରାମବାସୀଙ୍କୁ ସେହି ପୋଖରୀ ନିଲାମ କରାଗଲା ଦର୍ଶାଇ ନିଲାମ ରସିଦ କଟାଯାଇଥିଲା।

ଗତ ସେପ୍ଟେମ୍ବର ୫ରେ ବାଉଁଶପୋଖରୀ ପଞ୍ଚାୟତ ବରଡ଼ାପାଳ ଗ୍ରାମର ବଡ଼ବନ୍ଧ ଏମଆଇପିକୁ ବରଡ଼ାପାଳ ଗ୍ରାମବାସୀ ୫୭ ହଜାର ୮୯୦ ଟଙ୍କାରେ ନିଲାମ ନେଇଥିଲେ। ଉକ୍ତ ନିଲାମ ପ୍ରକ୍ରିୟା ହିନ୍ଦୋଳ ବ୍ଲକ ପକ୍ଷରୁ ଗ୍ରାମପଞ୍ଚାୟତ ଅଧିକାରୀଙ୍କ ଉପସ୍ଥିତରେ ହୋଇଥିଲା। ସେହିଦିନଠାରୁ ଗ୍ରାମବାସୀ ଉକ୍ତ ପୋଖରୀର ରକ୍ଷଣାବେକ୍ଷଣ କରିବା ସହ ପୋଖରୀରେ ପ୍ରାୟ୨ଲକ୍ଷ ଟଙ୍କାର ମାଛ ଜାଆଁଳ ଛାଡ଼ିଛନ୍ତି। ତେବେ ଉକ୍ତ ପୋଖରୀ ନଭେମ୍ବର ୧୩ ତାରିଖ (ଆଜି) ନିଲାମ ହେବା ନେଇ ଗତ ୪ ତାରିଖ ଗ୍ରାମରେ ନୋଟିସ ମରାଯିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମର ଶତାଧିକ ଲୋକ ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟକୁ ଆସି ଏନେଇ ବିଡିଓଙ୍କୁ ଅଭିଯୋଗ କରିଥିଲେ। ନିଲାମରେ କିଛି ତ୍ରୁଟି ଥିବା ଦର୍ଶାଇ ୨ ମାସ ପରେ ପୁନର୍ବାର ନିଲାମ ନୋଟିସ କରାଯାଇଥିବା ବିଡିଓ କହିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅଧିକ ଉତ୍ତେଜନା ପ୍ରକାଶ ପାଇଥିଲା। ସେହିଦିନଠାରୁ ପୋଖରୀ ନିଲାମକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଥିବା ବେଳେ ବୁଧବାର ନିଲାମ ପରେ ଗ୍ରାମରେ ଶାନ୍ତି ଫେରିଥିବା ଦେଖିବାକୁ ମିଳିଛି। ୨ ମାସ ପୂର୍ବରୁ ହୋଇଥିବା ପୋଖରୀ ନିଲାମକୁ ବ୍ଲକର କେଉଁ ଅଧିକାରୀଙ୍କ ଦୋଷ ଦୁର୍ବଳତା ଲୁଚାଇବାକୁ ପୁନର୍ବାର ନିଲାମ କରାଗଲା ତାହାର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

କୋଇଲା ଖଣିରେ ବୁଲିଲା ଭୁଜାଲି, ଠେଙ୍ଗାବାଡ଼ି; ଭାଙ୍ଗିଲା ଗାଡ଼ିକାଚ

# ବିଜେପି ନେତ୍ରୀଙ୍କ ପୁଅର ଆତଙ୍କରାଜ

ଅନୁଗୋଳ/ତାଳଚେରସଦର, ୧୩।୧୧(ସମିସ)





ତାଳଚେର ଶିଳ୍ପାଞ୍ଚଳରେ ଆଗରୁ ଯାହା ଦେଖିବାକୁ ମିଳି ନ ଥିଲା ଏବେ ନୂଆ ସରକାର ଆସିଲା ପରେ ଗୋଟିଏ ପରେ ଗୋଟିଏ ଘଟଣା ଘଟିଚାଲିଛି। ଏହା ପୁଣି ବିଜେପିର ତଥାକଥିତ ନେତାମାନେ ଭିଆଉଛନ୍ତି। ଫଳରେ ଶାନ୍ତ ଥିବା ତାଳଚେର ଲିଙ୍ଗରାଜ କୋଇଲା ଖଣିରେ ଏବେ ଆଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। ସାଇଲୋରେ ନିଯୁକ୍ତି ଓ ବୋନସ ପ୍ରଦାନର ଶ୍ରେୟ ନେବାକୁ ବିଜେପି ନେତାମାନେ ଏପରି ଗ୍ରୁପ ବନାଇ ସଂଘବଦ୍ଧ ଭାବେ ଆକ୍ରମଣ କରି ଭୟଭୀତ କରିବା ଲକ୍ଷ୍ୟରେ ଏହି ହୀନ କାର୍ଯ୍ୟ କରିଥିବା କୁହାଯାଇଛି। ବୁଧବାର ବିଜେପି ନେତ୍ରୀ ତଥା କଣ୍ଢାଳ ସମିତି ସଭ୍ୟାଙ୍କ ପୁଅ ତାପସ ସାହୁଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ତାଳଚେର ଲିଙ୍ଗରାଜ କୋଇଲା ଖଣିରେ ପଶି କେହି କିଛି ବୁଝିବା ପୂର୍ବରୁ ହଠାତ୍ ସେଠାରେ ନିୟୋଜିତ କୋଇଲା ଟ୍ରକ ଏବଂ ବୋଲେରୋ କାଚ ସମେତ ଓ ଖଣି କାର୍ଯ୍ୟାଳୟର ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଭୁଜାଲି ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ। ଏହି ଘଟଣାରେ ୧୫ରୁ ଉର୍ଦ୍ଧ୍ୱ କୋଇଲା ଟ୍ରକର କାଚ ଭାଙ୍ଗିବା ସହ କାର୍ଯ୍ୟାଳୟର ସମସ୍ତ ଆସବାବପତ୍ର ନଷ୍ଟ ହୋଇଛି। ତେବେ କେଉଁ କାରଣରୁ ସେମାନେ ଏପରି କଲେ ତାହା ଜଣାପଡ଼ିନାହିଁ। ଏ ନେଇ ଖଣି ଅଧିକାରୀମାନେ ମୁହଁ ଖୋଲୁନାହାନ୍ତି। ଅନ୍ୟପଟେ ଦୁର୍ବୃତ୍ତମାନେ ଓଆଇଏସ୍ଏଫ୍‌ର ଜଣେ ସୁରକ୍ଷାକର୍ମୀଙ୍କୁ ମଧ୍ୟ ମାଡ଼ ମାରିଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ଉତ୍ତେଜନାତ୍ମକ ପରିସ୍ଥିତିକୁ ଦୃଷ୍ଟିରେ ରଖି ତାଳଚେର ଥାନା ପୁଲିସ ପକ୍ଷରୁ ଗୋଟିଏ ପ୍ଲାଟୁନ ଫୋର୍ସ ସହ ଓଆଇଏସ୍ଏଫ୍ ମୁତୟନ କରାଯାଇଛି। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତାପସଙ୍କ ସମେତ ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ଅନାସ୍ଥା: ପଦ ହରାଇଲେ କୁଶକିଳା ସରପଞ୍ଚ



**ଛେଣ୍ଡିପଦା, ୧୩।୧୧(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ କୁଶକିଳା ସରପଞ୍ଚ ସୁଶାନ୍ତ ସାହୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିବା ବେଳେ ବୁଧବାର ଏ ନେଇ ଭୋଟ ଗ୍ରହଣ କରାଯାଇଥିଲା। ସରପଞ୍ଚ ସୁହୁ ଏଥିରେ ପରାଜିତ ହୋଇ ପଦ ହରାଇଛନ୍ତି। ଏହି ପଞ୍ଚାୟତରେ ୧୩ ୱାର୍ଡ ଥିବା ବେଳେ ସମସ୍ତ ୧୩ ୱାର୍ଡ ସଭ୍ୟସଭ୍ୟା ସରପଞ୍ଚଙ୍କ ବିରୋଧରେ ଭୋଟ ଦେଇଥିଲେ। ସରପଞ୍ଚ ସାହୁଙ୍କ ନିଜର ଏକମାତ୍ର ଭୋଟ ତାଙ୍କ ସପକ୍ଷରେ ପଡ଼ିଥିଲା। ସରପଞ୍ଚଙ୍କ କାର୍ଯ୍ୟକଳାପକୁ ବିରୋଧ କରି ପଞ୍ଚାୟତର ୧୩ ୱାର୍ଡ ସଭ୍ୟସଭ୍ୟା ଅନୁଗୋଳ ଉପଜିଲାପାଳଙ୍କ ନିକଟରେ ଫେରାଦ ହୋଇ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ୱାର୍ଡ ସଭ୍ୟଙ୍କ ଅଭିଯୋଗ ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନାସ୍ଥା ଭୋଟ ପାଇଁ ବୁଧବାର ଦିନ ସ୍ଥିର କରାଯାଇଥିଲା। ପଞ୍ଚାୟତ ନିୟମ ଅନୁଯାୟୀ କୁଶକିଳା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଛେଣ୍ଡିପଦା ତହସିଲଦାର ମାନସ ରାଏଙ୍କ ତ୍ତ୍ୱାବଧାନରେ ଅନାସ୍ଥା ଭୋଟ କେନ୍ଦ୍ର କରାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ନାଏବ ସରପଞ୍ଚ ରିଲି ବିଶ୍ୱାଳଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟ ସିପୁନ ବିଶ୍ୱାଳ, ସରସ୍ୱତୀ ପଲେଇ, ଅରକ୍ଷିତ ବିଶ୍ୱାଳ, କବିତା ସାହୁ, ବିନୋଦିନୀ ସାହୁ, ରଞ୍ଜିତ ସ୍ୱାଇଁ, ଦୁର ନାଏକ, ମିତା ସାହୁ, ଭଗବାନ ସାହୁ, ନମିତା ବେହେରା, ସୁରେଶ ବେହେରା, ବାସନ୍ତୀ ସାହୁ ପ୍ରମୁଖ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସମୟରେ ଉପସ୍ଥିତ ରହି ଭୋଟ ଦେଇଥିଲେ। ଏହି ଅନାସ୍ଥା ଭୋଟରେ ନିର୍ବାଚନ ଅଧିକାରୀ ଭାବେ ଛେଣ୍ଡିପଦା ତହସିଲଦାର ମାନସ ରାୟ ଦାୟିତ୍ୱ ନିର୍ବାହ କରିଥିଲେ। ବ୍ଲକ କର୍ମଚାରୀ ଓ ସହଯୋଗ କରିଥିଲେ। ଜରପଡ଼ା ଥାନା ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ଶାନ୍ତିଶୃଙ୍ଖଳାର ସହ ଭୋଟ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଅନାସ୍ଥା ଭୋଟ ପ୍ରକ୍ରିୟା ସରିବା ପରେ ଭୋଟ ସମ୍ପର୍କିତ ସମସ୍ତ ବିବରଣୀକୁ ତହସିଲଦାର ଉପଜିଲ୍ଲାପାଳଙ୍କ ନିକଟକୁ ପଠାଇ ଦେଇଛନ୍ତି।

■ ଖଳିବନ୍ଧ ବିଦ୍ୟାଳୟରେ ଅବ୍ୟବସ୍ଥା

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ ଏବଂ କମିଟି ସଦସ୍ୟ

ଢେଙ୍କାନାଳ, ୧୩।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ତରଭା ପଞ୍ଚାୟତ ଖଳିବନ୍ଧ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ କାଠ ସଂଗ୍ରହ କରିବାକୁ ବାଧ କରୁଥିବା ବେଳେ ମଧ୍ୟାହ୍ନ ଭୋଜନରେ କଖାରୁ ଝୋଳ ପ୍ରଦାନ କରୁଥିବା ବୁଧବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ୨ଟି ଶ୍ରେଣୀଗୃହ ଥିବାବେଳେ ୨ ଶିକ୍ଷକ ରହିଛନ୍ତି। ଶିକ୍ଷକମାନେ ଦିନ ୧୦ଟା ପରେ ବିଦ୍ୟାଳୟକୁ ଆସୁଥିବା ବେଳେ ପାଳି ଅନୁସାରେ ୨ଦିନ ଲେଖାଏଁ ଛୁଟିରେ ରହୁଛନ୍ତି। ପାଠ ପଢ଼ାଇବା ପରିବର୍ତ୍ତେ ମୋବାଇଲ ଫୋନରେ ଗପିବା ସହ ଛାତ୍ରଛାତ୍ରୀଙ୍କୁ ଭୟଭୀତ କରି କାଠ ସଂଗ୍ରହ, ଲଟାବୁଦା ସଫେଇ, ଘର ସଫେଇ ଆଦି କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ସର୍ବଦା ବିଳମ୍ବରେ ବିଦ୍ୟଳୟକୁ ଆସିବା ସହ ଗୋଟିଏ ଶ୍ରେଣୀ ଗୃହରେ

- ଛାତ୍ରଛାତ୍ରୀଙ୍କୁ କାଠ ସଂଗ୍ରହରେ ନିୟୋଜନ
- ମଧ୍ୟାହ୍ନଭୋଜନରେ ମିଳୁଛି କଖାରୁ ଝୋଳ

୪ଟି କ୍ଲାସ ଏବଂ ଅନ୍ୟ ପିଲାଙ୍କୁ ବାରଣ୍ଡାରେ ବସାଉଥିବା ଅଭିଯୋଗ ହୋଇଛି। ସେହିପରି ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନରେ ଆଳୁ ଦେବା ପରିବର୍ତ୍ତେ କଖାରୁ ପକାଇ ଦେଉଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟ ଛୁଟିକରି ଚାଲିଯାଉଛନ୍ତି। ଏ ନେଇ ବିଦ୍ୟାଳୟ କମିଟି ସଭାପତି ବିପିନ ବିହାରୀ ବିଶ୍ୱାଳ କହିଛନ୍ତି ଯେ ଶିକ୍ଷକମାନେ ପାଳିକରି ଛୁଟିରେ ରହୁଥିବା ବେଳେ ମଧ୍ୟାହ୍ନଭୋଜନରେ କଖାରୁ ଦେଉଛନ୍ତି। ରୁନୁବାଳା ବିଶ୍ୱାଳଙ୍କ କହିବା ଅନୁସାରେ ପିଲାମାନଙ୍କୁ ଭୟଭୀତ କରି କାଠ ବୁହାଇବା, ଘର ସଫା କରାଇବା ଭଳି କାର୍ଯ୍ୟ କରାଉଛନ୍ତି। ଅଭିଯୋଗ କଲେ ପିଲାମାନଙ୍କୁ ଭୟଭୀତ କରାଉଛନ୍ତି। ଏହାର ପ୍ରତିବାଦରେ ଅଭିଭାବକମାନେ ଗତ ସୋମବାରଠାରୁ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡୁ ନ ଥିବା ବେଳେ ତୁରନ୍ତ ସମସ୍ୟା ସମାଧାନ କରିବାକୁ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି।

## ବୁଦୁଲିମୁଣ୍ଡାରେ କୈଳାସୀ ଯାତ୍ରା

**କିଶୋରନଗର, ୧୩।୧୧(ସମିସ):** କିଶୋରନଗର ବ୍ଲକ ଠେଲକନାଳୀ ପଞ୍ଚାୟତ ବୁଦୁଲିମୁଣ୍ଡା ଗ୍ରାମରେ ମା'ଙ୍କ କୈଳାସୀ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଯଥାରୀତି ଠାକୁରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମୟୂରୀ ମହୋତ୍ସବ ଉଦ୍‌ଯାପିତ



ବଅଁରପାଳ, ୧୩।୧୧(ସମିସ): ବଅଁରପାଳ ବ୍ଲକ ମହିଧରପୁର ଗାଁରେ ତିନିଦିନ ଧରି ଚାଲିଥିବା 'ମୟୂରୀ' ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଛି। ଏଥି ସହ ଗତ ୧୧ ତାରିଖରୁ ୧୩ ମଣ୍ଡପରେ କାର୍ତ୍ତିକେଶ୍ୱର ପୂଜା ଚାଲିଛି। ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଏହି ଅବସରରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାବେଳେ ମେଳା ଦେଖିବା ପାଇଁ ଦୂରଦୂରାନ୍ତରୁ ଲୋକେ ଛୁଟି ଆସୁଛନ୍ତି।

ତିନିଦିନ ଧରି ଚାଲିଥିବା ସାଂସ୍କୃତିକ ମହୋତ୍ସବ ମୟୂରୀର ଉଦଯାପନୀ ସନ୍ଧ୍ୟାରେ ଡା. ଅବିନାଶ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକକଳା ଓ ସଂସ୍କୃତିକୁ ମୟୂରୀ ବଞ୍ଚାଇ ରଖିଛି ବୋଲି ପ୍ରକାଶ କରିଥିଲେ। ଏୟୁସିସି ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ଧରଣୀଧର ନାଥ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଡ. ନାଥଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଅନୁଗୋଳର ଧର୍ମଧାରା' ଏହି ଅବସରରେ ଉନ୍ମୋଚନ ହୋଇଥିଲା। ଏଥିରେ ଅନୁଗୋଳ ମାଟିରେ ହେଉଥିବା ପର୍ବପର୍ବାଣି ଓ ଏଠାକାର ମୂଳ ପର୍ବପର୍ବାଣି ତଥା ପରମ୍ପରା ବିଷୟରେ ବର୍ଣ୍ଣିତ ହୋଇଛି। ଆୟୋଜକ କମିଟି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ବିଶ୍ୱନାଥ ପ୍ରଧାନ, ମାନସ କୁମାର ସାହୁ, ସନ୍ତୋଷ କୁମାର ସାହୁ ଯୋଗଦେଇଥିଲେ। ଆୟୋଜକ କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ସଫଳତାର ସହ ମହୋତ୍ସବ ସମ୍ପନ୍ନ ହୋଇଛି। ଅନ୍ୟପକ୍ଷରେ କାର୍ତ୍ତିକେଶ୍ୱର ପୂଜା ଜାରି ରହିଥିବାବେଳେ ନୂଆସାହି ପୂଜା କମିଟି ପକ୍ଷରୁ ଏ ବର୍ଷ ସାଜସଜ୍ଜାରେ ବହୁ ନୂତନତା ପ୍ରଦର୍ଶନ କରାଯାଇଛି। ଗ୍ରାମାଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ, ସରଳ ଜୀବନଶୈଳୀ, ପାରସ୍ପରିକ ସହଯୋଗ ଓ ଭାଇଚାରା ଏଥିରେ ଫୁଟିଉଠିଛି। ମେଳାରେ ବହୁ ଉଠା ଦୋକାନୀ ପସରା ଖୋଲିଛନ୍ତି। ଖାଦ୍ୟମେଳା ଓ ମୀନାବଜାରରେ ଲୋକେ ଭିଡ଼ ଜମାଉଛନ୍ତି। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ପୂଜା ଚାଲିବ। ୧୭ ତାରିଖ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଉଛି।

## ରାସ୍ତାରେ ଠିଆ ହୋଇଥିବା ବାଇକକୁ ଧକ୍କାଦେଲା ବାଇକ; ଜଣେ ଗୁରୁତର

ଛେଣ୍ଡିପଦା, ୧୩।୧୧(ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଗଡ଼ମଣ୍ଡଳ ଛକରେ ବୁଧବାର ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ବାଇକକୁ ଅନ୍ୟ ଏକ ବାଇକ ଧକ୍କାଦେବା ଫଳରେ ଜଣେ ନାବାଳକ ଗୁରତର ଆହତ ହୋଇଛନ୍ତି। ଆହତ ନାବାଳକ ହେଲେ ପାତ୍ରପଡ଼ା ଗ୍ରାମର କାହ୍ନା ବେହେରା। କାହ୍ନା ଏକ ବାଇକରେ ପେଟ୍ରୋଲ ପକାଇବା ପାଇଁ ଗଡ଼ମଣ୍ଡଳ ଛକ ରାସ୍ତା ପାର୍ଶ୍ୱରେ ଏକ ଦୋକନ ସମ୍ମୁଖରେ ଠିଆ ହୋଇଥିଲେ। ଏହି ସମୟରେ କର୍ଣ୍ଣପାଳ ଗ୍ରାମର ପାର୍ଥ ମାଝୀ ଏକ ବାଇକରେ ବାଗଡ଼ିଆରୁ ଘରକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ବାଇକକୁ ଧକ୍କା ଦେଇଥିଲେ। ଫଳରେ ବାଇକ ପାଖରେ ଠିଆ ହୋଇଥିବା କାହ୍ନା ଛିଟିକିପଡ଼ି ଗୁରୁତର ଆହତ ହୋଇଥିଲେ। ପୁଲିସ କାହ୍ନାଙ୍କୁ ଉଦ୍ଧାର କରି ବାଗଡ଼ିଆ ମେଡିକାଲରେ ଭର୍ତ୍ତି କରିଛି। ଏଥିସହ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ ଜବତ କରି ତଦନ୍ତ କରୁଛି।

● ଟ୍ରକ୍ ଧକ୍କାରେ ବାଇକ ଆରୋହୀ ମୃତ

## କ୍ଷତିପୂରଣ ଦାବିରେ ରାସ୍ତାରୋକ

ଢେଙ୍କାନାଳ/ପରଜଙ୍ଗ, ୧୩।୧୧(ସମିସ): ୫୩ ନମ୍ବର ଜାତୀୟ ରାଜପଥର ପରଜଙ୍ଗ ଥାନା ପିତିରି ଛକ ନିକଟରେ ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପରଜଙ୍ଗ ଥାନା ଖାଲପାଳ ଗାଁର ଭୋଳେଶ୍ୱର ନାଏକ (୪୦)। ଭୋଳେଶ୍ୱର ନିଜ ବାଇକ ଯୋଗେ ଘରୁ ପିତିରି ଛକ ଆଡ଼କୁ ଯାଉଥିବା ବେଳେ ଏକ ଲୁହା ବୋଝେଇ ଟ୍ରକ ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଭୋଳେଶ୍ୱର ରାଜପଥର ଅର୍ଦ୍ଧନିର୍ମିତ ନର୍ଦ୍ଦମା ଭିତରକୁ ଖସିପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଥିଲେ। ଫଳରେ ପ୍ରାୟ ୬ ଘଣ୍ଟା ଧରି ରାଜପଥରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ପରଜଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କ୍ଷତିପୂରଣ ଯୋଗାଇ ଦେବାକୁ ସେମାନେ ଅଡ଼ି ବସିଥିଲେ। ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକାସଂସ୍ଥାର ମନମୁଖି କାର୍ଯ୍ୟ ଯୋଗୁଁ ଦୈନନ୍ଦିନ ଏଭଳି ଦୁର୍ଘଟଣା ଘଟୁଛି। ଠିକାସଂସ୍ଥା ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଥିଲେ। ଠିକାସଂସ୍ଥା କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ମୃତକଙ୍କ ପରିବାରକୁ ୧.୮୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇବା ସହ ତଦନ୍ତ ଚଳାଇଛି।

■ ପେନସନ ଅଦାଲତ

## ୨୪୫ ଅଭିଯୋଗର ଖୁବଶୀଘ୍ର ସମାଧାନ

ଢେଙ୍କାନାଳ, ୧୩।୧୧(ସମିସ): ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ କକ୍ଷରେ ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ ବିଭାଗ ପକ୍ଷରୁ ପେନସନ ଅଦାଲତ ଏବଂ ଅଭିଯୋଗ ସମାଧାନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ ବିଭାଗର ଓଏସଡି ସ୍ୱତନ୍ତ୍ର ସଚିବ ସତ୍ୟରଞ୍ଜନ ସାହୁ, ସ୍କୁଲ ଓ ଗଣଶିକ୍ଷା ବିଭାଗର ଏଫଏ ସ୍ୱତନ୍ତ୍ର ସଚିବ ରତିକାନ୍ତ ମହାପାତ୍ର, ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଅତିରିକ୍ତ ସଚିବ ବବିତାରାଣୀ ଦଳବେହେରା ଯୋଗଦେଇଥିଲେ। ଅବସର ଗ୍ରହଣ ପରେ ପରିବାର ଭରଣପୋଷଣ ପାଇଁ ପେନସନ ନିତାନ୍ତ ଆବଶ୍ୟକ ଥିବାରୁ ଅଧିକାରୀମାନେ ପେନସନ ପ୍ରଦାନକୁ ନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବରୁ ବିଭିନ୍ନ କାରଣରୁ ସ୍ଥଗିତ ଥିବା ସମସ୍ତ ପେନସନ ସମ୍ପର୍କିତ ଅଭିଯୋଗକୁ ଯଥାଶୀଘ୍ର ସମାଧାନ କରି ପେନସନ ପ୍ରଦାନ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ କାରଣ ଯୋଗୁଁ ପେନସନ ପାଇ ନ ଥିବା ୨୪୫ ଅଭିଯୋଗର ଆଲୋଚନା କରି ଖୁବଶୀଘ୍ର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୧୦ ଦିନ ମଧ୍ୟରେ ପେନସନ ପ୍ରଦାନ କରିବାକୁ କହିଥିଲେ। ସେହିଭଳି ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ ବିଭାଗର ସ୍ୱତ ସଚିବ ଜନଶୁଣାଣି ପୋର୍ଟାଲ, ସିପିଡିଆରଏଏମଏସ ଓ ମୁଖ୍ୟମନ୍ତ୍ରୀ ଅଭିଯୋଗ ସେଲ ଅଧୀନରେ ଥିବା ଅଭିଯୋଗଗୁଡ଼ିକର ଶୁଣାଣି କରିବାକୁ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଅଭିଯୋଗ ସେଲ ଅଧୀନରେ ଥିବା ୨୫ ଅଭିଯୋଗକୁ ଗୁରୁତ୍ୱ ଦେଇ ତ୍ୱରିତ ସମାଧାନ କରିବାକୁ କହିଥିଲେ। ଅନ୍ୟ ସମସ୍ତ ଅଭିଯୋଗକୁ ୭ ଦିନ ମଧ୍ୟରେ ସମାଧାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଲଳିତ ମୋହନ ବେହେରା, ଡେପୁଟି କଣ୍ଟ୍ରୋଲର ଆକାଉଣ୍ଟ ଜ୍ୟୋତିରେଖା ଦାସ, ଡେପୁଟି କଲେକ୍ଟର ବିନୀତ ଦାଶ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ କାରଣରୁ ପେନସନ ପାଉ ନ ଥିବ ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଯୋଗର ଶୁଣାଣି କରିଥିଲେ।

# କପିଳାସରେ ବିଭିନ୍ନ ସମସ୍ୟା ନେଇ ଅସନ୍ତୋଷ

ଢେଙ୍କାନାଳ, ୧୩।୧୧(ସମିସ)



ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସରେ ବ୍ୟାପକ ଅବ୍ୟବସ୍ଥା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଦ୍ୱାଦଶ ଶତାବ୍ଦୀର ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉ ମହାଦେବଙ୍କ ପୀଠ ରାଜ୍ୟର ଏକ ପ୍ରମୁଖ ଧାର୍ମିକ ତଥା ପର୍ଯ୍ୟଟନସ୍ଥଳୀ ହୋଇଥିବା ବେଳେ ବର୍ତ୍ତମାନ ଏହି ପୀଠ ନାନା ସମସ୍ୟାରେ ଗତି କରୁଛି। କପିଳାସ ପୀଠର କୋଟି କୋଟି ଟଙ୍କାର ସମ୍ପତ୍ତି ଥିବାବେଳେ ଦେବୋତ୍ତର ବିଭାଗ, ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧିମାନଙ୍କ ଅବହେଳା ଯୋଗୁଁ ପୀଠ ଆଜି ଅବହେଳିତ ହୋଇପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ସମଗ୍ର ଦେଶ ଏବଂ ରାଜ୍ୟରେ ସ୍ୱଚ୍ଛତା ଅଭିଯାନ ଚାଲିଥିବା ବେଳେ କପିଳାସ ପୀଠ ପରିସରକୁ ଦେଖିଲେ ଆମେ ସ୍ୱଚ୍ଛତା ବଜାୟ ରଖିବାରେ କେତେ ସଫଳ ତାହା ସ୍ପଷ୍ଟ ଅନୁମେୟ। କାର୍ତ୍ତିକ ମାସ ଓ ପଞ୍ଚୁକ ଉପଲକ୍ଷେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିବା ବେଳେ ପୀଠ ପରିସରରେ କୁଢ଼ କୁଢ଼ ଆବର୍ଜନା ଗଦାହୋଇ ପରିବେଶକୁ ଦୂଷିତ କରିବା ସହ ପ୍ରାକୃତିକ ଝରଣା ମଧ୍ୟ ପ୍ରଦୂଷିତ ହେଉଛି। ମନ୍ଦିର ପରିସର ଝାଡୁ କରାଯାଉ ନ ଥିବା ବେଳେ ଆବର୍ଜନା ଯୋଗୁଁ ଦୁର୍ଗନ୍ଧରେ ନାକ ଫାଟୁଛି।

ପାହାଚ ରାସ୍ତା ଅପରିଷ୍କାର ହୋଇପଡ଼ିଛି। ଶିଉଳି ହୋଇଥିବାରୁ ପାହାଚ ରାସ୍ତାରେ ଶ୍ରଦ୍ଧାଳୁମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ପୀଠ ପରିସରରେ ଦୀର୍ଘଦିନ ହେଲା ଗଛ ଉପୁଡ଼ି ପଡ଼ିଥିବା ବେଳେ ଏହାକୁ ଉଠାଯାଉ ନାହିଁ। ବାରବାଙ୍କ ଘାଟି ରାସ୍ତାର ଆଲୋକୀକରଣ କରାଯାଇଥିଲେ ମଧ୍ୟ କୌଣସି ଗୋଟିଏ ବିଦ୍ୟୁତ୍ ଖୁଣ୍ଟରେ ଆଲୋକ ଜଳୁନାହିଁ। ପୀଠରେ ଏକ ଅନୁଷ୍ଠାନ ପକ୍ଷରୁ ବଡ଼ ଜେନେରେଟର ବସାଯାଇଥିଲେ ମଧ୍ୟ ତେଲ ଅଭାବରୁ ତାହା ଚାଲୁନାହିଁ। ସିସିଟିଭି କ୍ୟାମେରା ମଧ୍ୟ କାମକରୁନାହିଁ। ଶ୍ରଦ୍ଧାଳୁମାନେ ପୀଠ ସମ୍ପର୍କରେ ଜାଣିବା ପାଇଁ ଉପରେ ଲାଗିଥିବା ଏଲ୍ଇଡି ଟିଭି ବନ୍ଦ ହୋଇପଡ଼ିଛି। ଦାୟିତ୍ୱରେ ଥିବା ଜିମାଦାର ନିୟମିତ ରହୁନାହାନ୍ତି। ପୀଠ ସମ୍ପର୍କରେ ମାସକୁ ମାସ କୌଣସି ସମୀକ୍ଷା ହେଉନାହିଁ। ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମୁଖ୍ୟ ମନ୍ଦିର ଗର୍ଭଗୃହ ଉନ୍ନତୀକରଣ କାର୍ଯ୍ୟ ହୋଇଥିଲେ ମଧ୍ୟ ଅଳ୍ପଦିନରେ ମନ୍ଦିର ଭିତରେ ପାଣି ଗଳିଲାଣି। ମରାମତି ଅଭାବରୁ ମା' ପାର୍ବତୀଙ୍କ ମନ୍ଦିର ବିପଦସଙ୍କୁଳ ହୋଇପଡ଼ିଛି। ବାରମ୍ବାର ଦାବି ସତ୍ତ୍ୱେ କପିଳାସ ପୀଠ ପାଇଁ ଜଣେ ସ୍ୱତନ୍ତ୍ର ଦେବୋତ୍ତର ଅଧିକାରୀ ବା ସହକାରୀ ଦେବୋତ୍ତର ଅଧିକାରୀ ନିଯୁକ୍ତି କରାଯାଇନାହିଁ। ଚଳିତ ବର୍ଷ ନିଲାମ ଦିଆଯାଇ ନ ଥିବା ସତ୍ତ୍ୱେ ବେଆଇନ୍ ଭାବେ ପୀଠ ତଳେ ଓ ମନ୍ଦିର ନିକଟରେ ଭକ୍ତଙ୍କଠାରୁ ଜୁଲମ୍ କରି ପାର୍କିଂ ଫି' ଆଦାୟ କରାଯାଉଛି। ପ୍ରତିବାଦ ଓ ଅଭିଯୋଗ କଲେ ମଧ୍ୟ ଦେବୋତ୍ତର ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ପୀଠରେ ବହୁଳ ସମସ୍ୟାକୁ ନେଇ ଢେଙ୍କାନାଳ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମନ୍ଦିର ପରିସରକୁ ଏକ ସୁନ୍ଦର ପରିବେଶରେ ପରିଣତ କରିବା ସହ ପ୍ରାଚୀନ ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା କରିବା ନିମନ୍ତେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଦାବି କରାଯାଇଛି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଯଦି ଏ ସମ୍ପର୍କରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଜିଲ୍ଲା ସାମ୍ବାଦିକ ସଂଘ ଆହ୍ୱାନରେ ଢେଙ୍କାନାଳ ଜିଲ୍ଲାର ସ୍ୱାଭିମାନର ପ୍ରତୀକ ତଥା ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ କପିଳାସ ପୀଠର ସୁରକ୍ଷା ଦାବିରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଧାରଣାରେ ଜିଲ୍ଲା ଓକିଲ ସଂଘ, ଜିଲ୍ଲା ବଣିକ ସଂଘ ଓ ଢେଙ୍କାନାଳର ସମସ୍ତ ନାଗରିକଙ୍କୁ ସାମିଲ ହେବା ପାଇଁ ନିବେଦନ କରାଯିବ ବୋଲି କୁହାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ, ସମ୍ପାଦକ ସତ୍ୟସ୍ୱରୂପ ଦାସ, ରତନ ନାୟାର, ଗଙ୍ଗାଧର ରାଉତ, ଅରବିନ୍ଦ ସାହୁ, ରାଜଶ୍ରୀ ଶତପଥୀ, ଦୀପକ ନାୟକ, ଲକ୍ଷ୍ମୀକାନ୍ତ ସାହୁ, ଅଥୟ ସାହୁ, ବିନୋଦ ମହାନ୍ତି, ବିକାଶ ପଣ୍ଡା, ଦେବାଶିଷ ମିଶ୍ର, ନାରାୟଣ ପଟ୍ଟନାୟକ, ଶିଶିର ଶତପଥୀ, ଆଶିଷ ଶତପଥୀ, ଆଶୁତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ

**କଣିହାଁ, ୧୩।୧୧(ସମିସ):** କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା ସୋମବାରଠାରୁ ଆରମ୍ଭ ହୋଇଛି। ବିରୁ ଗ୍ରାମରେ ପ୍ରଥମଥର ପୂଜା ହେଉଛି।



କମିଟି ସଭାପତି ମୋହନ ବେହେରା ଓ ସମ୍ପାଦକ ଟିକନ ବେହେରାଙ୍କ ନେତୃତ୍ୱରେ ସୋମବାର କଳସଯାତ୍ରା ହୋଇ ହୋମଯଜ୍ଞ ଓ ମନ୍ତ୍ରପାଠ ସହ ପୂଜାକାର୍ଯ୍ୟ ଆରମ୍ଭ ହୋଇଛି। ପୂଜାମଣ୍ଡପକୁ ସୁନ୍ଦର ଭାବେ ସାଜସଜ୍ଜା କରାଯାଇଛି। ରଙ୍ଗୀନ ଆଲୋକମାଳାରେ ପୂଜା ମଣ୍ଡପ ଝଲସୁଛି। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି କମିଟି ସଦସ୍ୟ ଜଣାଇଛନ୍ତି। ବୁରୁକୁନା ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ କମିଟି ତରଫରୁ ସୋମବାର ୨୬ତମ ମହୋତ୍ସବ ଆରମ୍ଭ ହୋଇଛି। ବ୍ଲକର କୁଲେଇ, ମହିଧରପୁର, ଶିପୁର ପଥରମୁଣ୍ଡା ଆଦି ଗ୍ରାମରେ ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେଉଛି।

ସାକ୍ଷାତକାର



# "ନିଜକୁ ବଡ଼ ପରଦାରେ ଦେଖିବାକୁ ଇଚ୍ଛା"

**ଆକାଶ ପୁରୋହିତ, ଅଭିନେତା**

କୌଣସି ଅଭିଜ୍ଞତା ନ ଥାଇ ସେ ମେଗା ଧାରାବାହିକ 'ସର୍ବଜିତା ଅନୁ'ରେ ଅଭିନୟ ଆରମ୍ଭ କରିଥିଲେ । 'ସାଇ' ଚରିତ୍ରରେ ସେ ଦର୍ଶକଙ୍କ ମନ ଜିଣି ପାରିଥିଲେ । ପରେ ପରେ ତାଙ୍କୁ 'ମୁଁ ବିଜୟିନୀ'ରେ ଅଭିନୟ କରିବାର ସୁଯୋଗ ମିଳିଲା । ଏବେ 'ତୁମ ବିନା' ଧାରାବାହିକରେ ସମସ୍ତଙ୍କୁ ଆପଣାର କରିଛନ୍ତି । ସେ ହେଉଛନ୍ତି ଭବାନୀପାଟଣାର ଆକାଶ ପୁରୋହିତ । ଏକାଧାରାରେ ସେ ଜଣେ ଅଭିନେତା, ମଡର୍ଣ୍ଣ ଡ୍ୟାନ୍ସର୍ ଓ ଚିତ୍ରକର । ପ୍ରକୃତିର ଶୋଭାରାଜିକୁ ନେଇ ଆଙ୍କି ଦିଅନ୍ତି ଚମତ୍କାର ଚିତ୍ର । ବହୁମୁଖୀ ପ୍ରତିଭାର ଅଧିକାରୀ ଆକାଶଙ୍କ ଅଭିନୟ ଯାତ୍ରା କେମିତି ଥିଲା ଜାଣିବା ତାଙ୍କ ମୁହଁରୁ...

**ଅଭିନୟ ପ୍ରତି କେବେଠୁ ଆକୃଷ୍ଟ ହେଲେ?**

- ପିଲାଟିବେଳୁ ମୁଁ ଚିତ୍ର ଅଙ୍କାଅଙ୍କି ସହ ନୃତ୍ୟକୁ ଗୁରୁତ୍ୱ ଦେଉଥିଲି । ହେଲେ ପାଠପଢ଼ା ପରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲି । ତା'ଭିତରେ ଇଚ୍ଛା ଥିଲା ମୁଁ ଅଭିନୟ କରିବି । ସେହି ସୁଯୋଗଟି ମୋତେ ଦେଇଥିଲେ 'ସୁନାଝିଅ' ଧାରାବାହିକର ମାନସ ଭାଇ । କାରଣ କୋଭିଡ୍ ସମୟରେ 'ସର୍ବଜିତା ଅନୁ' ପାଇଁ ହିରୋ ଖୋଜାଯାଉଥିବା ବିଷୟରେ ସେ ଜଣାଇଥିଲେ । ଏହା ପରେ ମୁଁ ମୋ ସ୍ୱପ୍ନ ପୂରା କରିବାକୁ ଆଗେଇ ଆସିଥିଲି । ଧାରାବାହିକ ନିର୍ମାତା ମଧ ମୋତେ ଲିଡ୍‌ରୋଲ୍ ଦେଇଥିଲେ ।

**ବିନା ତାଲିମରେ ମୁଖ୍ୟ ଚରିତ୍ରରେ କେମିତି ଅଭିନୟ କଲେ?**

- ମୁଁ ପଶ୍ଚିମ ଓଡ଼ିଶାର ଥିଲି, ତେଣୁ ଭାଷାଗତ ସମସ୍ୟା ହୋଇଥିଲା । ଏହା ମୋ ପାଇଁ ସବୁଠୁ ବଡ଼ ଆହ୍ୱାନ ଥିଲା । ହେଲେ ସେଟ୍‌ରେ ନିର୍ଦ୍ଦେଶକ ସାର୍, କେମିତି ଛିଡ଼ା ହେବି, ସଂଳାପ ମନେ ରଖିବି, ସବୁକିଛିରେ ସାହାଯ୍ୟ କରିଥିଲେ । ଯଦିଓ ଅଭିନୟ ବହୁତ କଷ୍ଟ ବୋଲି ଭାବୁଥିଲି, ହେଲେ କିଛିଦିନ ମଧ୍ୟରେ ମୋର ଏହି ଧାରଣା ଦୂର ହୋଇଯାଇଥିଲା । ଆରମ୍ଭରୁ ମୁଁ ବହୁ ବରିଷ୍ଠ କଳାକାରଙ୍କ ସହିତ କାମ କରୁଥିଲି । ସେମାନଙ୍କଠାରୁ ବହୁତ କିଛି ଶିଖିବାକୁ ପାଇଥିଲି ।

**ଦୁଇଟି ଧାରାବାହିକରେ ପୁଣ୍ୟଶ୍ୱେତା ଆପଣଙ୍କ ନାୟିକା, ଉଭୟଙ୍କ ବଣ୍ଡିଂ କେମିତି?**

- ପୁଣ୍ୟଶ୍ୱେତାଙ୍କ ସହ ଆରମ୍ଭରୁ କାମ କରିଛି । ଆମ ବଣ୍ଡିଂ ପୂରା ଟମ୍ ଆଣ୍ଡ ଜେରି ପରି । ବହୁତ ଝଗଡ଼ା ହୁଏ ଆମ ଭିତରେ । ଝଗଡ଼ା ଭିତରେ ବି ଭଲପାଇବା ରହିଛି । ଗୋଟିଏ ଘରର ଭାଇ-ଭଉଣୀଙ୍କ ପରି ଆମ ଭଲପାଇବା । ସିନ୍ ସମୟରେ ସେ ବହୁତ ସାହାଯ୍ୟ କରେ । ଗୋଟିଏ କଥା କହିବି 'ସର୍ବଜିତା ଅନୁ'ରେ 'ସାରା' ଆଉ 'ସାଇ'ଙ୍କ ଚରିତ୍ର ଦର୍ଶକଙ୍କୁ ଭଲ ଲାଗିଲା ବୋଲି ଆମେ ପୁଣି ଏକାଠି 'ତୁମବିନା'ରେ ନଜର ଆସିଛୁ ।

**ସୁଟିଂ ନଥିଲେ କ'ଣ କରନ୍ତି?**

- ଗିରିଶ ସାର୍‌ଙ୍କ ପାଖରୁ ଡ୍ୟାନ୍ସ ଶିଖେ । ହେଲେ ସୁଟିଂରେ ବ୍ୟସ୍ତତା ଯୋଗୁଁ ଆଉ ନିୟମିତ ଡ୍ୟାନ୍ସ ଶିଖିବାକୁ ଯାଇପାରୁନି । ତେଣୁ ଟିକେ ଫୁରସତ୍ ମିଳିଲେ, ମୁଁ ସାର୍‌ଙ୍କ ପାଖକୁ ଯାଏ । ନାଚେ । ଚିତ୍ର ଆଙ୍କିବାକୁ ଭଲ ଲାଗେ । ତେଣୁ ଫାଙ୍କା ମିଳିଲେ, ମୁଁ ପ୍ରକୃତିକୁ ନେଇ ବିଭିନ୍ନ ଚିତ୍ର କରେ ।

**କେଉଁ ଚରିତ୍ର ଅଧିକ ମନକୁ ଛୁଇଁଛି?**

- 'ସର୍ବଜିତା ଅନୁ'ରେ ସାରା ଓ ସାଇଙ୍କ ଭଲପାଇବା ସମସ୍ତେ ଦେଖିଥିଲେ । ହେଲେ 'ମୁଁ ବି ବିଜୟିନୀ'ରେ ମିଳିଥିବା ଚରିତ୍ରରେ ଭୁଲ୍ ଦେଖିଲେ ବି ମୁଁ ଚୁପ୍ ରହୁଥିଲି । ଦୀପିକା ଅପା ମୋ ମା' ଚରିତ୍ରରେ ନଜର ଆସିଥିଲେ । ଏଥିରେ ଏକ ରାଜନୈତିକ ପରିବାରର ମୁଁ ଥିଲି । ସମସ୍ତଙ୍କୁ ସମ୍ମାନ ଜଣାଇବା ପାଇଁ ମୁଁ ଚୁପ୍‌ଚାପ ରହୁଥିଲି । ହେଲେ ଏବେ 'ତୁମବିନା'ରେ ମିଳିଥିବା ଚରିତ୍ର ବହୁତ ଭଲ ଲାଗୁଛି । କାରଣ ଏଠି ମୁଁ ସତ ପାଇଁ ଲଢ଼େଇ କରୁଛି । ପରିବାର ଲୋକ ହେଲେ ବି ଠିକ୍ ଭୁଲ୍ କଥାରେ ମୁଁ କାହାକୁ ଛାଡୁନି । ବାସ୍ତବରେ ଆକାଶ ଚୁପ୍‌ଚାପ୍ ସ୍ୱଭାବର । ହେଲେ ଭୁଲ୍ ଦେଖିଲେ ପାଟି ଖୋଲେ ।

**ଅଭିନୟକୁ କିପରି ଜୀବନ୍ତ କରନ୍ତି?**

- ଯେକୌଣସି ଚରିତ୍ର ମିଳିଲେ ବି ମୁଁ ତାହାକୁ ଭଲ କରିବାକୁ ଚେଷ୍ଟା କରେ । ଭଲ ଅଭିନୟ ପାଇଁ କିଛି କରେନି । ବରଂ ଆରମ୍ଭରୁ ସିନିୟର କଳାକାରଙ୍କ ସହ କାମ ମିଳିଥିଲା । 'ସର୍ବଜିତା ଅନୁ'ର ଅନୁ ମ୍ୟାଡାମ୍ 'ମୁଁ ବି ବିଜୟିନୀ'ରେ ବୀରେନ୍ ମିଶ୍ର ସାର୍, 'ସୁନାଝିଅ'ରେ ବିଶ୍ୱ ଭାଇ ତଥା ଅନ୍ୟାନ୍ୟ ବରିଷ୍ଠ କଳାକାରଙ୍କ ସହ କାମ କରିବାରେ ବହୁତ କିଛି ଶିଖିପାରିଥିଲି ।

**ଆଗାମୀ ଯୋଜନା?**

- ବଡ଼ ପରଦାରେ ନିଜକୁ ଦେଖିବାକୁ ଆଶା ରଖିଛି ।



## ସିଦ୍ଧୁଙ୍କ ଏଣ୍ଟ୍ରି




କପିଲ ଶର୍ମାଙ୍କ କମେଡି ଶୋ' 'ଦ ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ଶୋ'ର ଦ୍ୱିତୀୟ ସିଜନକୁ ମଧ ଦର୍ଶକଙ୍କ ଭଲପାଇବା ମିଳିଛି । ଇତିମଧ୍ୟରେ 'ଦ ଗ୍ରେଟ୍ ଇଣ୍ଡିଆନ୍ କପିଲ ଶୋ' ସିଜନ୍-୨ର ପ୍ରମୋ ସାମ୍ନାକୁ ଆସିଛି । ଏଥିରେ କପିଲ ଶର୍ମା ଶୋ'ର ପୂର୍ବତନ ଜଜ୍ ନବଜୋତ ସିଂହ ସିଦ୍ଧୁଙ୍କୁ ଦେଖିବାକୁ ମିଳିଛି । ପ୍ରାୟ ପାଞ୍ଚ ବର୍ଷ ପରେ ସିଦ୍ଧୁଙ୍କର 'ଦ ଗ୍ରେଟ୍ ଇଣ୍ଡିଆନ୍ କପିଲ ଶୋ'କୁ ଏଣ୍ଟ୍ରି ହୋଇଛି । ଉକ୍ତ ଶୋ'ର ପ୍ରମୋରେ ସେ ଜଜ୍ ଚେୟାର୍‌ରେ ବସିଥିବା ଦେଖାଯାଇଛି । ପାଞ୍ଚ ବର୍ଷ ତଳେ ସିଦ୍ଧୁ ଏହି ଶୋ' ଛାଡ଼ି ଦେଇଥିଲେ । ଏହାପରେ ତାଙ୍କ ସ୍ଥାନ ଅର୍ଚ୍ଚନା ପୁରନ ସିଂହ ନେଲେ । ତେବେ ଏବେ ସିଦ୍ଧୁଙ୍କ ଆସିବା ପରେ ଅର୍ଚ୍ଚନା ନଜର ଆସି ନ ପାରନ୍ତି ବୋଲି ଚର୍ଚ୍ଚା ହେଉଛି । ବିଶେଷ କଥାଟି ହେଉଛି, ସିଦ୍ଧୁଙ୍କ ସହିତ କ୍ରିକେଟର ହରଭଜନ ସିଂହ ତାଙ୍କ ପତ୍ନୀ ଗୀତା ମଧ ଏଥିରେ ନଜର ଆସିବେ ।

## ଆସିବ 'ଲେଡି ସିଂଘମ୍'



ରୋହିତ ସେଟ୍ଟିଙ୍କ ନିର୍ଦ୍ଦେଶିତ ହିନ୍ଦୀ ସିନେମା 'ସିଂଘମ୍ ଏଗେନ୍' ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଛି । ୧୦ ଦିନରେ ଏହା ୨୦୦ କୋଟି ଟଙ୍କା ଆୟ କରିଛି । ସିନେମାରେ ଅଜୟ ଦେବଗନ, ଅକ୍ଷୟ କୁମାର, କରିନା କପୁର, ଦୀପିକା, ରଣବୀର ସିଂହ ପ୍ରମୁଖ ଅଭିନୟ କରିଛନ୍ତି । ଏହାରି ଭିତରେ ରୋହିତ ସେଟ୍ଟି 'ସିଂଘମ୍ ଏଗେନ୍'ର ଏକ ଚରିତ୍ରକୁ ନେଇ ସିନେମା ନିର୍ମାଣ କରିବା କଥା ଘୋଷଣା କରିଛନ୍ତି । ସେ ଦୀପିକାଙ୍କ ଲେଡି ସିଂଘମ୍ ଅର୍ଥାତ୍ ଶକ୍ତି ସେଟ୍ଟି ଚରିତ୍ରକୁ ନେଇ ଫିଲ୍ମ ନିର୍ମାଣ କରିବେ । ଯଦିଓ ରୋହିତ ସିନେମା ନିର୍ମାଣ କରିବା କଥା କହିଛନ୍ତି, ତଥାପି ଏଥିରେ ସମୟ ଲାଗିବ ବୋଲି ମଧ ସେ ସ୍ପଷ୍ଟ କରିଛନ୍ତି । ତେବେ ଅଜୟ ଦେବଗନଙ୍କ ଚରିତ୍ର ବାଜିରାଓ ସିଂଘମରୁ ଅନୁପ୍ରେରିତ ହୋଇ ଦୀପିକାଙ୍କ ଚରିତ୍ରର ନାଁ ଲେଡି ସିଂଘମ୍ ରଖାଯାଇଥିବା କୁହାଯାଉଛି । ଅନ୍ୟପଟେ ସେ ଟାଇଗର ଶ୍ରଫ୍‌ଙ୍କ ଚରିତ୍ର 'ସତ୍ୟା'କୁ ନେଇ ମଧ ଏକ ସିନେମା ନିର୍ମାଣ କରିବେ । ତେବେ ଏ ସମସ୍ତ ସିନେମାର କାହାଣୀ ଅଲଗା ରହିବ ।



## ଆଇଟମ୍ ଗୀତ ପାଇଁ ୨ କୋଟି

ଅଲ୍ଲୁ ଅର୍ଜୁନ ଏବଂ ରଶ୍ମିକା ମନ୍ଦାନାଙ୍କ ଅଭିନୀତ ସିନେମା 'ପୁଷ୍ପା-ଦ ରୁଲ୍' ଡିସେମ୍ବର ୫ ତାରିଖରେ ମୁକ୍ତିଲାଭ କରିବ । ଏହି ସିନେମାର ଆଇଟମ୍ ଗୀତରେ ନଜର ଆସିବେ ସାଉଥ୍ ଅଭିନେତ୍ରୀ ଶ୍ରୀଲୀଲା । ସିନେମାରେ ତାଙ୍କର ପ୍ରଥମ ଝଲକ୍ ସାମ୍ନାକୁ ଆସିଛି । ଆଇଟମ୍ ଗୀତ 'କିସିକ୍'ରେ ତାଙ୍କର ଦମ୍‌ଦାର୍ ଡ୍ୟାନ୍ସ ଦେଖିବାକୁ ମିଳିବ । ତେବେ ଏହି ଗୀତ ଲାଗି ସେ ୨ କୋଟି ଟଙ୍କା ନେଇଛନ୍ତି । ଅବଶ୍ୟ ଏହା ପୂର୍ବରୁ ଅଭିନେତ୍ରୀ ସାମନ୍ଥା 'ପୁଷ୍ପା'ର ଆଇଟମ୍ ଗୀତ ପାଇଁ ୫ କୋଟି ଟଙ୍କା ନେଇ ଥିଲେ । ଅନ୍ୟପଟେ ଏହି ଆଇଟମ୍ ଗୀତ ପାଇଁ ପ୍ରଥମେ ଶ୍ରୀଲୀଲାଙ୍କ ସହ ସିନେ ନିର୍ମାତା ଯୋଗାଯୋଗ କରି ନ ଥିଲେ । ପ୍ରଥମେ ଶ୍ରଦ୍ଧା କପୁର ଏବଂ ତୃପ୍ତି ଡିମରିଙ୍କ ସହ ସିନେ ନିର୍ମାତା ଏନେଇ କଥା ହୋଇଥିଲେ । ଏହି ସିନେମାଟି ହିନ୍ଦୀ ସମେତ ତାମିଲ, ତେଲୁଗୁ, ମଲୟାଲମ, କନ୍ନଡ଼ ଓ ବଙ୍ଗଳା ଭାଷାରେ ମୁକ୍ତିଲାଭ କରିବ । ସେହିପରି ସିନେମାର ଟ୍ରେଲର ଆସନ୍ତା ୧୭ରେ ରିଲିଜ୍ କରାଯିବ ।



ଟେଲିଭିଜନ ପ୍ରିମିୟର୍

## 'ଚୋରି ଚୋରି ବୋହୂ ଚୋରି'

ଆସନ୍ତା ୧୭ ତାରିଖ ସନ୍ଧ୍ୟା ୬ଟା ୩୦ରେ ଟେଲିଭିଜନ ପ୍ରିମିୟର୍ ହେବ ନୂଆ ଓଡ଼ିଆ ସିନେମା 'ଚୋରି ଚୋରି ବୋହୂ ଚୋରି ।' ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନାରେ ଅଛନ୍ତି ସଚିକାନ୍ତ ସାହୁ । କାହାଣୀ, ଚିତ୍ରନାଟ୍ୟ ଏବଂ ଗୀତ ରଚନା କରିଛନ୍ତି ଦେବୀଦତ୍ତ ମହାନ୍ତି । ସିନେମାର ସଂଳାପ ପ୍ରିୟବ୍ରତ ପଣ୍ଡା ରଚନା କରିଛନ୍ତି । ସିନେମାର ଗୀତଗୁଡ଼ିକୁ ସଂଗୀତରେ ସଜାଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଏଥିରେ କଣ୍ଠଦାନ କରିଛନ୍ତି ତାରିକ୍ ଅଜିଜ୍, ଶଶାଙ୍କ ଶେଖର, ଶୀତଲ କବି । ତେବେ ସିନେମାର ବିଭିନ୍ନ ଚରିତ୍ରରେ ସନ୍ଦୀପ ମିଶ୍ର, ଜସ୍ମିନ ରଥ, ରିଷିକ୍ ମିଶ୍ର, ଅସୀମା ପତି, ପ୍ରଦ୍ୟୁମ୍ନ ଲେଙ୍କା, ନମ୍ରତା ଦାସ, ରାକ୍ଷୀ ଦାସ, ଶୁଭ୍ରାଂଶୁ, ପ୍ରଭାତୀ ସାହୁ, ସୁମନ, ମିଳି ପ୍ରମୁଖ ଅଭିନୟ କରିଛନ୍ତି । ସିନେମାଟିକୁ ଦର୍ଶକେ ପସନ୍ଦ କରିବେ ବୋଲି ଆଶା କରାଯାଉଛି ।

## 'ମଧୁର ସଂସାର'ର କାହାଣୀରେ ନୂଆ ମୋଡ଼



ଜୀ ସାର୍ଥକରେ ନୂଆ ବର୍ଷରୁ ଆରମ୍ଭ ହୋଇଥିଲା ମେଗା ଧାରାବାହିକ 'ମଧୁର ସଂସାର' । ଯାହାକୁ ଦର୍ଶକଙ୍କ ଅଶେଷ ଭଲ ପାଇବା ମିଳିଛି । ଏବେ ଏହି କାହାଣୀରେ ଆସିବାକୁ ଯାଉଛି ବଡ଼ ପରିବର୍ତ୍ତନ । କିଛିଦିନ ପୂର୍ବରୁ ମଧୁ ହିଁ ବନିତା ମିଶ୍ର ବୋଲି ବଡ଼ ସତ୍ୟ ସାମ୍ନାକୁ ଆସିଥିଲା । ଏହା ପରେ ସୁଲେଖା, ମଧୁକୁ ବିବାହ ବିଚ୍ଛେଦ ପାଇଁ ତିନି ମାସର ସମୟ ଦେଇଛି । ମଧୁ ନିଜ ସଂପର୍କ ଓ ପରିବାରର ରକ୍ଷା ପାଇଁ ଦୃଢ଼ ସଂକଳ୍ପବଦ୍ଧ ଏବଂ ଈଶାର ସବୁ କୁଚକ୍ରାନ୍ତକୁ ସାମ୍ନା କରିବାକୁ ସେ ପ୍ରସ୍ତୁତ । ଅନ୍ୟପକ୍ଷରେ ରୁପାଲୀ ଓ ଶ୍ରେୟସ୍‌ଙ୍କ ନୂଆ ସମ୍ପର୍କ ଦେଖି ମଧୁ ନିଜ ସାଙ୍ଗକୁ କିଛି ଉଚିତ ମନ୍ତବ୍ୟ ଓ ଉପଦେଶ ଦେଇଛି, ଯାହାଦ୍ୱାରା ତାଙ୍କ ସଂପର୍କ ଆହୁରି ନିବିଡ଼ ହୋଇପାରିବ । ତେବେ ମଧୁ ନିଜ ବିବାହ ବନ୍ଧନକୁ ବଞ୍ଚେଇ ପାରିବ କି ନାହିଁ ? ଶ୍ରେୟସ୍‌ଙ୍କ ପ୍ରେମ କାହାଣୀ ଖୁସିରେ ଭରିବ ତ ? ଏ ସମସ୍ତ ପ୍ରଶ୍ନର ଉତ୍ତର ଜାଣିବାକୁ ପ୍ରତ୍ୟେକ ସୋମବାରରୁ ଶନିବାର ସନ୍ଧ୍ୟା ୭ଟାରେ ମେଗା ଧାରାବାହିକ 'ମଧୁର ସଂସାର' ସହିତ ଯୋଡ଼ି ହୋଇ ରହିବା ପାଇଁ ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର୍ ପ୍ରତୀକ ସିଲ୍ ଅନୁରୋଧ କରିଛନ୍ତି ।

ପରଦା ପଛର କାହାଣୀ

## ସାଧାରଣ ଚରିତ୍ରଟିଏ ପାଇଁ ବର୍ଷେ ସୁଟିଂ ସ୍ଥଗିତ

ବଲିଉଡ୍‌ରେ ଅନେକ ସୁପରହିଟ୍ ଫିଲ୍ମ ରହିଛି । ସେଥିମଧ୍ୟରୁ ଗୋଟିଏ ହେଉଛି 'ଥ୍ରୀ-ଇଡିୟଟ୍‌ସ' । ଯାହା ଏବେ ମଧ ଦର୍ଶକଙ୍କ ହୃଦୟରେ ରାଜ୍ କରୁଛି । ଅମିର୍ ଖାନ୍‌ଙ୍କ ଅଭିନୀତ ଏହି ଚଳଚ୍ଚିତ୍ର ବକ୍ସ ଅଫିସ୍‌ରେ ରେକର୍ଡ ସଂଖ୍ୟକ ଆୟ କରିଥିଲା । ଏହି ଚଳଚ୍ଚିତ୍ରରେ ଶରମନ୍ ଯୋଶୀ, ଆର୍. ମାଧବନ୍ ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ । ଏଥିରେ ପ୍ରେମ, ହାସ୍ୟ, ଦୋସ୍ତି ଓ ଇମୋସନ୍ ଭରି ରହିଛି । ଫିଲ୍ମର ନିର୍ଦ୍ଦେଶକ ରାଜକୁମାର ହିରାନୀ ପ୍ରତିଟି ଚରିତ୍ରକୁ ଧ୍ୟାନରେ ରଖି ସେହି ଅନୁଯାୟୀ ଷ୍ଟାର୍ କାଷ୍ଟ କରିଥିଲେ । ନିକଟରେ ରାଜକୁମାର ହିରାନୀଙ୍କ ଏକ ଭିଡିଓ ଭାଇରାଲ୍ ହୋଇଛି । ଯେଉଁଥିରେ ସେ ଏହି ଫିଲ୍ମ ସହ ଜଡ଼ିତ କିଛି ରୋଚକୀୟ ଦୃଶ୍ୟ ସେୟାର୍ କରିଛନ୍ତି । ତାଙ୍କ କହିବାନୁଯାୟୀ, ଏହି ଚଳଚ୍ଚିତ୍ରରେ ଗୋଟିଏ ସାଧାରଣ ଚରିତ୍ର ପାଇଁ ଫିଲ୍ମ ସୁଟିଂକୁ ପ୍ରାୟ ବର୍ଷେ ଯାଏ ସ୍ଥଗିତ କରିବାକୁ ପଡ଼ିଥିଲା । ଏହି ଚଳଚ୍ଚିତ୍ରରେ ଜଣେ ବାଳକ ଆତ୍ମହତ୍ୟା କରିଥିବା ଦୃଶ୍ୟ ରହିଥିଲା । ଏଥିରେ ତାଙ୍କ ପିତାଙ୍କର ଏକ ଛୋଟ ଭୂମିକା ଥିଲା । ଯେଉଁଥିରେ ତାଙ୍କ ପୁଅର ମୃତ୍ୟୁ ପରେ ସେ ଦୁଃଖ ଯନ୍ତ୍ରଣାରେ କାନ୍ଦୁଥିବେ । ଏହି ଚରିତ୍ର ପାଇଁ ସେ ଦୁଃଖୀ ଚେହେରାର ଜଣେ ବୟୋବୃଦ୍ଧଙ୍କ ସନ୍ଧାନ କରୁଥିଲେ । ଯାହାକୁ ଦେଖି ଦର୍ଶକେ ଚରିତ୍ର ସହ ଖାପ ଖାଉଥିବା ହୃଦ୍‌ବୋଧ କରିପାରୁଥିବେ । ଏମିତି ଜଣେ ବୃଦ୍ଧଙ୍କ ସନ୍ଧାନ କରୁ କରୁ ପାଖାପାଖି ଏକ ବର୍ଷ ଧରି ଫିଲ୍ମ ସୁଟିଂ ବନ୍ଦ ରହିଥିଲା । ପରେ ସେମାନେ ଥକି ଯାଇଥିଲେ । କିନ୍ତୁ ରାଜ କୁମାରଙ୍କ କହିବାନୁଯାୟୀ, ଏକଦା ତାଙ୍କ ଟେବୁଲରେ ଏକ ମରାଠୀ ଫିଲ୍ମର ଡିଭିଡି ପଡ଼ିଥିବା ସେ ଦେଖିଥିଲେ । ଯାହା ୫୦ ଦଶକରେ ନିର୍ମିତ ହୋଇଥିଲା । ସେଥିରେ ଏକ ସାତବର୍ଷର ଶିଶୁକୁ ତାଙ୍କ ମା'ଙ୍କ ସହ ଦେଖିବାକୁ ମିଳିଥିଲା । ସେ ଛୁଆଟି ମଧ ବହୁତ ସୁନ୍ଦର ଦିଶୁଥିଲା । ସେ ସେହି ଫଟୋ ଦେଖି ସେହି ଛୁଆଟିର ସନ୍ଧାନ କରିବାକୁ ଅନ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ଛୁଆଟି ବର୍ତ୍ତମାନ ସମୟରେ ବୃଦ୍ଧ ହୋଇଯାଇଥିବେ । ତାଙ୍କର ଦୁଃଖୀ ଚେହେରା ଏହି ଚରିତ୍ର ପାଇଁ ସମ୍ପୂର୍ଣ୍ଣ ଫିଟ୍ ହେବେ ବୋଲି ସେ କହିଥିଲେ । ପରେ ସେ ସେହି ଈପ୍‌ସିତ ବ୍ୟକ୍ତିଙ୍କୁ ପାଇଥିଲେ । ଯେ କି ଏକ ଥିଏଟରରେ କାର୍ଯ୍ୟ କରୁଥିଲେ ।



## ୩୬୦ ଦିନ ପରେ ବୋଲିଂ କଲେ ସାମି

ଇନ୍ଦୋର,୧୩।୧୧(ଏଜେନ୍ସି): ୨୦୨୩ ଦିନିକିଆ ବିଶ୍ୱକପ୍ ହିରୋ ତଥା ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି କ୍ରିକେଟକୁ



ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଶ୍ୱକପ୍ ଦମ୍‌ଦାର ପ୍ରଦର୍ଶନ କରି ସେ ଭାରତକୁ ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଘାତ ଲାଗି ବିଶ୍ୱକପ୍‌ର ୩୬୦ ଦିନ ପରେ ସେ ପ୍ରଥମଥର ପାଇଁ ପ୍ରତିଯୋଗିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବୁଧବାରଠାରୁ ଆରମ୍ଭ ହୋଇଥିବା ମଧ୍ୟପ୍ରଦେଶ ବିପକ୍ଷ ରଣଜୀ ମ୍ୟାଚ୍‌ରେ ସେ ବେଙ୍ଗଲ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ସେ ପ୍ରଭାବହୀନ ସାବ୍ୟସ୍ତ ହୋଇଛନ୍ତି। ୧୦ ଓଭର ବୋଲିଂ କରି ଗୋଟିଏ ମେଡେନ ନେବା ସହ ସେ କୌଣସି ୱିକେଟ ପାଇନାହାନ୍ତି। ଯଦି ଫିଟ୍‌ନେସର ପ୍ରମାଣ ଦିଅନ୍ତି ସାମି ଅଷ୍ଟ୍ରେଲିଆ ଯାଇ ବର୍ଡର-ଗାଭାସ୍କର ଟ୍ରଫି (ବିଜିଟି) ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି।

## ଶୁଭ୍ରାଂଶୁ ସେନାପତି ଅର୍ଦ୍ଧଶତକ ନିକଟତର

ସ୍ଥାନୀୟ ହୋଲକର ଷ୍ଟାଡିୟମରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବେଙ୍ଗଲ ପ୍ରଥମ ପାଳିରେ ୫୧.୨ ଓଭରରେ ୨୨୮ ରନକରି ଅଲଆଉଟ



ହୋଇଥିଲା। ଦଳ ତରଫରୁ ଶାହାବାଜ ଅହମ୍ମଦ ସର୍ବାଧିକ ୯୨, ଅଧିନାୟକ ଅନୁସ୍ତୁପ ମଜୁମ୍‌ଦାର ୪୪ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ମଧ୍ୟପ୍ରଦେଶ ତରଫରୁ ଆର୍ଯ୍ୟନ ପାଣ୍ଡେ ଓ କୁଲବନ୍ତ ଖେଜ୍ରୋଲିଆ ୪ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରି ମଧ୍ୟ ପ୍ରଦେଶ ବୁଧବାର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୩୦ ଓଭରରେ ଗୋଟିଏ ୱିକେଟ ହରାଇ ୧୦୩ ରନ ସଂଗ୍ରହ କରିଛି। ଓପନିଂ କରିବାକୁ ଆସିଥିବା ଓଡ଼ିଆ ବ୍ୟାଟର ଶୁଭ୍ରାଂଶୁ ସେନାପତି ୪୪ ଓ ରଜତ ପଟିଦାର ୪୧ ରନକରି ଅପରାଜିତ ରହିବା ସହ ଅର୍ଦ୍ଧଶତକର ନିକଟତର ହୋଇଛନ୍ତି। ଶୁଭ୍ରାଂଶୁ ଓଡ଼ିଶା ଛାଡି ଏଥର ମଧ୍ୟପ୍ରଦେଶ ତରଫରୁ ରଣଜୀ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଏକମାତ୍ର ଆଉଟ ହୋଇଥିବା ବ୍ୟାଟର ହିମାଂଶୁ ମନ୍ତ୍ରୀ ୧୩ ରନକରି ମହମ୍ମଦ କୈଫ୍‌ଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଛନ୍ତି। ସାମି ୧୦ ଓଭର ବୋଲିଂ କରିଥିଲେ ମଧ୍ୟ କୌଣସି ୱିକେଟ ପାଇ ପାରି ନଥିଲେ।

## ବାରବାଟୀର ରଣଜୀ
# ୧୬୨ରେ ଅଟକିଲା ମହାରାଷ୍ଟ୍ର

### ସୁମିତଙ୍କୁ ୪, ଗୋବିନ୍ଦଙ୍କୁ ୩ ୱିକେଟ
### ପ୍ରଥମଶ୍ରେଣୀ କ୍ରିକେଟରେ ସ୍ୱସ୍ତିକଙ୍କ ପ୍ରଥମ ଅର୍ଦ୍ଧଶତକ
### ଘରୋଇ ପଡ଼ିଆରେ ଓଡ଼ିଶାର ପାଳି ଅଗ୍ରଣୀ ନିଶ୍ଚିତ

କଟକ,୧୩।୧୧(ସମିସ): ବାରବାଟୀ ଷ୍ଟାଡିୟମରେ ଘରୋଇ ପରିବେଶର ଫାଇଦା ଉଠାଇ ମହାରାଷ୍ଟ୍ରକୁ ଚକ୍‌ମା ଦେଇଛି ଓଡ଼ିଶା। ଚଳିତ ରଣଜୀ ଟ୍ରଫିର ୫ମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ବୁଧବାର ଠାରୁ ଆରମ୍ଭ ହୋଇଛି।



ବୋଲିଂ ଅବସରରେ ସୁମିତ ଶର୍ମା


୧୫୦ ରନ୍‌ରେ ୪ ୱିକେଟ ହରାଇ ଏକଦା ଦୃଢ଼ ସ୍ଥିତିରେ ରହିଥିବା ମହାରାଷ୍ଟ୍ର ମାତ୍ର ୧୨ରନ୍‌ରେ ଶେଷ ୬ ୱିକେଟ ହରାଇବା ଯୋଗୁଁ ୧୬୨ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ରାମକ୍ରିଷ୍ଣା ଘୋଷ ସର୍ବାଧିକ ୮୦ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ବାମହାତୀ ସ୍ପିନର ସୁମିତ ଶର୍ମା ଏବଂ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କ ସ୍ପିନ୍ ବୋଲିଂ ଜରିଆରେ ୭ଟି ୱିକେଟ ଅକ୍ତିଆର କରିଥିଲେ। ସୁମିତଙ୍କୁ ୪ଟି ଏବଂ ଗୋବିନ୍ଦଙ୍କୁ ୩ଟି ୱିକେଟ ମିଳିଥିଲା। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଗୋଟିଏ ୱିକେଟ ବିନିମୟରେ ୯୯ରନ ସଂଗ୍ରହ କରିଛି। ଓପନର ସ୍ୱସ୍ତିକ ସାମଲ ପ୍ରଥମ ରଣଜୀ ଅର୍ଦ୍ଧଶତକ ସହ ୫୬ରନ ଏବଂ ନଂ-୩ରେ ବ୍ୟାଟିଂ ଲାଗି ଆସିଥିବା ସନ୍ଦୀପ ପଟ୍ଟନାୟକ ୪୧ରନରେ ଅପରାଜିତ ଅଛନ୍ତି। ଓପନର ଶାନ୍ତନୁ ମିଶ୍ର ମାତ୍ର ୨ ରନ୍‌ରେ ଆଉଟ ହୋଇଛନ୍ତି। ଶାନ୍ତନୁ ଖେଳିଥିବା ଗତ ୩ଟି ମ୍ୟାଚ୍‌ର ୬ଟି ଇନିଂସରେ ଥରେ ୭୬ ରନ୍ କରିଥିଲାବେଳେ ୩ଥର ଖାତା ଖୋଲିବାରେ ସମର୍ଥ ହୋଇ ପାରି ନାହାନ୍ତି।

ମହାରାଷ୍ଟ୍ର ଅଧିନାୟକ ଅଙ୍କିତ ବାୱନେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନିଂ ଯୋଡ଼ିରେ ସଚିନ୍ ଧାସ୍ ଏବଂ ଅର୍ସିନ କୁଲକର୍ଣ୍ଣି ମାତ୍ର ୨୧ରନ ସଂଗ୍ରହ କରିଥିଲେ। ଆକ୍ରମଣାତ୍ମକ ଶୈଳୀରେ ରନ୍ ସଂଗ୍ରହ କରି ପ୍ରାରମ୍ଭରୁ ଓଡ଼ିଶାକୁ ଚାପ ଭିତରକୁ ଠେଲି ଦେବାକୁ ଉଦ୍ୟମ କରୁଥିବା ବେଳେ ଅର୍ସିନଙ୍କ ୱିକେଟ ପତନ ଘଟିଥିଲା। ସେ ୧୫ରନରେ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଶିକାର ହୋଇଥିଲେ। ସଚିନ ଏବଂ ରାମକ୍ରିଷ୍ଣା ଘୋଷ ଦ୍ୱିତୀୟ ୱିକେଟରେ ୪୧ରନ ସଂଗ୍ରହ କରିଥିଲେ। ସଚିନ ୨୦ରନ କରିଥିବା ବେଳେ ତରଣୀ ସ'ଙ୍କ ବଲରେ ଶାନ୍ତନୁ ମିଶ୍ରଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ପରେ କ୍ରିଜକୁ ଆସିଥିବା ଯଶ କ୍ଷୀରସାଗର ୨ରନ୍‌ରେ ତରଣୀଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଥିଲେ। ଅଧିନାୟକ ଅଙ୍କିତ ଏବଂ ରାମକ୍ରିଷ୍ଣାଙ୍କ ଭିତରେ ୪ର୍ଥ ୱିକେଟରେ ୮୦ରନର ଭାଗୀଦାରି ସୃଷ୍ଟି ହୋଇଥିଲା। ଉଭୟ ୨୪ଓଭର ତିଷ୍ଠି ରହି ମହାରାଷ୍ଟ୍ରକୁ ପ୍ରାରମ୍ଭିକ ବିପର୍ଯ୍ୟୟରୁ ମୁକୁଳାଇଥିଲେ। ମାତ୍ର ଦ୍ୱିତୀୟ ସେସନ୍‌ରେ ଖେଳ ପୁର୍ନବାର ଓଡ଼ିଶା ପକ୍ଷକୁ ଫେରିଥିଲା। ଦଳୀୟ ସ୍କୋର ୧୫୦ରେ ମହାରାଷ୍ଟ୍ର ୫ମ ୱିକେଟ ସ୍ୱରୂପ ଅଧିନାୟକ ଅଙ୍କିତଙ୍କୁ ହରାଇଥିଲା। ଓଡ଼ିଶା ଅଧିନାୟକ ଗୋବିନ୍ଦଙ୍କ ବଲରେ ସେ କ୍ଲିନ ବୋଲ୍ଡ ହୋଇଥିଲେ। ପରେ ଅନ୍ୟ ସମସ୍ତ ବ୍ୟାଟରଙ୍କ ବିଫଳତା ଯୋଗୁଁ ମହାରାଷ୍ଟ୍ରର ପାଳି ୧୬୨ରନରେ ଅଟକିଥିଲା। ରାମକ୍ରିଷ୍ଣା ଏକମାତ୍ର ସଫଳ ବ୍ୟାଟର ଭାବେ ସର୍ବାଧିକ ୮୦ରନ କରିଥିଲେ। ନିମ୍ନକ୍ରମର ୬ଜଣ ଖେଳାଳି ଦୁଇ ଅଙ୍କ ଛୁଇଁ ପାରିନଥିବା ବେଳେ ୪ଜଣ ଖାତା ଖୋଲି ପାରିନଥିଲେ। ସୁମିତ ୩୯ରନ ବ୍ୟୟ କରି ସର୍ବାଧିକ ୪ଟି ୱିକେଟ ଅକ୍ତିଆର କରିଛନ୍ତି। ଅଧିନାୟକ ଗୋବିନ୍ଦଙ୍କୁ ୧୦ରନରେ ୩ଟି ୱିକେଟ ମିଳିଛି।

ପୁଣି ଥରେ ଓଡ଼ିଶାର ଓପନିଂ ପୁଣିଥରେ ଫେଲ୍ ମାରିଥିଲା। ଶାନ୍ତନୁ ମିଶ୍ର ମାତ୍ର ୨ରନରେ ଆଉଟ ହୋଇଥିଲେ। ଅନ୍ୟତମ ଓପନର ସ୍ୱସ୍ତିକ ସାମଲ ଏବଂ ସନ୍ଦୀପ ପଟ୍ଟନାୟକ ଦ୍ୱିତୀୟ ୱିକେଟରେ ୧୭୨ବଲ ସମ୍ମୁଖୀନ ହୋଇ ୮୩ରନର ଭାଗୀଦାରି ସୃଷ୍ଟି କରି ଓଡ଼ିଶାକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଛନ୍ତି। ସ୍ୱସ୍ତିକ ସାମଲ ଏଠାରେ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ହାସଲ କରିବା ସହ ୫୬ରନରେ ଅପରାଜିତ ଅଛନ୍ତି। ସନ୍ଦୀପ ପଟ୍ଟନାୟକ ୪୧ରନ କରିଛନ୍ତି। ହାତରେ ୯ ୱିକେଟ ବଳକା ଥିବା ସହ ଦଳ ମାତ୍ର ୬୩ରନରେ ପଛୁଆ ଥିବାରୁ ଏଠାରେ ଓଡ଼ିଶା ପାଇଁ ପାଳି ଅଗ୍ରଣୀ ନିଶ୍ଚିତ ବୋଲି ଅନୁମାନ କରାଯାଉଛି।

## ଅର୍ଜୁନ ତେନ୍ଦୁଲକରଙ୍କୁ ପ୍ରଥମ ୫ ୱିକେଟ ସଫଳତା

ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି): ଚଳିତ ରଣଜୀ ଟ୍ରଫିରେ କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ଦମ୍‌ଦାର ବୋଲିଂ ପ୍ରଦର୍ଶନ କରି ପ୍ରଥମ ୫ ୱିକେଟ ସଫଳତା ଅର୍ଜନ କରିଛନ୍ତି। ଗୋଆର ପୋଭରିମ ସ୍ଥିତ ଗୋଆ କ୍ରିକେଟ ଆସୋସିଏସନ ଏକାଡେମୀ ଗ୍ରାଉଣ୍ଡରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଅରୁଣାଚଳ ପ୍ରଦେଶ



ବିପକ୍ଷ ମୁକାବିଲାରେ ସେ ପ୍ରଥମଥର ପାଇଁ ଏହି ସଫଳତା ପାଇଛନ୍ତି। ୨୫ ବର୍ଷୀୟ ଅର୍ଜୁନ ନିଜର ୧୭ତମ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୯ ଓଭର ବୋଲିଂ କରି ୩ ମେଡେନ ସହ ୨୫ ରନ ବ୍ୟୟ କରି ୫ ୱିକେଟ ଅକ୍ତିଆର କରି ଅରୁଣାଚଳର ବିପର୍ଯ୍ୟୟ ଘଟାଇଛନ୍ତି। ଟସ୍ ଜିତି ଅରୁଣାଚଳ ପ୍ରଥମେ ବ୍ୟାଟିଂ କରି ଅର୍ଜୁନଙ୍କ ବୋଲିଂକୁ ସାମ୍ନା କରି ନପାରି ପ୍ରଥମ ପାଳିରେ ୩୦.୩ ଓଭରରେ ୮୪ ରନକରି ଅଲଆଉଟ ହୋଇଥିଲା। ଗୋଆ ତରଫରୁ ମୋହିତ ରେଡକର ୩ ଓ କେଇଥ୍ ପିଣ୍ଟୋ ୨ ୱିକେଟ ଅକ୍ତିଆର କରିଥିଲେ। ଅରୁଣାଚଳର ୭ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନଥିଲେ ଓ ୪ଜଣ ଖାତା ଖୋଲିପାରି ନଥିଲେ। ଅରୁଣାଚଳ ତରଫରୁ ଅଧିନାୟକ ନାବମ ଅବୋ ସର୍ବାଧିକ ୨୫ ରନକରି ଅପରାଜିତ ରହିଥିଲେ।

## କାଶ୍ୟପ, ସ୍ନେହାଲଙ୍କ ବିସ୍ଫୋରକ ଶତକ: ଗୋଆ ୪୧୪/୨

ଜବାବରେ ଗୋଆ ପ୍ରଥମ ପାଳି ଆରମ୍ଭ କରି ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ବୁଧବାର ପ୍ରଥମ ଦିବସ ଖେଳଶେଷ ସୁଦ୍ଧା ୫୪ ଓଭରରେ ୨ ୱିକେଟ ହରାଇ ୪୧୪ ରନ ସଂଗ୍ରହ କରିଛି। ଫଳରେ ୮ ୱିକେଟ ବାକିଥାଇ ଗୋଆ ୩୩୦ ରନର ଅଗ୍ରଣୀ ହାସଲ କରିଛି। ଗୋଆ ବ୍ୟାଟର ଦ୍ରୁତଗତିରେ ଓଭର ପିଛା ୭.୬୬ ହାରରେ ରନ ସଂଗ୍ରହ କରିଛନ୍ତି। କାଶ୍ୟପ ବାକ୍‌ଲେ ୧୭୯ ଓ ସ୍ନେହାଲ କୋଉଥଙ୍କର ୧୪୬ ରନର ବୃହତ୍ ଶତକୀୟ ପାଳି ଖେଳ ଅପରାଜିତ ରହିଛନ୍ତି। ଓପନର ଇଶାନ ଗାଡେକର ୩ ଓ ସୂୟାଶ ପ୍ରଭୁଦେଶାଇ ୭୩ ରନକରି ଯଥାକ୍ରମେ ୟାବ ନିଆ ଓ ଜୟ ଭବସାରଙ୍କ ଦ୍ୱାରା ଆଉଟ ହୋଇଛନ୍ତି।

## ଜାତୀୟ ବରିଷ୍ଠ ପୁରୁଷ ହକି / ସୁଟ୍ ଆଉଟ୍‌ରେ ଜିତି ସେମିରେ ଓଡ଼ିଶା




ଭୁବନେଶ୍ୱର, ୧୩।୧୧ (ସମିସ): ଚେନ୍ନଇରେ ଅନୁଷ୍ଠିତ ଜାତୀୟ ସିନିଅର ପୁରୁଷ ହକି ଚାମ୍ପିଅନସିପ୍‌ର ୧୪ତମ ସଂସ୍କରଣରେ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ସୁଟ୍‌ଆଉଟ୍‌ରେ ୩-୧ (୩-୩)ରେ କର୍ଣ୍ଣାଟକକୁ ପରାସ୍ତ କରିଥିଲା। ଶୁକ୍ରବାର ଖେଳାଯିବାକୁ ଥିବା ସେମିଫାଇନାଲରେ ଓଡ଼ିଶାର ମୁକାବିଲା ମଣିପୁର ସହ ହେବ।

ବୁଧବାର ଅନୁଷ୍ଠିତ ୪ର୍ଥ କ୍ୱାର୍ଟରରେ ଓଡ଼ିଶା ଓ କର୍ଣ୍ଣାଟକ ସାମ୍ନାସାମ୍ନି ହୋଇଥିଲେ। ମ୍ୟାଚର ପ୍ରଥମ କ୍ୱାର୍ଟରରେ ଓଡ଼ିଶା ୧-୨ ଏବଂ ଦ୍ୱିତୀୟ କ୍ୱାର୍ଟରରେ ୨-୩ ଗୋଲରେ ପଛୁଆ ରହିଥିଲା। ଓଡ଼ିଶା ପାଇଁ ପ୍ରଥମାର୍ଦ୍ଧରେ ୨ଟି ଯାକ ଗୋଲ୍ ଯଥାକ୍ରମେ ମଙ୍ଗଲ ଲୋହାର ଓ ଶିଳାନନ୍ଦ ଲାକ୍ରା ସ୍କୋର କରିଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ମଧ୍ୟ ଓଡ଼ିଶା ସେହି ୨-୩ ଗୋଲରେ ପଛୁଆ ରହିଥିଲା। ତେବେ ନିର୍ଣ୍ଣାୟକ ତଥା ୪ର୍ଥ କ୍ୱାର୍ଟର ତଥା ୫୦ତମ ମିନିଟ୍‌ରେ ଓଡ଼ିଶାକୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ପ୍ରତାପ ଲାକ୍ରା ଏହାର ସମ୍ପୂର୍ଣ୍ଣ ଫାଇଦା ଉଠାଇ ଓଡ଼ିଶା ପାଇଁ ୩ୟ ଗୋଲ୍ ଦେଇଥିଲେ। ଫଳରେ ନିର୍ଦ୍ଧାରିତ ୬୦ ମିନିଟ୍‌ରେ ମ୍ୟାଚ୍ ୩-୩ ଗୋଲରେ ବରାବର୍ ରହିଥିଲା। ଏହାପରେ ସୁଟ୍‌ଆଉଟ୍‌ରେ ଓଡ଼ିଶାର ଗୋଲ୍‌ରକ୍ଷକ ଶାହିଲ କୁମାର ନାୟକ ଚମତ୍କାର ପ୍ରଦର୍ଶନ କରି ପ୍ରତିପକ୍ଷର ପ୍ରଥମ ୪ଟି ସଟ୍‌ରୁ ୩ଟି ଅଟକାଇ ଦେଇଥିଲେ। ସେହିଭଳି ଓଡ଼ିଶା ପ୍ରଥମ ୪ଟିରୁ ୩ଟି ଗୋଲ୍ ଦେଇ ମ୍ୟାଚକୁ ୩-୧ରେ ରୋମାଞ୍ଚକ ଭାବେ ଜିତି ସେମିରେ ପହଞ୍ଚିଥିଲା। ଶାହିଲ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଅନ୍ୟ କ୍ୱାର୍ଟର ଫାଇନାଲରେ ମଣିପୁର ସୁଟ୍‌ଆଉଟ୍ ୪-୩ (୩-୩)ରେ ପଞ୍ଜାବକୁ, ହରିୟାଣା ୫-୧ରେ ମହାରାଷ୍ଟ୍ରକୁ ଓ ଉତ୍ତରପ୍ରଦେଶ ୩-୧ରେ ତାମିଲନାଡ଼ୁକୁ ପରାସ୍ତ କରିଥିଲା।

## ଅଲ୍ ଓଡ଼ିଶା ରାଙ୍କିଙ୍ଗ୍ ସ୍ନୁକର୍
### ସେମିରେ ସୁବ୍ରତ, ଆଶୁତୋଷ

ଭୁବନେଶ୍ୱର,୧୩।୧୧(ସମିସ): ରାଜ୍ୟର ଦୁଇ ପ୍ରଭାବଶାଳୀ ଖେଳାଳି ସୁବ୍ରତ ଦାସ ଓ ଆଶୁତୋଷ ପାଢ଼ୀ ପଟିଆସ୍ଥିତ ସିକ୍ସପକେଟ୍ସ କ୍ଲବ୍‌ରେ ଚାଲିଥିବା ଅଲ୍ ଓଡ଼ିଶା ସିନିୟର



ର‌୍ୟାଙ୍କିଙ୍ଗ୍ ସ୍ନୁକର ଚାମ୍ପିଅନସିପ୍‌ର ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ସହ ସେମିଫାଇନାଲ ଲାଇନ୍ ଅପ୍ ମଧ୍ୟ ଚୂଡାନ୍ତ ହୋଇଯାଇଛି। ଗୁରୁବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ସୁବ୍ରତ ଦାସଙ୍କ ସହ ଚିରାଗ ଅରୋରାଙ୍କର ଓ ଦ୍ୱିତୀୟ ସେମିରେ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କ ସହ ଆଶୁତୋଷ ପାଢ଼ୀଙ୍କର ମୁକାବିଲା ହେବ। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସୁବ୍ରତ ୪-୨ ଫ୍ରେମ୍‌ରେ ଆକାଶ ମହାପାତ୍ରଙ୍କୁ, ଆଶୁତୋଷ ୪-୦ରେ ଅବିନାଶ ମହାପାତ୍ର, ଡାକ୍ତର ରାକେଶ ୪-୧ରେ ଚେତନ ଆନନ୍ଦ ଓ ଚିରାଗ ଚମତ୍କାର ଖେଳ ପ୍ରଦର୍ଶନ କରି ୪-୧ରେ ଅଲତାଫ ଅଲୀଙ୍କୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ରାକେଶ ଓ ଆଶୁତୋଷଙ୍କ ମଧ୍ୟରେ ମୁକାବିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି।

## ■ ସର୍ବଭାରତୀୟ ପୁଲିସ ଆଥ୍‌ଲେଟିକ୍ ମିଟ୍
### ଦୁଇ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୩ ପଦକ

କଟକ,୧୩।୧୧(ସମିସ): ଦିଲ୍ଲୀରେ ଆୟୋଜିତ ସର୍ବଭାରତୀୟ ପୁଲିସ ଆଥଲେଟିକ ମିଟ୍‌ରେ ଓଡ଼ିଶାକୁ ଦୁଇ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ସହ ୩ଟି ପଦକ ମିଳିଛି। ୧୦୦ମିଟର ବାଧାଦୌଡ଼ରେ ସୁନ୍ଦରଗଡ଼ ଜିଲ୍ଲାର ସବିତା ଟପ୍ପୋ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲ ହିଟ୍‌କୁ ସେ ୧୪.୦୯ ସେକେଣ୍ଡରେ ଅତିକ୍ରମ କରି ଏହି ସଫଳତା ପାଇଥିଲେ। ରାଜ୍ୟ ନିମନ୍ତେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ସୁସ୍ମିତା ଟିଗା। ୩ହଜାର ମିଟର ଷ୍ଟିପଲଚେଜ୍‌ରେ ସେ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ଭୁବନେଶ୍ୱର ୮ମ ବାଟାଲିୟନର ଅଶୋକ ଦଣ୍ଡସେନା ୮୦୦ମିଟର ଦୌଡ ଫାଇନାଲ ରାଉଣ୍ଡକୁ ୧ ମିନିଟ ୫୦ ସେକେଣ୍ଡରେ ଶେଷ କରି ଅଶୋକ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ବିଜୟୀ



ସ୍ୱର୍ଣ୍ଣ ବିଜୟୀ ସବିତା ଟପ୍ପୋ (ମଝି)

ହୋଇଥିଲେ। ପ୍ରକାଶଯୋଗ୍ୟ, ଉକ୍ତ ପ୍ରତିଯୋଗିତାରେ ରାଜ୍ୟର ୧୮ଜଣିଆ ପୁଲିସ ଦଳ ଭାଗନେଇଛି। ୧୪ଜଣ ଖେଳାଳି ଏବଂ ୪ଜଣ ଅଫିସିଆଲ ରହିଛନ୍ତି। ଗୁରୁବାର ପ୍ରତିଯୋଗିତା ଉଦ୍‌ଯାପନୀ ହେବ। ଅନ୍ୟ ଇଭେଣ୍ଟରେ ଓଡ଼ିଶାର ଏକାଧିକ ପ୍ରତିଯୋଗୀ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏଣୁ ଓଡ଼ିଶାର ପଦକ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ଥିବା ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ■ ଏଟିପି ଫାଇନାଲ୍ସ
### ସିନର ବିଜୟୀ

ତୁରିନ୍,୧୩।୧୧(ଏଜେନ୍ସି): ଇଟାଲିର ତୁରିନରେ ଚାଲିଥିବା ବର୍ଷ ଶେଷର ସମ୍ମାନଜନକ ପୁରୁଷ ଟେନିସ ଟୁର୍ଣ୍ଣାମେଣ୍ଟ ଏଟିପି ଫାଇନାଲ୍ସରେ ବୁଧବାର ଖେଳାଯାଇଥିବା ମୁକାବିଲାରେ ସ୍ପେନ୍‌ର କାର୍ଲୋସ ଆଲକାରାଜ ଓ ଟପ୍ ସିଡ୍ ଇଟାଲିର ଜାନିକ ସିନର ସେମାନଙ୍କୁ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ବିଜୟ ହୋଇଛନ୍ତି।

### ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ; ଲକ୍ଷ୍ୟ ଆଉଟ୍

କୁମାମୋଟୋ,୧୩।୧୧(ଏଜେନ୍ସି): ଜାପାନର କୁମାମୋଟୋରେ ଚାଲିଥିବା ସୁପର ୫୦୦ ଜାପାନ ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ମହିଳା ଖେଳାଳି ପିଭି ସିନ୍ଧୁ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କିନ୍ତୁ ଉଦୀୟମାନ ପୁରୁଷ ଖେଳାଳି ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

## ହକି ଇଣ୍ଡିଆ ଲିଗ୍
# ସଞ୍ଜୟ ଦତ୍ତ ଟିମ୍ ଗୋନାସିକାର ଆମ୍ବାସାଡର୍

ଭୁବନେଶ୍ୱର, ୧୩।୧୧ (ସମିସ): ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୬ଷ୍ଠ ସଂସ୍କରଣ ଡିସେମ୍ବର ୨୮ରୁ ଆରମ୍ଭ ହେବ। ରାଉରକେଲାରେ ପୁରୁଷ ଲିଗ୍‌ର ସମସ୍ତ ମ୍ୟାଚ୍ ଖେଳାଯିବ। ଏଥିଲାଗି ବିଶାଖାପାଟଣାଭିତ୍ତିକ ଦଳ 'ଟିମ୍ ଗୋନାସିକା'ର ୱେବ୍‌ସାଇଟ୍ (www.teamgonasika.com) ଓ ଆନ୍ଥେମ ଟ୍ରାକ୍ ଉନ୍ମୋଚିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରରେ ହୋଇଥିବା ୱେବ୍‌ସାଇଟ୍ ଉନ୍ମୋଚନ କାର୍ଯ୍ୟକ୍ରମରେ ଟିମ୍‌ର ମାଲିକ ତାରା ପ୍ରସାଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥିଭାବେ ଉପସ୍ଥିତ ୱେବ୍‌ସାଇଟ୍ ଉନ୍ମୋଚନ



ଟିମ୍ ଗୋନାସିକାର ୱେବସାଇଟ୍ ଉନ୍ମୋଚନ ଅବସରରେ

କରିଥିଲେ। ଟିମ୍ ଗୋନାସିକାର ବରିଷ୍ଠ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିଭଳି ବଲିଉଡ୍ ତାରକା ସଞ୍ଜୟ ଦତ୍ତ 'ଟିମ୍ ଗୋନାସିକା'ର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଥିବା ଏହି ଅବସରରେ ଘୋଷଣା କରାଯାଇଥିଲା। ମୁମ୍ବାଇରୁ ଥାଇ ସଞ୍ଜୟ ଦତ୍ତ ଭର୍ଚୁଆଲି ମାଧ୍ୟମରେ ଦଳକୁ ଶୁଭେଚ୍ଛା ଜଣାଇବା ସହ ଟିମ୍ ଗୋନାସିକା ସହ ଯୋଡ଼ି ହେବା ଗର୍ବର ବିଷୟ ବୋଲି କହିଥିଲେ।

'ହକି ଇଣ୍ଡିଆ ଲିଗ୍‌ର ଆଗାମୀ ସଂସ୍କରଣ ଲାଗି ଟିମ୍ ଗୋନାସିକା ଦଳକୁ ଶୁଭେଚ୍ଛା। ଏଚ୍‌ଆଇଏଲ୍ ଯୁବ ଓ ପ୍ରତିଭାଧାରୀ ଖେଳାଳିଙ୍କୁ ଏକ ବଡ଼ ପ୍ଲାଟଫର୍ମ ଯୋଗାଇବ ଏବଂ ତାଙ୍କୁ ପ୍ରେରଣା ଯୋଗାଇବ। ଏଥିସହ ଦେଶରେ ହକିର ବିକାଶ ଲାଗି ଏକ ସୁନ୍ଦର ପଦକ୍ଷେପ' ବୋଲି ଦିଲୀପ ତିର୍କୀ ଏହି ଅବସରରେ କହିଥିଲେ। ପ୍ରକାଶଯୋଗ୍ୟ, ଟିମ୍ ଗୋନାସିକାର ମାଲିକ କେନ୍ଦୁଝରର ତାରିଣୀ ମହାନ୍ତି ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ ଗୋନାସିକା ପର୍ବତ ନାମରେ ନିଜ ଟିମ୍‌ର ନାମକରଣ କରିଛନ୍ତି। ଏହି ଦଳରେ ଓଡ଼ିଶାରୁ ବୀରେନ୍ଦ୍ରଙ୍କ ବ୍ୟତୀତ ଦୀପସାନ ତିର୍କୀ, ନୀଲମ ସଞ୍ଜୀପ ଖେସ୍ ଓ ଅନମୋଲ ଏକ୍କା ସ୍ଥାନ ପାଇଛନ୍ତି। ଯେହେତୁ ଓଡ଼ିଶାରୁ କଳିଙ୍ଗ ଲାନ୍ସର୍ସ ଦଳ ପ୍ରତିନିଧିତ୍ୱ କରୁଛି ତେଣୁ ଗୋନାସିକା ବିଶାଖାପାଟଣାରୁ ପ୍ରତିନିଧିତ୍ୱ କରିବ।

## ଶୀର୍ଷ ସ୍ଥାନକୁ ଫେରିଲେ ଆଫ୍ରିଦି

ଦୁବାଇ,୧୩।୧୧(ଏଜେନ୍ସି): ପାକିସ୍ତାନ ଅଭିଜ୍ଞ ଦ୍ରୁତ ବୋଲର ଶାହିନ ଶାହା ଆଫ୍ରିଦି ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦିନିକିଆ ମାନ୍ୟତାରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ସେ ବୋଲିଂ ତାଲିକାର ନଂ ୧ ସ୍ଥାନ ଅଧିକାର କରିଛନ୍ତି।

## ■ ଟି-୨୦, ଦିନିକିଆ ମହିଳା କ୍ରିକେଟ୍ ସିରିଜ୍
### ଭାରତ ଗସ୍ତରେ ଆସିବ ୱେଷ୍ଟଇଣ୍ଡିଜ, ଆୟର୍ଲାଣ୍ଡ

ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି): ଘରୋଇ ଭାରତୀୟ ଦଳ ବିପକ୍ଷରେ ସୀମିତ ଓଭର ସିରିଜ ଖେଳିବା ଲାଗି ଡିସେମ୍ବରରେ ୱେଷ୍ଟଇଣ୍ଡିଜ ଓ ଜାନୁଆରୀରେ ଆୟର୍ଲାଣ୍ଡ ମହିଳା କ୍ରିକେଟ୍ ଦଳ ଭାରତ ଗସ୍ତରେ ଆସିବ। ପ୍ରଥମେ ଡିସେମ୍ବର ୨ୟ ସପ୍ତାହରେ ୱେଷ୍ଟଇଣ୍ଡିଜ ମହିଳା କ୍ରିକେଟ୍ ଦଳ ଭାରତ ଆସିବ। ଏହି ଗସ୍ତରେ ଘରୋଇ ଭାରତୀୟ ମହିଳା ଦଳ ବିପକ୍ଷରେ ୩ଟି ଲେଖାଏ ଟି-୨୦ ଓ ଦିନିକିଆ ମ୍ୟାଚ୍ ଖେଳିବ। ବରୋଦାରେ ଟି-୨୦ ଓ ନଭି ମୁମ୍ବଇରେ ଦିନିକିଆ ସିରିଜ ଖେଳାଯିବ। ଏହାପରେ ଆୟର୍ଲାଣ୍ଡ ମହିଳା ଦଳ ଜାନୁଆରୀ ପ୍ରଥମ ସପ୍ତାହରେ ଭାରତ ଆସି ଘରୋଇ ଦଳ ବିପକ୍ଷରେ କେବଳ ୩ ମ୍ୟାଚବିଶିଷ୍ଟ ଦିନିକିଆ ସିରିଜ ଖେଳିବ। ରାଜକୋଟରେ ଏହି ୩ଟି ଯାକ ମ୍ୟାଚ୍ ଅନୁଷ୍ଠିତ ହେବ। ତେବେ ୱେଷ୍ଟଇଣ୍ଡିଜ ସିରିଜ ପୂର୍ବରୁ ଭାରତୀୟ ମହିଳା ଦଳ ଘରୋଇ ମାଟିରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ୩ଟି ଦିନିକିଆ (ଡିସେମ୍ବର ୫, ୮ ଓ ୧୧ ତାରିଖ) ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।



# କ୍ରୀଡ଼ା





## ସଞ୍ଜୁଙ୍କ ରେକର୍ଡ ଶୂନ, ରମଣଦୀପ୍‌ଙ୍କ ପଦାର୍ପଣ




**ସେଞ୍ଚୁରିଆନ୍,୧୩।୧୧(ଏଜେନ୍ସି):** ଭାରତର ୱିକେଟ ରକ୍ଷକ ସଞ୍ଜୁ ସାମସନ ଏଠାରେ ବୁଧବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟି-୨୦ରେ ଶୂନ୍ ରନ୍‌ରେ ଆଉଟ ହୋଇଛନ୍ତି। ଭାରତର ପ୍ରଥମ ଖେଳାଳି ଭାବେ କ୍ରମାଗତ ଟି-୨୦ ମ୍ୟାଚ୍‌ରେ ଶତକ (୧୧୧ ବନାମ ବାଂଲାଦେଶ ଓ ୧୦୭ ବନାମ ଦ.ଆଫ୍ରିକା, ପ୍ରଥମ ଟି-୨୦) ହାସଲ କରିବା ପରେ ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍‌ରେ ଖାତା ଖୋଲିବାରେ ସମର୍ଥ ହୋଇପାରି ନାହାନ୍ତି। ସେହିପରି ଜଣେ ଭାରତୀୟ ୱିକେଟରକ୍ଷକ ଭାବେ ଟି-୨୦ରେ ସେ ସର୍ବାଧିକ ୫ଥର ଶୂନ ରନ୍‌ରେ ଆଉଟ ହେବାର ରେକର୍ଡ କରିଛନ୍ତି। ଭାରତୀୟ ୱିକେଟରକ୍ଷକ ଭାବେ ଋଷଭ ପନ୍ତ୍ ୪ଥର, ଏମ୍‌ଏସ୍ ଧୋନି, ଇଶାନ କିସାନ, ଜିତେଶ ଶର୍ମା ଓ ଲୋକେଶ ରାହୁଲ ଥରେ ଲେଖାଏଁ ଶୂନ୍‌ରେ ଆଉଟ ହୋଇଛନ୍ତି। ସେହିପରି ପଞ୍ଜାବ ତଥା କୋଲକାତା ନାଇଟ୍ ରାଇଡର୍ସର ଅଲରାଉଣ୍ଡର ୨୭ ବର୍ଷିୟ ରମଣଦୀପ୍ ସିଂ ଏଠାରେ ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି। ଘରୋଇ କ୍ରିକେଟରେ ସେ ୫୭ଟି ଟି-୨୦ରୁ ୫୪୪ ରନ୍ କରିବା ସହ ୧୬ଟି ୱିକେଟ ନେଇଛନ୍ତି। ଆଇପିଏଲ୍‌ରେ ୧୪ଟି ମ୍ୟାଚ୍‌ରୁ ୧୨୫ ରନ୍ କରିଛନ୍ତି।

## ଭାରତ-ଦକ୍ଷିଣ ଆଫ୍ରିକା ତୃତୀୟ ଟି-୨୦

# ବର୍ମାଙ୍କ ଶତକ, ଶର୍ମାଙ୍କ ଅର୍ଦ୍ଧଶତକ

**ସେଞ୍ଚୁରିଆନ,୧୩।୧୧(ଏଜେନ୍ସି):**

ଦୁଇ ବାମହାତି ଖେଳାଳି ତିଳକ ବର୍ମା ଓ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ବୁଧବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟି-୨୦ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ୬ ୱିକେଟରେ ୨୧୯ ରନ୍ କରିଛି। ହାଇଦ୍ରାବାଦ୍ ତଥା ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳୁଥିବା ୨୨ ବର୍ଷିୟ ବର୍ମା ୫୧ ବଲ୍‌ରେ ପ୍ରଥମ ଅନ୍ତର୍ଜାତୀୟ ଟି-୨୦ ଶତକ ସହ ୫୬ ବଲରେ ୧୦୭ ରନ୍ କରି ଅପରାଜିତ ରହିଛନ୍ତି। ଅନ୍ୟ ପକ୍ଷରେ ପଞ୍ଜାବ ତଥା ସନ୍‌ରାଇଜର୍ସ ହାଇଦ୍ରାବାଦ୍‌ର ୨୪ ବର୍ଷିୟ ଶର୍ମା ୨୪ ବଲ୍‌ରେ ଅର୍ଦ୍ଧଶତକ ସହ ୨୫ ବଲ୍‌ରେ ୫୦ ରନ୍ କରି ଆଉଟ ହୋଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ୧୬ ବଲ୍‌ରେ ୧୮ ଓ ଏଠାରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ରମଣଦୀପ ସିଂ ୬ ବଲ୍‌ରେ ୧୫ ରନ୍ କରିବା ସହ ଦୁଇ ଅଙ୍କ ଛୁଇଁବାରେ ସମର୍ଥ ହୋଇଛନ୍ତି। ଜବାବରେ ୧ ଓଭର ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା କୌଣସି ୱିକେଟ ହରାଇ ୭ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ରୀଜା ହେଣ୍ଡ୍ରିକ୍ସ ୫ ଓ ର୍‌ୟାନ୍ ରିକେଲଟନ ୨ ରନ୍‌ରେ ବ୍ୟାଟିଂ କରୁଥିଲେ। ପ୍ରଥମ ଓଭର ଖେଳ ଶେଷ ପରେ ପଡ଼ିଆରେ ପୋକ ପଶିଯିବାରୁ ଖେଳ ବାଧାପ୍ରାପ୍ତ ହୋଇଥିଲା।

### ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ

ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ଆଇଡେନ୍ ମାର୍କରାମ ପୁଣିଥରେ ଟସ୍ ଜିତିବା ପରେ ଭାରତକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲେ। ଖେଳର ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ସଞ୍ଜୁ ସାମସନଙ୍କୁ ୦ରନ୍‌ରେ ବୋଲ୍ଡ କରି ମାର୍କୋ ଜାନସେନ ଘରୋଇ ଦଳକୁ ପ୍ରଥମ ବ୍ରେକ୍‌ଥ୍ରୁ ଦେଇଥିଲେ। ଏହା ପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ପଛରେ ପକାଇ ନଂ-୩ରେ ବ୍ୟାଟିଂ କରିବାକୁ ଆସିଥିବା ତିଳକ ବର୍ମା ଓ ଅଭିଷେକ ଶର୍ମା ବିସ୍ଫୋରକ ବ୍ୟାଟିଂ କରି ଘରୋଇ ଦକ୍ଷିଣ ଆଫ୍ରିକାକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ବର୍ମା ଓ ଶର୍ମା ଦ୍ୱିତୀୟ ୱିକେଟ ଯୋଡିରେ ୫୨ ବଲ୍‌ରୁ ୧୦୭ ରନ୍ ଉଠାଇ ଭାରତ ଲାଗି ଏକ ବଡ଼ ସ୍କୋରର ମୂଳଦୁଆ ପକାଇଥିଲେ। ଭାରତ ଇନିଂସର ୯ମ ଓଭରରେ ଶର୍ମା ୨୪ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବାର ପର ବଲ୍‌ରେ କେଶବ ମହାରାଜଙ୍କୁ ଆଉ ଏକ ବଡ଼ ସଟ୍ ମାରିବାକୁ ଯାଇ ଷ୍ଟମ୍ପ ଆଉଟ ହୋଇଯାଇଥିଲେ। ସେ ମୋଟ ୨୫ ବଲ୍‌ରୁ ୩ ଚୌକା ଓ ୫ଛକା ସହ ୫୦ ରନ୍ କରି ଫର୍ମକୁ ଫେରିବାର ସୂଚନା ଦେଇଥିଲେ। ତାଙ୍କ ଆଉଟ ସହ ଭାରତର କ୍ରମାଗତ ୱିକେଟ ପତନ ଘଟିଥିଲା। କିନ୍ତୁ ୩୨ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ତିଳକ ବର୍ମାଙ୍କ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲା। ସେ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରି ୫୧ ବଲ୍‌ରେ ୧୦୦ ରନ୍ ପୂରଣ କରିବା ସହ ଟି-୨୦ ଜୀବନର ପ୍ରଥମ ତଥା ଭାରତର ଦ୍ୱାଦଶ ଖେଳାଳିଭାବେ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଥିଲେ। ସେ ମୋଟ ୫୬ ବଲ୍ ଖେଳି ୮ ଚୌକା ଓ ୭ ଛକା ସହ ୧୦୭ ରନ୍‌ରେ ଶେଷଯାଏ ଅପରାଜିତ ରହିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୧୬ ବଲ୍‌ରେ ୧୮ ଓ ରମଣଦୀପ ସିଂ ୬ବଲ୍‌ରେ ୧୫ ରନ୍ କରିବା ଫଳରେ ଭାରତ ୨୧୯ ରନ୍‌ର ବିଶାଳ ସ୍କୋର କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ସୁନ୍ଦର ବୋଲିଂ କରିଥିବା ମାର୍କୋ ଜାନସେନ ଓ କେଶବ ମହାରାଜ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି।

### ପୋକ ଯୋଗୁ ଖେଳ ବାଧାପ୍ରାପ୍ତ

ଭାରତ- ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ତୃତୀୟ ଟି-୨୦ ମ୍ୟାଚ୍‌ରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଦକ୍ଷିଣ ଆଫ୍ରିକା ପାଳିର ପ୍ରଥମ ଓଭର ପରେ ପଡିଆରେ ବହୁ ସଂଖ୍ୟାରେ ଫ୍ଲାଇଂ ଆଣ୍ଟ୍ ବା ପୋକ ଉଡୁଥିବାର ଦେଖାଯାଇଥିଲା। ଫଳରେ ବୋଲିଂ ଓ ଫିଲ୍ଡିଂ କରିବାରେ ସମସ୍ୟା ହୋଇଥିଲା ଏବଂ ଖେଳକୁ କିଛି ସମୟ ସ୍ଥଗିତ ରଖାଯାଇଥିଲା। ଦକ୍ଷିଣ ଆଫ୍ରିକାରେ ବର୍ଷାଋତୁ ପରେ ସାଧାରଣତଃ ଏହି ପୋକ ଦେଖାଯାଇଥାନ୍ତି। ପୋକଗୁଡିକ ସାଥି ଖୋଜିବା ସହ ନୂଆ ବସା ବାନ୍ଧିବା ପାଇଁ ଏପରି ଉଡି ବୁଲିଥାନ୍ତି। ବର୍ଷା ପରେ ଯେତେବେଳେ ପାଗ ଉଷ୍ମ, ଆଦ୍ର ରହିଥାଏ ଓ ହାଲକା ପବନ ବୋହିଥାଏ ସେତେବେଳେ ଏହି ପୋକ ପ୍ରବଳମାତ୍ରାରେ ଦେଖା ଦେଇଥାନ୍ତି।



ତିଳକ ବର୍ମା
ରନ୍ - ୧୦୭*
ବଲ୍ - ୫୬
ଚୌକା-୮
ଛକା- ୭

■ କୁଚ୍ ବେହାର ଟ୍ରଫି

## ସୌଭାଗ୍ୟଙ୍କୁ ୫ ୱିକେଟ; ଓଡ଼ିଶା ଆଗୁଆ





**କଟକ/ବରଗଡ଼,୧୩।୧୧(ସମିସ):** ବିସିସିଆଇ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ବାଳକ କୁଚ୍ ବେହାର ଟ୍ରଫିର ଦ୍ୱିତୀୟ ଲିଗ୍ ମ୍ୟାଚ ବୁଧବାରଠାରୁ ଆରମ୍ଭ ହୋଇଛି। ଏହିକ୍ରମରେ ବରଗଡ଼ ବିକାଶ ଗ୍ରାଉଣ୍ଡରେ ମେଘାଳୟକୁ ଭେଟିଛି ଘରୋଇ ଓଡ଼ିଶା। ପ୍ରଥମ ଦିବସର ଖେଳ ଓଡ଼ିଶା ଅକ୍ତିଆରରେ ରହିଛି। ଟସ୍ ଜିତି ବ୍ୟାଟିଂ କରିଥିବା ମେଘାଳୟ ମାତ୍ର ୯୬ ରନରେ ଅଲଆଉଟ ହୋଇଥିଲା। ଓପନର ଶୁଭମ ସର୍ବାଧିକ ୪୩ ରନ କରିଥିଲେ। ଓଡ଼ିଶା ପକ୍ଷରୁ ସୌଭାଗ୍ୟ ଓଝା ୨୩ ରନ ବିନିମୟରେ ୫ଟି ୱିକେଟ ଅକ୍ତିଆର କରିଥିଲେ।

କ୍ରୀଷ୍ଣା ମହାନ୍ତି, ଅଭିଷେକ ସିଂହ ୨ଟି ଲେଖାଏ ଏବଂ ସମ୍ବିତ ବେଜା ଗୋଟିଏ ୱିକେଟ ହାସଲ କରିଛନ୍ତି। ଜବାବରେ ଓଡ଼ିଶା ୩ ୱିକେଟ ହରାଇ ୧୮୬ ରନ କରିବା ସହ ପ୍ରଥମ ପାଳିରେ ୯୦ ରନରେ ଆଗୁଆ ରହିଛି। ପ୍ରୟାନ ସାମଲ ୬୯ ଏବଂ ବିଶ୍ୱଜିତ ପ୍ରଧାନ ୪୮ ରନରେ ଆଉଟ ହୋଇଛନ୍ତି। ଅଧିନାୟକ ଶ୍ରେୟାଂଶ ଭରଦ୍ୱାଜ ୫୩ ଏବଂ ସମ୍ବିତ ବେଜା ୭ ରନରେ ଅପରାଜିତ ଅଛନ୍ତି।

## ‘ଭାରତ ସହ ପାକିସ୍ତାନ କ୍ରିକେଟ ଖେଳିବା ଅନୁଚିତ୍’

**କରାଚି,୧୩।୧୧(ଏଜେନ୍ସି):** ପାକିସ୍ତାନ ସହ ଭାରତ ଆଦୌ କ୍ରିକେଟ ଖେଳିବା ଉଚିତ ନୁହେଁ ବୋଲି ପାକିସ୍ତାନର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ରସିଦ୍ ଲତିଫ୍ କହିଛନ୍ତି। ପାକିସ୍ତାନରେ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଟ୍ରଫିରେ ଭାଗନେବାକୁ ଭାରତ ମନା କରିବା ଓ ଏହାକୁ ନେଇ ଟୁର୍ଣ୍ଣାମେଣ୍ଟ ପାକିସ୍ତାନ ବାହାରକୁ ଚାଲିଯିବାରଆଶଙ୍କା ପରେ ଲତିଫ୍ ଏହା କହିଛନ୍ତି। ଏହି ଆଶଙ୍କାରେ ମଧ୍ୟ ପାକିସ୍ତାନ କ୍ରିକେଟ ବୋର୍ଡ ଓ କ୍ରିକେଟପ୍ରେମୀ କ୍ଷୁବ୍ଧ ହୋଇଛନ୍ତି। ଏହାକୁ ଲକ୍ଷ୍ୟ କରି ଲତିଫ କହନ୍ତି ଭାରତ ଓ ପାକିସ୍ତାନ ନିଜ ମଧ୍ୟରେ ବିବାଦ ନ ତୁଟାଇବା ଯାଏ ଉଭୟଙ୍କୁ କୌଣସି ପ୍ରକାର ମେଜର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଅନୁମତି ନ ଦେବାକୁ ସେ ଆଇସିସିକୁ ଅନୁରୋଧ କରିଛନ୍ତି। କ୍ରିକେଟ ଖେଳରେ ରାଜନୈତିକ ହସ୍ତକ୍ଷେପ ଯୋଗୁ ୨୦୨୩ରେ ଶ୍ରୀଲଙ୍କା ଓ ୨୦୧୯ରେ ଜିମ୍ବାୱେକୁ ଆଇସିସି ବାସନ୍ଦ କରିଥିଲା। ଭାରତ ଓ ପାକିସ୍ତାନ ଉପରେ ଆଇସିସି ଏପରି ନିଷ୍ପତ୍ତି କାହିଁକି ନେଉ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଲତିଫ୍‌ଙ୍କ କ୍ଷୋଭ ନିଶ୍ଚିତଭାବେ ଉଭୟ ଦେଶର କ୍ରିକେଟପ୍ରେମୀ ଗ୍ରହଣ କରିବେ। କିନ୍ତୁ ପାକିସ୍ତାନ ସରକାରଙ୍କ ଆତଙ୍କବାଦୀ ପ୍ରୋତ୍ସାହନ ନୀତି ସମ୍ପର୍କରେ ନିରବ କାହିଁକି? ଲତିଫ ମଧ୍ୟ ଜାଣିରଖିବା ଉଚିତ ଯେ ଭାରତୀୟ ପ୍ରାୟୋଜକ ଓ ଦର୍ଶକଙ୍କ ଯୋଗୁ କ୍ରିକେଟ ଖେଳ ଏତେ ଲୋକପ୍ରିୟ ଓ କ୍ରିକେଟ ସଂଗଠନ ବିତ୍ତଶାଳୀ ହୋଇପାରିଛନ୍ତି। ପାକିସ୍ତାନ ସରକାର କ୍ରିକେଟପ୍ରେମୀଙ୍କ ଲାଗି ଆତଙ୍କବାଦୀ କାର୍ଯ୍ୟକଳାପକୁ ବନ୍ଦ କଲେ ଲତିଫ୍‌ଙ୍କ ସ୍ୱପ୍ନ ପୂରଣ ହୋଇପାରିବ।

## କନିଷ୍ଠ ବିଶ୍ୱ ଟେନିସ ରାଙ୍କିଙ୍ଗ୍‌ରେ ଆହାନ ମିଶ୍ର

**ଭୁବନେଶ୍ୱର, ୧୩।୧୧ (ସମିସ):** ଓଡ଼ିଶାର ଉଦୀୟମାନ ବାଳକ ଖେଳାଳି ଆହାନ ମିଶ୍ରଙ୍କୁ କନିଷ୍ଠ ବିଶ୍ୱ ଟେନିସ ରାଙ୍କିଙ୍ଗ୍‌ରେ ସ୍ଥାନ ମିଳିଛି। ଆଫ୍ରିକା ସର୍କିଟ ଆଇଟିଏଫ୍ ଟୁର୍ଣ୍ଣାମେଣ୍ଟରେ ଉନ୍ନତ ପ୍ରଦର୍ଶନ କରି ଆହାନ ବିଶ୍ୱ ୧୮ ବର୍ଷରୁ କମ୍ ଏକକ ରାଙ୍କିଙ୍ଗ୍‌ରେ ୫୮୧ତମ ସ୍ଥାନରେ ରହିଛନ୍ତି। ଆଫ୍ରିକା ଟୁର୍‌ରେ ୨ଟି ଟାଇଟଲ ଜିତିବା ପରେ ତାଙ୍କୁ ମିଳିଥିବା ୫ଟି ଆଇଟିଏଫ୍ ପଏଣ୍ଟ ଯୋଗୁ ଏହା ସମ୍ଭବ ହୋଇଛି। ରାଙ୍କିଙ୍ଗ ମିଳି ନ ଥିଲାବେଳେ ଆହାନ ତାଙ୍କଠାରୁ ଏକାଧିକ ଅଧିକ ରାଙ୍କିଙ୍ଗ୍ ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ଯୁଗଳରେ ମଧ୍ୟ ସେ ଜଣେ ସଫଳ ଖେଳାଳିଭାବେ ବିବେଚିତ ହୋଇଛନ୍ତି। ୧୪ ବର୍ଷରୁ କମ୍ ବର୍ଗରେ ଖେଳୁଥିବା ଏହି ଉଦୀୟମାନ ଖେଳାଳି ଓଡ଼ିଶା ଟେନିସ ଏକାଡେମୀରେ ସନ୍ତୋଷ ମଲିକଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।



'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ଭିଡିଓ ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର | ୩ ବର୍ଷର ଅଭିଜ୍ଞତା |
| ୫) ଏସ୍‌ଇଓ (ଡିଜିଟାଲ୍) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ଡିସେମ୍ବର ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।
*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ବା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

## ଧୋନିଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟର ନୋଟିସ୍

**ରାଞ୍ଚି, ୧୩।୧୧ (ଏଜେନ୍ସି):** ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ପାଇଁ ଅଡୁଆ ବଢ଼ିଛି। ଏକ ବ୍ୟବସାୟିକ ଠକେଇ ମାମଲାରେ ଝାଡ଼ଖଣ୍ଡ ହାଇକୋର୍ଟ ଧୋନିଙ୍କୁ ନୋଟିସ୍ କରିଛନ୍ତି। ଧୋନିଙ୍କ ପୂର୍ବତନ ବ୍ୟବସାୟିକ ପାର୍ଟନର ମିହିର ଦିବାକର ଓ ସୌମ୍ୟ ଦାସ ଉଭୟ ମିଶି ତାଙ୍କ ବିରୋଧରେ କେସ୍ କରିଥିଲେ। ବାସ୍ତବରେ ‘ଆର୍କା ସ୍ପୋର୍ଟ୍ସ ଆଣ୍ଡ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ୍’ ନାମକ ଏକ କମ୍ପାନୀ ସହ ଏହି ମାମଲା ଜଡ଼ିତ, ଯେଉଁଥିରେ ମିହିର ଓ ସୌମ୍ୟ ନିର୍ଦ୍ଦେଶକ ଥିଲେ। ‘ଏମ୍‌ଏସ୍ ଧୋନି’ଙ୍କ ନାମରେ ଭାରତ ଓ ବିଦେଶରେ କ୍ରିକେଟ୍ ଏକାଡେମୀ ଚଲାଇବା କମ୍ପାନୀର କାମ ଥିଲା। ଧୋନି ଉଭୟଙ୍କ ବିରୋଧରେ ୧୫ କୋଟି ଟଙ୍କାର ଠକେଇ ଅଭିଯୋଗ କରିଥିଲେ। କିନ୍ତୁ ସୌମ୍ୟ ଓ ମିହିର ଉଭୟ ଧୋନିଙ୍କ ବିରୋଧରେ ପାଲଟା କେସ୍ କରିଥିଲେ।

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ
4th Anniversary
ଦୈନିକ 'ସକାଳ'ର ଚତୁର୍ଥ ସ୍ୱନକ୍ଷତ୍ର ଅବସରରେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୪
Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India
In Association with
SRI VINAYAKA CLASSES
SINCE 2006
BHUBANESWAR
୧୭ ନଭେମ୍ବର ୨୦୨୪
ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ
ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ। ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।
ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୪.୧୫ ● ପାଉଣ୍ଡ ୧୦୭.୦୩
- ୟୁରୋ ୮୯.୧୫ ● ୟେନ୍ ୦.୫୪

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୭୧,୦୨୦ (ନୂଆଦିଲ୍ଲୀ)
- ରୁପା : ୯୪,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୬୯୦.୦୦
- ନିଫ୍ଟି ୨୩,୫୫୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ସେୟାର ବଜାର ଦେଉଛି ଝଟ୍‌କା

**ଦୁଇ ଦିନରେ ୧୩ ଲକ୍ଷ କୋଟି ହରାଇଲେ ନିବେଶକ**

**୫ ଦିନ ଧରି ବଜାର କାରବାର ଧ୍ୱସ୍ତ**

**ବୁଧବାର ସେନ୍‌ସେକ୍ସ ୧୦୦୦ ପଏଣ୍ଟ ଖସିଲା**

**୨ ମାସରୁ କମ୍ ସମୟରେ ସେନ୍‌ସେକ୍ସରେ ୮୩୦୦ ପଏଣ୍ଟ ହ୍ରାସ**

**ନିଫ୍ଟି ୧୦ ପ୍ରତିଶତ ଖସିଛି**

**ଖସିଲା ଅମ୍ବାନୀ ଆଦାନୀଙ୍କ ସେୟାର**

ମୁମ୍ବଇ,୧୩।୧୧(ଏଜେନ୍ସି): ପୁଣି ଖସିଲା ସେୟାର ବଜାର। ଭାରତୀୟ ପୁଞ୍ଜିବଜାର ଧରାଶାୟୀ। ହ୍ରାସ ଧାରାରେ ଲାଗୁନି ବ୍ରେକ୍। ବୁଧବାର କ୍ରମାଗତ ଭାବେ ୫ମ ଦିନ ପାଇଁ ଘରୋଇ ଷ୍ଟକ୍ ବଜାରରେ ହ୍ରାସ ଘଟିଛି। ଆଜି ଭାରତୀୟସେୟାରବଜାରଉପରେମଙ୍ଗଳବାର ଆସିଥିବା ମୁଦ୍ରାସ୍ଫୀତି ସମ୍ପର୍କିତ ରିପୋର୍ଟ ନିବେଶକଙ୍କ ଆଶଙ୍କା ବଢାଇଦେଇଛି। ଫଳରେ ବଜାରରେ ଏଭଳି ସ୍ଥିତି ଉପୁଜିଛି। ବିଶ୍ୱ ବଜାରରେ ଦୁର୍ବଳ ସ୍ଥିତି, ଡଲାର ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ ଏବଂ ବିଦେଶୀ ପୁଞ୍ଜିନିବେଶକାରୀଙ୍କ ଦ୍ୱାରା ପାଣ୍ଠି ପ୍ରତ୍ୟାହାର ଜାରି ରହିବା ଯୋଗୁ କ୍ରମାଗତ ଭାବେ ଘରୋଇ ବଜାରରେ କାରବାର ପ୍ରଭାବିତ ହୋଇଛି। ୨ ମାସରୁ କମ୍ ସମୟ ମଧ୍ୟରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ପାଖାପାଖି ୮୩୦୦ ପଏଣ୍ଟ ହ୍ରାସ ଘଟିଛି। ଆଉ ଏହି ସମୟ ମଧ୍ୟରେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୧୦ ପ୍ରତିଶତ ଖସିଛି। ନଭେମ୍ବର ମାସରେ ଏହି ସ୍ଥିତି ଆହୁରି ବିଗିଡିଯାଇଛି। କେବଳ ନଭେମ୍ବରରେ ବଜାର କାରବାର ଧ୍ୱସ୍ତ ହୋଇଯାଇଛି। ଯାହାର ଫଳସ୍ୱରୂପ ଏହି ମାସରେ ନିବେଶକମାନେ ୧୩ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ପରିସ୍ଥିତି ବର୍ତ୍ତମାନ ଏମିତି ଯେ, ବୁଧବାର କାରବାର ଶେଷ ବେଳକୁ ୩୦ ସେୟାର ବିଶିଷ୍ଟ ସେନସେକ୍ସରେ ପାଖାପାଖି ୧୦୦୦ ପଏଣ୍ଟ ହ୍ରାସ ଘଟିଛି। ବୁଧବାର ଖୋଲିବା ମାତ୍ର ହଠାତ୍ ସେନ୍‌ସେକ୍ସରେ ୧୭୦ ପଏଣ୍ଟ ପର୍ଯ୍ୟନ୍ତ ହ୍ରାସ ଘଟିଥିଲା। କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୯୮୪.୨୩ ପଏଣ୍ଟ କିମ୍ବା ୧.୨୫ ପ୍ରତିଶତ ହ୍ରାସ ଘଟି ୭୭,୬୯୦.୯୫



ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ନିଫ୍ଟିରେ ମଧ୍ୟ ୩୨୪.୪୦ ପଏଣ୍ଟ ବା ୧.୩୬ ପ୍ରତିଶତ ହ୍ରାସ ହୋଇ ୨୩,୫୫୯ ପଏଣ୍ଟରେ ବନ୍ଦ ହୋଇଛି। ଆଜିର ଏହି ହ୍ରାସ ଯୋଗୁ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସଠାରୁ ଗୌତମ ଆଦାନୀଙ୍କ ଆଦାନୀ ପୋର୍ଟ ପର୍ଯ୍ୟନ୍ତ ସେୟାରଗୁଡିକର ମୂଲ୍ୟରେ ବୃହତ୍ ହ୍ରାସ ଘଟିଥିଲା। ବଜାରରେ ହ୍ରାସକୁ ଦେଖି ସମସ୍ତ କ୍ଷେତ୍ରରେ ବିକ୍ରି ବଟା ଜୋରସୋରରେ ଜାରି ରହିଛି। ବୁଧବାର କାରବାରରେ ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ନିଫ୍ଟି ୫୦ରେ ୪୪ଟି ସେୟାର ଆଜି ଲାଲ୍ ସଙ୍କେତ ସହ ବନ୍ଦ ହୋଇଥିଲା। ନିଫ୍ଟିରେ ଆଜି ବୃଦ୍ଧି ଦେଖାଦେଇଥିବା ଶ୍ରେଷ୍ଠ ୫ ସେୟାର ମଧ୍ୟରେ ଏନ୍‌ଟିପିସି, ବଜାଜ ଫାଇନାନ୍ସ, ଏସିଆନ ପେଣ୍ଟସ, ଭାରତୀ ଏୟାରଟେଲ ଓ ଏଚ୍‌ଡିଏଫସି ବ୍ୟାଙ୍କ ରହିଛି। ସେପଟେ ବେଲ୍ , ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ହିଣ୍ଡାଲ୍‌କୋ, ହିରୋମୋଟୋ କର୍ପ ଓ ଆଇସର ମୋଟର୍ସର ସେୟାର ମୂଲ୍ୟର ଦ୍ରୁତ ହ୍ରାସ ଘଟିଛି। ବଜାରରେ ଦ୍ରୁତଗତିରେ ହ୍ରାସ ପାଇଁ ୨ଟି ବଡ କାରଣ ରହିଛି। ବିଦେଶୀ ନିବେଶକଙ୍କ ଲଗାତାର ସେୟାର ବିକ୍ରି ଓ ମୁଦ୍ରାସ୍ଫୀତିରେ ବୃଦ୍ଧି ଯୋଗୁ ଖୁଚୁରା ବଜାରରେ ମହଙ୍ଗା ମାଡ଼ରେ ସେୟାର ବଜାରରେ ହ୍ରାସ ଘଟିଛି। ଗତ କିଛି ଦିନ ଧରି ଏଫଆଇଆଇ ଭାରତୀୟ ବଜାରରେ ପାଣ୍ଠି ପ୍ରତ୍ୟାହାରେ ଜାରି ରଖିଛନ୍ତି।

ଘରୋଇ ବଜାରରେ ସମ୍ପ୍ରତି ସ୍ଥିତି ଏପରି ହୋଇଛି ଯେ, ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟି ସେପ୍ଟେମ୍ବରର ସର୍ବୋଚ୍ଚ ସ୍ତରଠାରୁ ୧୦ ପ୍ରତିଶତ ହ୍ରାସ ଘଟିଛି। ଗତ ୫ କାରବାର ଦିବସରେ ଉଭୟରେ ପ୍ରାୟ ଚାରି ପ୍ରତିଶତ ହ୍ରାସ ଘଟିଛି। ଆଜିର ପତନ ହେତୁ ନିବେଶକମାନେ ବଜାର କାରବାରରେ ପ୍ରାୟ ୭.୫ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଯଦି ସେନ୍‌ସେକ୍ସ ଏବଂ ନିଫ୍ଟି ସର୍ବୋଚ୍ଚ ସ୍ତରରୁ ୨୦ ପ୍ରତିଶତ ତଳକୁ ଖସିଯାଏ ତେବେ ଏହାକୁ ବିୟରିସ୍ ମାର୍କେଟ୍ ବୋଲି କୁହାଯିବ। ୧୦୦୦ କୋଟିରୁ ଅଧିକ ବଜାର ପୁଞ୍ଜି ଥିବା ୯୦୦ ରୁ ଅଧିକ ଷ୍ଟକ୍ ସେମାନଙ୍କର ୫୨ ସପ୍ତାହର ସର୍ବୋଚ୍ଚ ସ୍ତରଠାରୁ ଅତି କମରେ ୨୦ ପ୍ରତିଶତ ହ୍ରାସ ପାଇଛି। ଶେଷ ଥର ପାଇଁ ସେପ୍ଟେମ୍ବର ୨୭ରେ, ସେନ୍‌ସେକ୍ସ ୮୫,୯୭୮ ପଏଣ୍ଟ ସ୍ତର ଛୁଇଁଥିଲା।

## ଚାରୋଟି ପ୍ରମୁଖ ଆଇଏସ୍‌ଟିଏସ୍ ପ୍ରକଳ୍ପ ଅଧିଗ୍ରହଣ କଲା ପାୱାର ଗ୍ରୀଡ୍



ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି): ମହାରତ୍ନ କମ୍ପାନୀ ପାୱାର ଗ୍ରୀଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାର ଗ୍ରୀଡ୍) ସଫଳତାର ସହ ଚାରୋଟି ପ୍ରମୁଖ ଆଇଏସ୍‌ଟିଏସ୍ ଏସ୍‌ପିଭି ପ୍ରକଳ୍ପ ଅଧିଗ୍ରହଣ କରିଛି। ଏହି ୪ ପ୍ରକଳ୍ପ ହେଉଛି 'ଖାଭଡା ପିଏଓ୧ ଏବଂ ୩ ଟ୍ରାନ୍ସମିସନ୍ ଲିମିଟେଡ୍' ବାରମର ଟ୍ରାନ୍ସମିସନ୍ ଲିମିଟେଡ୍' ଯାହାକୁ କମ୍ପାନୀ ନିଲାମ ପ୍ରକ୍ରିୟାରେ ପିଏଫ୍‌ସି କନ୍‌ସଲ୍ଟିଂ ଲିମିଟେଡ୍ (ପିଏଫ୍‌ସିସିଏଲ୍) ଠାରୁ ହାସଲ କରିଛି। ଏହାଛଡା ଅବଶିଷ୍ଟ ଦୁଇଟି ପ୍ରକଳ୍ପ କମ୍ପାନୀ ଏସପିଭି ବିକାନିର ଏ ପାୱାର୍ ଟ୍ରାନ୍ସମିସନ୍ ଲିମିଟେଡ୍' ଏବଂ ବିକାନିର ବି ପାୱାର ଟ୍ରାନ୍ସମିସନ୍ ଲିମିଟେଡ୍‌କୁ ବିଡ୍ ପ୍ରକ୍ରିୟା ଜରିଆରେ ଆର୍‌ଇସି ପାୱାର ଡେଭଲପ୍‌ମେଣ୍ଟ ଆଣ୍ଡ କନସଲଟାନ୍ସି ଲିମିଟେଡ୍ (ଆର୍‌ଇସିପିଡିସିଏଲ) ଠାରୁ ହାସଲ କରିଛି। ୩୧ ଅକ୍ଟୋବର ସୁଦ୍ଧା ପାୱାର ଗ୍ରୀଡ୍ ୧,୭୮,୯୭୫ ସର୍କିଟ୍ କିଲୋମିଟର ଟ୍ରାନ୍ସମିସନ୍ ଲାଇନ୍, ୨୮୦ ସବ୍‌ଷ୍ଟେସନ୍ ଏବଂ ୫,୪୩,୯୬୧ ଏମ୍‌ଭିଏ ଟ୍ରାନ୍ସମିସନ୍ କ୍ଷମତାର ଆରମ୍ଭ କରିଛି।

## ବାଲିଯାତ୍ରା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ପ୍ରସ୍ତୁତି



ଭୁବନେଶ୍ୱର,୧୩।୧୧(ସିମସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ କଟକରେ ହେବାକୁ ଥିବା ବାଲିଯାତ୍ରା ମହୋତ୍ସବରେ ସୁରକ୍ଷିତ ଓ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଟିପିସିଓଡିଏଲ୍ ପକ୍ଷରୁ ବାଲିଯାତ୍ରା ମେଳା ପଡ଼ିଆର ସମଗ୍ର ୧୩୦ ଏକର ଜମିକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଷ୍ଟଲ୍ ମାଲିକଙ୍କ ପାଇଁ ପ୍ରାୟ ୧୦୦୦ ଅସ୍ଥାୟୀ ସଂଯୋଗ ବ୍ୟବସ୍ଥା କରାଯାଇଛି। ବାଲିଯାତ୍ରା ଉପର ଓ ତଳ ପଡ଼ିଆରେ ଭରସାଯୋଗ୍ୟ ଓ ସୁରକ୍ଷିତ ବିଜୁଳି ସୁନିଶ୍ଚିତ କରିବା ପାଇଁ ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ସବଷ୍ଟେସନଗୁଡ଼ିକୁ ସୁରକ୍ଷା ପ୍ରାଚୀର ଦ୍ୱାରା ଆବଦ୍ଧ କରିବା, ଖୋଲା କଣ୍ଡକ୍ଟରଗୁଡ଼ିକୁ ଏଲଟି ଏବିରେ ରୂପାନ୍ତରିତ କରିବା, ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଗ୍ନି ନିର୍ବାପକ ଯନ୍ତ୍ର ଲଗାଇବା ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ବାଲିଯାତ୍ରା ୨୦୨୪ ପାଇଁ ପ୍ରସ୍ତୁତି ସମ୍ପର୍କରେ ଟିପିସିଓଡିଏଲର ସିଇଓ ଅରବିନ୍ଦ ସିଂହ ସିଂହ କହିଛନ୍ତି ଯେ, 'ବାଲିଯାତ୍ରା ଆରମ୍ଭ ହେଉଥିବା ବେଳେ ଏହି ପାର୍ବଣ ଋତୁକୁ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ଓ ଆନନ୍ଦଦାୟକ ଅନୁଭୂତିରେ ପରିଣତ କରିବା ପାଇଁ ଟିପିସିଓଡିଏଲ୍ ସମର୍ପିତ।

## ଇଭୋସ୍‌ର ବାର୍ଷିକୋତ୍ସବ 'ଅଭୟା'

**ଶ୍ରୀ ଅରବିନ୍ଦ ସ୍କୁଲ୍‌ରେ 'ଡୋଲେରିୟମ୍ ଟ୍ରଷ୍ଟ' କାର୍ଯ୍ୟକ୍ରମ**



ଭୁବନେଶ୍ୱର, ୧୩।୧୧(ସମିସ): ଅଗ୍ରଣୀ ରିଅଲ୍ କମ୍ପାନୀ ଇଭୋସ୍ ବିଲ୍ଡକନ୍ ଏହାର ୧୫ତମ ବାର୍ଷିକୋତ୍ସବ 'ଅଭୟା' ପାଳନ କରିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଇଭୋସ୍ ବିଗତ ୧୫ ବର୍ଷରେ ହାସଲ କରିଥିବା ସଫଳତାରେ ଜଡିତ କର୍ମଚାରୀମାନଙ୍କୁ ସମ୍ମାନିତ କରିବା ସହ ଗ୍ରାହକଙ୍କର ସନ୍ତୁଷ୍ଟି ନିମନ୍ତେ ନିଜର ପ୍ରତିବଦ୍ଧତା ଏବଂ ଉତ୍କୃଷ୍ଟ ସେବା ଯୋଗାଇ ଏକ ମାଇଲଖୁଣ୍ଟରେ ପହଞ୍ଚିପାରିଛି। ଏହି ଅବସରରେ ଇଭୋସ୍ ବିଲ୍ଡକନ୍ର ଏମ୍‌ଡି କଳିଙ୍ଗ କେଶରୀ ରଥ କହିଛନ୍ତି, ବିଗତ ୧୫ବର୍ଷରେ ଗ୍ରାହକଙ୍କ ସହ ବିଶ୍ୱାସପୂର୍ଣ୍ଣ ସ୍ଥାୟୀ ସମ୍ପର୍କ ସ୍ଥାପନ କରିବା ଏବଂ ଉଚ୍ଚ ଗୁଣବତ୍ତାର ବାସସ୍ଥଳୀ ଯୋଗାଇଦେବା ଇଭୋସ୍ କାର୍ଯ୍ୟଶୈଳୀର କେନ୍ଦ୍ର ବିନ୍ଦୁ ଥିଲା। ଗ୍ରାହକଙ୍କ ଅଦମ୍ୟ ବିଶ୍ୱାସ ପାଇଁ ଆମେ କୃତଜ୍ଞ ଏବଂ ଗୁଣବତ୍ତା ଓ ନବସୃଜନ ସ୍ଥାପତ୍ୟ ଶିଳ୍ପ ମାନକ ବୃଦ୍ଧି କରିବା ନିମନ୍ତେ ଆମେ ପ୍ରତିଶ୍ରୁତିବଦ୍ଧ। ଏହି ସମାରୋହରେ ଭାରତୀୟ ପ୍ରଖ୍ୟାତ ଗୀତିକାର ପଣ୍ଡଦୀପ୍ ରାଜନ ଏବଂ ଅରୁଣିତା କାଞ୍ଜିଲାଲଙ୍କ ଚମତ୍କାର ସଙ୍ଗୀତ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା।

ପ୍ରତିଷ୍ଠା ଦିବସ ଅବସରରେ, ଡୋଲେରିୟମ୍ ଟ୍ରଷ୍ଟ ଅଧିନସ୍ଥ ଭୁବନେଶ୍ୱର ଶହିଦ୍ ନଗରରେ ଥିବା ଶ୍ରୀ ଅରବିନ୍ଦ ସ୍କୁଲ୍ ଅଫ୍ ଇଣ୍ଟିଗ୍ରେଟେଡ୍ ଏଜୁକେସନରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୨୬୦ ଜଣ ଛାତ୍ରଛାତ୍ରୀ ମାତ୍ର ୨ ମିନିଟ୍ ୨୪ ସେକେଣ୍ଡରେ ୫୩ଟି ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟାଳୟକୁ ଉଚ୍ଚାରଣ କରି ଇଣ୍ଡିଆନ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଡୋଲେରିୟମ୍ ଟ୍ରଷ୍ଟର ଦୂରଦର୍ଶିତା ଗୋଟିଏ ପ୍ରୋଜେକ୍ଟଠାରୁ ଊର୍ଦ୍ଧ୍ୱରେ। ସମ୍ପ୍ରଦାୟର ଉନ୍ନତି ଏବଂ ସ୍ଥାୟୀ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଏହା ଆରମ୍ଭ କରାଯାଇଥିବା ଶ୍ରୀ ରଥ କହିଛନ୍ତି।


## ଶୁଳ୍କକୁ ନେଇ ଭାରତ-ଟ୍ରମ୍ପ ମୁହାଁମୁହିଁ

**ଭାରତ ସବୁଠୁ ଅଧିକ ଆମଦାନୀ ଶୁଳ୍କ ଲଗାଉଥିବା ରାଷ୍ଟ୍ର:ଟ୍ରମ୍ପ**

ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି):ବିପଦରେ ଏବେ ଭାରତ-ଆମେରିକା ବାଣିଜ୍ୟ। କାରଣ ନିକଟରେ ଆମେରିକାର ରାଷ୍ଟ୍ରପତି ନିର୍ବାଚିତ ଡୋନାଲ୍ଡ ଟ୍ରମ୍ପ ଭାରତକୁ 'ସବୁଠାରୁ ବଡ' ଆମଦାନୀ ଶୁଳ୍କ ଲାଗୁ କରୁଥିବା ଦେଶ ବୋଲି କହିଥିଲେ। ଏହାପରେ

**'ଘରୋଇ ଶିଳ୍ପକୁ କ୍ଷତି ନ ହେଲେ ଶୁଳ୍କ ହଟାଇବୁ'**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ଘରୋଇ ଶିଳ୍ପକୁ କ୍ଷତି ପହଞ୍ଚାଉ ନ ଥିବା ଉତ୍ପାଦ ଉପରୁ ସେ ବର୍ଦ୍ଧିତ ଶୁଳ୍କ ପ୍ରତ୍ୟାହାର କରିପାରନ୍ତି। ରିପବ୍ଲିକ୍ ମିଡିଆ ନେଟୱାର୍କ ଦ୍ୱାରା ଆୟୋଜିତ ଏକ



କାର୍ଯ୍ୟକ୍ରମରେ ସୀତାରମଣ କହିଛନ୍ତି, ଆମେ ସେହି ଉତ୍ପାଦଗୁଡିକ ଉପରୁ ବର୍ଦ୍ଧିତ ଶୁଳ୍କ ହଟାଇଦେବୁ, ଯଦି ଏହାଉଦ୍ଦେଶ୍ୟମୂଳକଭାବେ କିମ୍ବା ଅଜାଣତରେ ଆମର ଉତ୍ପାଦନ କ୍ଷମତାକୁ କ୍ଷତି ପହଞ୍ଚାଇବନାହିଁ। ତେଣୁ ଦୁହିଁଙ୍କ ମଧ୍ୟରେ ଏକ ସନ୍ତୁଳନ ବଜାୟ ରଖିବାକୁ ଆମେ ଚାହୁଁଛୁ ବୋଲି ସୀତାରମଣ କହିଛନ୍ତି। ସ୍ଥାନୀୟଭାବରେ ସାମଗ୍ରୀ ଉତ୍ପାଦନ କରୁଥିବା ଘରୋଇ କମ୍ପାନୀଗୁଡିକର ସ୍ୱାର୍ଥ ରକ୍ଷା କରିବା ଆମର ଦାୟିତ୍ୱ। ଏହାସହ ଆମଦାନୀ ଉପରେ ନିର୍ଭରଶୀଳ ଥିବା ଲୋକଙ୍କୁ ମଧ୍ୟ ସନ୍ତୁଳନ ରକ୍ଷା କରିବାର ଆବଶ୍ୟକତା ରହିଛି। ଟ୍ରମ୍ପ ଅନେକ ଥର ଭାରତକୁ ସମାଲୋଚନା କରିଛନ୍ତି ଏବଂ ଏହାକୁ ଅଧିକ ଶୁଳ୍କ ଲାଗୁ କରୁଥିବା ଦେଶ ବୋଲି ବର୍ଣ୍ଣନା କରିଛନ୍ତି। ସେ ୨୦୨୦ ରେ ଭାରତକୁ 'ଶୁଳ୍କ ରାଜା' ବୋଲି କହିଥିଲେ। ନିକଟରେ ସେ ଭାରତକୁ ବିଦେଶୀ ସାମଗ୍ରୀ ଉପରେ ଶୁଳ୍କର ସବୁଠାରୁ ବଡ ଚାର୍ଜର ଏବଂ ଆମଦାନୀ ଶୁଳ୍କର 'ଅପବ୍ୟବହାରକାରୀ' ବୋଲି କହିଥିଲେ। ସେ ଏହା ମଧ୍ୟ କହିଛନ୍ତି ଯେ ଯଦି ସେ ପୁନଃ ନିର୍ବାଚିତ ହୁଅନ୍ତି, ତେବେ ଆମେରିକା ପ୍ରତିଶୋଧ ପରାୟଣ ହୋଇ ଶୁଳ୍କ ଲାଗୁ କରିବ।

## ଏଫ୍‌ଡିଆଇର ଅପବ୍ୟବହାର କରୁଛନ୍ତି କ୍ୱିକ୍ କମର୍ସ ପ୍ଲାଟଫର୍ମ

ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି): ଦେଶରେ କାର୍ଯ୍ୟରତ ବ୍ଲିଙ୍କିଟ୍, ଇନଷ୍ଟାମାର୍ଟ, ଜେପ୍ଟୋ, ସ୍ୱିଗି ଭଳି କ୍ୱିକ୍ କମର୍ସ ପ୍ଲାଟଫର୍ମଗୁଡକି ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗ (ଏଫ୍‌ଡିଆଇ)ର ଅପବ୍ୟବହାର କରୁଛନ୍ତି। ଏହି ସବୁ ପ୍ଲାଟ୍‌ଫର୍ମ ଭାରତୀୟ ଖୁଚୁରା ଅର୍ଥନୀତିର ମୂଳଦୁଆକୁ କମଜୋର କରୁଛି। କିରାନା ଷ୍ଟୋରଗୁଡିକୁ ଟାର୍ଗେଟ କରି ଏହି କ୍ୱିକ୍ କମର୍ସ ପ୍ଲାଟଫର୍ମଗୁଡିକ ନିୟାମକ ଆଇନର ଉଲ୍ଲଂଘନ କରୁଥିବା ଅଭିଯୋଗ କରି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (କ୍ୟାଟ୍) ପକ୍ଷରୁ ଏକ ଶ୍ୱେତପତ୍ର ଜାରି କରାଯାଇଛି। ଏକ ସାମ୍ବାଦିକ ସମ୍ମିଳନୀରେ କ୍ୟାଟ୍‌ର ଜାତୀୟ ସାଧାରଣ ସମ୍ପାଦକ



ତଥା ଚାନ୍ଦନୀଚୌକ ସାଂସଦ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି, ଏଭଳି ରଣନୀତି ଏକ ଅସମାନ ବଜାର ସୃଷ୍ଟି କରୁଛି। ଯାହାଫଳରେ ଦେଶରେ ରହିଥିବା ୩ କୋଟି କିରାନା ଷ୍ଟୋର ବଞ୍ଚିବା ପ୍ରାୟ ଅସମ୍ଭବ ହୋଇପଡିଛି। ଏହି ପ୍ଲାଟଫର୍ମଗୁଡିକ ଛୋଟ ଖୁଚୁରା ବ୍ୟବସାୟୀଙ୍କୁ ବଜାରରୁ ବାହାର କରିବଦେବା ପାଇଁ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ କ୍ୟାଟ୍ ନ୍ୟାସନାଲ ଚେୟାରମ୍ୟାନ୍ ବ୍ରିଜ୍ ମୋହନ ଅଗ୍ରୱାଲ୍, ଅଲ୍ ଇଣ୍ଡିଆ ମୋବାଇଲ୍ ରିଟେଲର୍ ଆସୋସିଏସନ୍ ଅଧ୍ୟକ୍ଷ କୈଳାସ ଲଖାନୀ ଓ ଅରବିନ୍ଦି ସିଂହ, ଦିଲ୍ଲୀ କ୍ୟାଟ୍ ସଭାପତି ବିପିନ୍ ଆହୁଜା, ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ସୁମିତ ଅଗ୍ରୱାଲ ଉପସ୍ଥିତ।

**କ୍ୟାଟ୍ ଜାରି କଲା ଶ୍ୱେତପତ୍ର**

**ସାଇନ୍ସ ଅଫ୍ ଦ ଟୋଟାଲ୍ ଏନ୍‌ଭାଇରନ୍‌ମେଣ୍ଟ ରିପୋର୍ଟ**

# ଭାରତୀୟ ହଳଦୀକୁ ନେଇ ଚିନ୍ତା ବଢୁଛି

- **ଭାରତର ପାଟନା, ପାକିସ୍ତାନ କରାଚି ଓ ପେଶାୱାରରେ ସୀସା ପରିମାଣ ବିପଜ୍ଜନକ ସ୍ଥିତିରେ**
- **ହୋଇପାରେ ବଡ଼ ସ୍ୱାସ୍ଥ୍ୟ ସମସ୍ୟା**

ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି): ଭାରତୀୟ ଖାଦ୍ୟରେ ବହୁ ପୁରାତନ କାଳରୁ ହଳଦୀର ବ୍ୟବହାର କରାଯାଉଛି। ଭାରତର ସୁବର୍ଣ୍ଣ ମସଲା କୁହାଯାଉଥିବା ହଳଦୀ ବହୁ ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ । କୌଣସି ରୋଷେଇ ହଳଦୀ ବିନା ଅସମ୍ପୂର୍ଣ୍ଣ ବୋଲି ଧରାଯାଏ ଏହା କେବଳ ଖାଦ୍ୟରେ ନୁହେଁ ପାରମ୍ପରିକ ଔଷଧରେ ମଧ୍ୟ ବ୍ୟବହୃତ ହୁଏ। ତେବେ ହଳଦୀରେ ଥିବା କର୍କୁମିନ୍ ନାମକ ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଶରୀରରେ ଅକ୍ସିଡେଟିଭ୍ ଚାପ ଏବଂ ପ୍ରଦାହକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ବର୍ତ୍ତମାନ ଏକ ଗବେଷଣାରୁ ଜଣାପଡିଛି ଯେ ଭାରତର କେତେକ ସ୍ଥାନରେ ହଳଦୀର ଗୁଣ ଖରାପ ରହିଛି। 'ସାଇନ୍ସ ଅଫ୍ ଦ ଟୋଟାଲ୍ ଏନ୍‌ଭାଇରନ୍‌ମେଣ୍ଟ' ପତ୍ରିକାରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତରେ ହଳଦୀରେ



ବିପଜ୍ଜନକ ସୀସା ଦେଖିବାକୁ ମିଳିଛି ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ।

'ସାଇନ୍ସ ଅଫ୍ ଦ ଟୋଟାଲ ଏନଭରମେଣ୍ଟ' ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ଭାରତର ପାଟନା ଏବଂ ପାକିସ୍ତାନର କରାଚି ଏବଂ ପେଶାୱାରରେ ଉପଲବ୍ଧ ହଳଦୀରେ ବିପଜ୍ଜନକ ସୀସା ରହିଥିବା ଜଣାପଡିଛି। ଯାହାକି ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ (ଏଫ୍‌ଏସ୍‌ଏସ୍‌ଏଆଇ) ହିସାବରେ ଏହା ୧୦ ମାଇକ୍ରୋଗ୍ରାମ୍/ଗ୍ରାମ ଧାର୍ଯ୍ୟ ପରିମାଣଠାରୁ ୨୦୦ ଗୁଣ ଅଧିକ ହେବ। ଗୌହାଟି ଏବଂ ଚେନ୍ନାଇରେ ହଳଦୀଗୁଣ୍ଡର ନମୁନାରେ ଅଧିକ ପରିମାଣରେ ସୀସା ମିଳିଛି। ତେବେ ଲକ୍ଷ୍ନୌ ଏବଂ ଇନ୍ଦୋରରୁ ମିଳିଥିବା ହଳଦୀ ନମୁନାର ମୂଲ୍ୟାଙ୍କନରେ ସୀସା ମିଳି ନ ଥିଲା । ତଥାପି ଏସବୁ ନମୁନାର ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଏଥିରେ 'ଲିଡ୍ କ୍ରୋମାଟ୍' ନାମକ ନମୁନା ମିଳିଛି, ଯାହାକି ପେଣ୍ଟ, ପ୍ଲାଷ୍ଟିକ୍, ରବର ଏବଂ ସେରାମିକ୍ ତିଆରିରେ ବ୍ୟବହୃତ ହୁଏ। ତେବେ ଲିଡ୍ । ସୀସାର ଅତ୍ୟଧିକ ବ୍ୟବହାର ବ୍ରେନ୍, ହାର୍ଟ ଏବଂ କିଡନୀ ଉପରେ ଗୁରୁତର ପ୍ରଭାବ ପକାଇଥାଏ। ସେହିପରି ଏହା ମସ୍ତିଷ୍କ ଉପରେ ପ୍ରଭାବ ପକାଇବା ବ୍ୟତୀତ ହୃଦ୍‌ଘାତ, କିଡନୀ ଫେଲ ଏବଂ ଷ୍ଟ୍ରୋକ୍‌ର ଆଶଙ୍କା ମଧ୍ୟ ବଢାଇଥାଏ। ଯଦି ସୀସା ଧାରଣ କରିଥିବା ହଳଦୀ ବହୁ ପରିମାଣରେ ବ୍ୟବହୃତ ହୁଏ, ତେବେ ଏହା ପିଲାମାନଙ୍କ ମସ୍ତିଷ୍କର ବିକାଶରେ ବାଧା ସୃଷ୍ଟି କରିପାରେ ଏବଂ ବୟସ୍କମାନଙ୍କଠାରେ ଥକ୍କା, ଉଚ୍ଚ ରକ୍ତଚାପ ଏବଂ ହଜମ ଜନିତ ସମସ୍ୟା ସୃଷ୍ଟି କରିଥାଏ।

## ନାଲ୍‌କୋର ଦ୍ୱିତୀୟ ତ୍ରୈମାସିକ ଫଳାଫଳ:ନିଟ୍ ଲାଭ ୧୦୬୨ କୋଟି

ଭୁବନେଶ୍ୱର,୧୩।୧୧(ସମିସ): କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ଼ (ନାଲକୋ) ଚଳିତବର୍ଷ ସେପ୍ଟେମ୍ବରରେ ଶେଷ ହୋଇଥିବା ତ୍ରୈମାସିକରେ ୪୧୫ ପ୍ରତିଶତ ଅଭିବୃଦ୍ଧି ସହ ୧୦୬୨ କୋଟି ଟଙ୍କାର ନିଟ୍ ଲାଭ ହାସଲ କରିଛି। ଆର୍ଥିକବର୍ଷ ୨୦୨୩-୨୪ର ଦ୍ୱିତୀୟ ତ୍ରୈମାସିକରେ



ଏହି ଲାଭ ୨୦୬ କୋଟି ଟଙ୍କା ଥିଲା। ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ବୋର୍ଡ ସ୍ତରୀୟବୈଠକରେରେକର୍ଡ କରାଯାଇଥିବା ଫଳାଫଳ ଅନୁଯାୟୀ, ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ମୋଟ ବ୍ୟବସାୟିକ ଆୟ ୪୦୦୧ କୋଟି ଟଙ୍କା, ଯାହା ଆର୍ଥିକବର୍ଷ ୨୦୨୩-୨୪ର ଦ୍ୱିତୀୟ ତ୍ରୈମାସିକରେ ୩୦୪୪ କୋଟି ଟଙ୍କା ଆୟ ତୁଳନାରେ ୩୨ ପ୍ରତିଶତ ଅଭିବୃଦ୍ଧି। ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ କମ୍ପାନୀ ଉନ୍ନତ ପ୍ରଦର୍ଶନ କରିବା ସହ ୧୯୯ ପ୍ରତିଶତ ଅଭିବୃଦ୍ଧି ସହ ମୋଟ ଲାଭ ୧୬୬୩ କୋଟି ଟଙ୍କା ହୋଇଛି ଯାହାକି ବିଗତ ଆର୍ଥିକବର୍ଷର ପ୍ରଥମାର୍ଦ୍ଧରେ ୫୫୬ କୋଟି ଟଙ୍କା ଥିଲା। ଉଲ୍ଲେଖନୀୟ ଯେ, ଚଳିତ ଆର୍ଥିକବର୍ଷର ପ୍ରଥମାର୍ଦ୍ଧରେ କମ୍ପାନୀ ଘରୋଇ ବଜାରରେ ୨,୨୧,୯୬୬ ମେଟ୍ରିକ ଟନ୍ ଧାତୁ ବିକ୍ରି କରିବାର ସର୍ବକାଳୀନ ରେକର୍ଡ ହାସଲ କରିଛି। ଦ୍ୱିତୀୟ ତ୍ରୈମାସିକର ଫଳାଫଳ ସମସ୍ତ କର୍ମଚାରୀ, ଅଂଶୀଦାର ଏବଂ ସହଯୋଗୀମାନଙ୍କ କଠିନ ପରିଶ୍ରମ, ଉତ୍ସର୍ଗୀକୃତତା ଏବଂ ବଜାର ପରିସ୍ଥିତି ସହ ଖାପ ଖୁଆଇବା ତଥା ସୁପରିଚାଳନା ଦିଗରେ ସାମୂହିକ ଦକ୍ଷତାର ପ୍ରମାଣ ବୋଲି ନାଲ୍‌କୋ ସିଏମ୍‌ଡି ସଞ୍ଜୟ ଲୋହିୟା କହିଛନ୍ତି।